


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୮ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 18 JANUARY 2024
Vol.No. 35 ■ No.18 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଲୋକାର୍ପିତ ହେଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

## ଆସିଲେନି ଶଙ୍କରାଚାର୍ଯ୍ୟ

ପୁରୀ, ୧୭/୧ (ନି.ପ୍ର): ପ୍ରତୀକ୍ଷାର ଅନ୍ତ ଘଟିଲା। ବହୁ ପ୍ରତିକ୍ଷୀତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପ ଲୋକାର୍ପିତ କରିଛନ୍ତି। ହେଲେ ପୁରୀ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କର ଦେଖା ମିଳିଲା ନାହିଁ। ତେବେ ଏଠି ପ୍ରଶ୍ନ ଉଠୁଛି, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ କାହିଁକି ଯୋଗଦେଲେନି ଶଙ୍କରାଚାର୍ଯ୍ୟ? ଏହାକୁ ନେଇ ନାନା ଚର୍ଚ୍ଚା ଲାଗି ରହିଥିବା ସ୍ପଷ୍ଟୀକରଣ ରଖିଛନ୍ତି ଗୋବର୍ଦ୍ଧନ ପୀଠର ଲୋକସମ୍ପର୍କ ଅଧିକାରୀ। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଯେତେବେଳେ ଲୋକାର୍ପଣ ଉତ୍ସବ ପାଇଁ ତାରିଖ ଧାର୍ଯ୍ୟ କରାଗଲା, ସେତେବେଳେ ନା ଜଗତଗୁରୁଙ୍କ ପରାମର୍ଶ ନିଆଯାଇଥିଲା ନା ତାଙ୍କୁ ପଚରା ଯାଇଥିଲା। ନିଶ୍ଚିତ ଭାବେ ଏଥିରେ ତ୍ରୁଟି ଘଟିଥିଲା। ବର୍ତ୍ତମାନ ପଶ୍ଚିମବଙ୍ଗ ଗଙ୍ଗା ସ୍ନାନ ଉତ୍ସବରେ ଶଙ୍କରାଚାର୍ଯ୍ୟ ମୁଖ୍ୟ ପୁରୋଧା ଭାବେ ସାମିଲ ହୋଇଛନ୍ତି। ସେଠାରୁ ଫେରିବା ପରେ ପରିଚାଳନା କମିଟି ସହ କଥା ହେବେ ବୋଲି କହିଛନ୍ତି ଗୋବର୍ଦ୍ଧନ ପୀଠର ଲୋକସମ୍ପର୍କ ଅଧିକାରୀ। ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପୂର୍ବରୁ ଗଜପତି ମହାରାଜା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶଙ୍କରାଚାର୍ଯ୍ୟଙ୍କ ପାଖକୁ ଯାଇ ନିମନ୍ତ୍ରଣ କରିଥିଲେ। ତେବେ ଏନେଇ ରାଜ୍ୟ ସରକାର କିମ୍ବା ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ଆଜି ସକାଳୁ ସକାଳୁ ଉତ୍ସବ ମୁଖରିତ ହୋଇଥିଲା ଶ୍ରୀକ୍ଷେତ୍ର। ତ୍ରିଦିନାତ୍ମକ ଯଜ୍ଞକୁଣ୍ଡରେ



ଆଚାର୍ଯ୍ୟମାନଙ୍କ ଦ୍ୱାରା ଘୃତାହୂତି ପ୍ରଦାନ ଚାଲିଥିଲା ତ ଅନ୍ୟପଟେ ନାମ ସଂକୀର୍ତ୍ତନରେ କଂପୁଥିଲା ନବନିର୍ମିତ ପରିକ୍ରମା ମାର୍ଗ। ଧିରେ ଧିରେ ଅତିଥିମାନଙ୍କ ଆଗମନ ଭିତରେ ପ୍ରକଳ୍ପ ସ୍ଥଳରେ ପହଞ୍ଚିଥିଲେ ମହାପ୍ରଭୁଙ୍କ ଆଦ୍ୟସେବକ ତଥା ଗଜପତି ମହାରାଜା ଦିବ୍ୟସିଂହ ଦେବ। ଠିକ ପରେ ପରେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀଙ୍କୁ ଖଣ୍ଡୁଆପାଟ ଦେଇ ସ୍ୱାଗତ କରାଯିବା ପରେ ପାଛୋଟି ନେଇଥିଲେ ଗଜପତି। ସେଠୁ ଉଭୟେ ସିଧା ପରିକ୍ରମା ପ୍ରକଳ୍ପ ଫଳକ ▶▶ପୃଷ୍ଠା ୭

# ପାକିସ୍ଥାନ ସୀମାରେ ପଶି ଇରାନର ଏୟାର ଷ୍ଟ୍ରାଇକ

ନୂଆଦିଲ୍ଲୀ, ୧୭/୧ : ଯେଉଁ ପାକିସ୍ତାନ ଅନ୍ୟ ଦେଶକୁ ନିଜ ଆତଙ୍କୀଙ୍କୁ ପଠାଇ ଆକ୍ରମଣ କରେ ଆଜି ସମାନ ସ୍ଥିତି ନିଜେ ଭୋଗୁଛି । ଆତଙ୍କୀଙ୍କୁ ସମର୍ଥନ କରୁଥିବା, ପ୍ରୋତ୍ସାହନ ଦେଉଥିବା ପାକିସ୍ଥାନରେ ପଶି ବଡ ଧରଣର ଆକ୍ରମଣ କରିଛି ଇରାନ । ସୁରକ୍ଷା ବଳ ଉପରେ ପୂର୍ବରୁ ବାରମ୍ବାର ଆକ୍ରମଣ କରୁଛି । ଏନେଇ ଇରାନ ବାରମ୍ବାର ଧମକ ଦେବା ସତ୍ୱେ ଆତଙ୍କୀ ସଂଗଠନ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି ପାକିସ୍ତାନ। ତେଣୁ ଏହାର ଜବାବ ଦେବାକୁ ଯାଇ ପାକିସ୍ଥାନ



ମିଳିଥିବା ସୂଚନା ଅନୁସାରେ ଜାନୁଆରୀ ୧୬ ଅଧରାତିରେ ଇରାନ-ପାକିସ୍ତାନ ସୀମାରେ ଥିବା ଆତଙ୍କୀ ସଂଗଠନ ଜୈଶ ଅଲ ଅଦଲ ଉପରେ ମିସାଇଲ ଓ ଡ୍ରୋନ ଆକ୍ରମଣ କରିଛି ଇରାନ । କ୍ଷେପଣାସ୍ତ୍ର ମାଡ଼ରେ ଆତଙ୍କୀ ସଂଗଠନ ଜୈଶ ଅଲ ଅଦଲର ତିନି ଠିକଣା ଧ୍ୱସ୍ତ । ମଙ୍ଗଳବାର ବଲୁଚିସ୍ତାନ ପଜଂଗୁର ଇଲାକାରେ ଇରାନ ରିଭୋଲ୍ୟୁସନାରୀ ଗାର୍ଡ କର୍ପ୍ସ ପକ୍ଷରୁ ଏହି ସର୍ଜିକାଲ ଷ୍ଟ୍ରାଇକ କରାଯାଇଛି । ଆତଙ୍କୀ ସଂଗଠନ'ଜୈଶ ଅଲ ଅଦଲର ପାକିସ୍ଥାନ ସୀମାରେ ରହି ଇରାକ ସୀମାରେ ପଶି କ୍ଷେପଣାସ୍ତ୍ର ମାଡ଼ କରିଥିବା କହିଛି ଇରାନ । ଇରାନ ଏହି ଆକ୍ରମଣରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ବ୍ୟବହାର କରି ପରମାଣୁ ଶକ୍ତିସମ୍ପର୍ଣ୍ଣ ପାକିସ୍ଥାନକୁ ଖୋଲା ଚ୍ୟାଲେଞ୍ଜ ଦେଇଛି । ସେପଟେ ପାକିସ୍ଥାନ ଏହି ଆକ୍ରମଣରେ ଦୁଇ ଜଣ ଶିଶୁଙ୍କ ମୃତ୍ୟୁ ନେଇ ସୂଚନା ଦେବା ସହ ଇରାନକୁ ଏହି ଆକ୍ରମଣର ପରିଣାମ ଭୋଗିବାକୁ ପ୍ରସ୍ତୁତ ରହିବାକୁ ଚେତାବନୀ ଦେଇଛି । ପାକିସ୍ତାନ ସରକାର ଇରାନ ରାଜଦୂତଙ୍କୁ ତଲବ କରିଛନ୍ତି । ଗତ ଦୁଇ ଦିନ ହେବ ଇରାନ ସିରିଆ ଓ ▶▶ପୃଷ୍ଠା ୭

# ବାପାଙ୍କ ସହିତ ବାଇକ୍‌ରେ ଯାଉଥିଲେ, ଗୁଡ଼ି ସୂତାରେ କଟିଲା ବେକ

ବାଲେଶ୍ୱର, ୧୭/୧ (ନି.ପ୍ର): ବାପାଙ୍କ ସହିତ ବାଇକ୍‌ରେ ଯାଉଥିଲେ କୁନିପୁଅ। ହେଲେ ରାସ୍ତାରେ ତାଙ୍କରେ ଗୋଡ଼ାଇ ଯାଇଥିଲା ଗୁଡ଼ି ସୂତା। ଯେଉଁଥିପାଇଁ ତାଙ୍କ ବେକରେ ଲାଗିଛି ଗଭୀର କ୍ଷତ। ଆଜି ଅପରାହ୍ନରେ ଏପରି ହୃଦୟବିଦାରକ ଘଟଣା ବାଲେଶ୍ୱର ଟାଉନ୍‌ରେ ଘଟିଛି। ପିଉସା ଘରକୁ ଭୋଜି ଖାଇବା ପାଇଁ ବାପାଙ୍କ ସହିତ ବାଇକ୍‌ରେ ଯାଇଥିଲେ କୁନିପୁଅ। ଭୋଜି



ଖାଇ ଅପରାହ୍ନରେ ଘରକୁ ଫେରୁଥିବା ବେଳେ ସଦର ଥାନା ନହରପାଟଣା ଗାଁ ରାସ୍ତାରେ ଗୁଡ଼ିଟି ଉଡି ଆସି କୁନି ପୁଅ ବେକରେ ▶▶ପୃଷ୍ଠା ୭

# ମାହାଙ୍ଗା ଡବଲ ମର୍ଡର ଘଟଣା: ପ୍ରତାପ ଜେନାଙ୍କୁ ଆଶ୍ୱସ୍ତି

କଟକ, ୧୭/୧ (ନି.ପ୍ର): ମାହାଙ୍ଗା ଡବଲ ମର୍ଡର ଘଟଣାରେ ବିଧାୟକ ପ୍ରତାପ ଜେନାଙ୍କୁ ପୁଣି ଆଶ୍ୱସ୍ତି ମିଳିଛି। ମାହାଙ୍ଗା ଡବଲ ମର୍ଡର ମାମଲାରେ ବିଧାୟକ ପ୍ରତାପ ଜେନାଙ୍କ ଅନ୍ତରୀଣ ସୁରକ୍ଷା ଅବଧି ୨୦୨୪, ଫେବ୍ରୁଆରି ୧ ତାରିଖ ପର୍ଯ୍ୟନ୍ତ ବଢିଛି। ସାଲେପୁର ଜେଏମ୍‌ଏଫ୍‌ସି ଅଦାଲତଙ୍କ ୨୦୨୩, ସେପ୍ଟେମ୍ବର ୨୫ର ନିର୍ଦ୍ଦେଶ ବିରୋଧରେ ଶ୍ରୀ ଜେନା ଦାୟର କରିଥିବା ଆବେଦନ (କ୍ରିମିନାଲ ରିଭିଜନ)ର ଆଜି ହାଇକୋର୍ଟରେ ଶୁଣାଣି ହୋଇଥିଲା। ତାଙ୍କୁ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷା ଆସନ୍ତା ଫେବ୍ରୁଆରି ପହିଲା ଯାଏଁ ବଳବତ୍ତର ରହିଛି। ଉଭୟ ପକ୍ଷଙ୍କ ସହମତିରେ ହାଇକୋର୍ଟ ଶୁଣାଣି ଘୁଞ୍ଚାଇଛନ୍ତି। ଆଗାମୀ ଫେବ୍ରୁଆରି ୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଜଷ୍ଟିସ ବି.ପି.ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ଜେନାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନଭେମ୍ବର ୨ରେ ହାଇକୋର୍ଟ ମାମଲାର ପ୍ରାରମ୍ଭିକ ଶୁଣାଣି କରି ପ୍ରତିପକ୍ଷ ରାଜ୍ୟ ସରକାର ଓ ରଣଜିତ ବରାଳଙ୍କୁ ନୋଟିସ୍ ଜାରି କରିବା ସହିତ ନିମ୍ନ ଅଦାଲତ ରେକର୍ଡ ତଲବ କରିଥିଲେ। ଡିସେମ୍ବର ୧୯ ପର୍ଯ୍ୟନ୍ତ ଶ୍ରୀ ଜେନାଙ୍କ ବିରୋଧରେ କୌଣସି ପ୍ରକାର କଠୋର ପଦକ୍ଷେପ ଗ୍ରହଣ କରାଯାଇ ▶▶ପୃଷ୍ଠା ୭

# କଂଗ୍ରେସକୁ ଫେରିଲେ ଗମାଙ୍ଗ ପରିବାର

ଭୁବନେଶ୍ୱର, ୧୭/୧ (ନି.ପ୍ର): କଂଗ୍ରେସକୁ ଫେରିଲେ ଗମାଙ୍ଗ ପରିବାର। ଦିଲ୍ଲୀରେ ପୂରା ପରିବାର କଂଗ୍ରେସରେ ମିଶିଲେ। ପିସିସି ପ୍ରଭାରୀ ଅଜୟ କୁମାରଙ୍କ ଉପସ୍ଥିତିରେ ଗିରିଧର ଗମାଙ୍ଗ, ତାଙ୍କ ପତ୍ନୀ ହେମା ଓ ପୁଅ ଶିଶିର ଗମାଙ୍ଗ କଂଗ୍ରେସରେ ସାମିଲ ହୋଇଛନ୍ତି। ସେହିପରି ପୂର୍ବତନ ସାଂସଦ ସଂଜୟ ଭୋଇ ମଧ୍ୟ କଂଗ୍ରେସକୁ ଫେରିଛନ୍ତି। କଂଗ୍ରେସ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଛି। ୨୦୧୫ ମସିହାରେ କଂଗ୍ରେସ ଛାଡ଼ି ବିଜେପିରେ ଯୋଗଦେଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଓ ତାଙ୍କ ପୁଅ ଶିଶିର ଗମାଙ୍ଗ। ୨୦୨୩ ମସିହାରେ ବାପ-ପୁଅ ବିଜେପି ଛାଡ଼ି ଭାରତ ରାଷ୍ଟ୍ର ▶▶ପୃଷ୍ଠା ୭

# ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମକୁ ନେଇ ଉତ୍ସବମୁଖର ଅଯୋଧ୍ୟାନଗରୀ

## ବେଦପାଠ ଓ ମନ୍ତ୍ର ଉଚ୍ଚାରଣ ସହ ଆରମ୍ଭ ପ୍ରାୟଶ୍ଚିତ ପୂଜା

ନୂଆଦିଲ୍ଲୀ, ୧୭/୧ : ଜାନୁଆରୀ ୨୨ରେ ଅଯୋଧ୍ୟା ଶ୍ରୀରାମ ଜନ୍ମଭୂମିରେ ନିର୍ମିତ ଭବ୍ୟ ମନ୍ଦିରରେ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ । ଐତିହାସିକ ମୁହୂର୍ତ୍ତକୁ ଆଉ ମାତ୍ର ୪ଦିନ ବାକି ଥିବା ବେଳେ ପ୍ରାଣ ପ୍ରତିଷ୍ଠା ବିଧି ଆରମ୍ଭ ହୋଇଛି । ପ୍ରାୟଶ୍ଚିତ ପୂଜାରୁ ଏହି ଅନୁଷ୍ଠାନ ଆରମ୍ଭ ହୋଇଥିବା ବେଳେ ରାମମୟ ହୋଇଛି ଅଯୋଧ୍ୟାନଗରୀ । ପୁରୋହିତ ମାନଙ୍କ ମନ୍ତ୍ରୋଚ୍ଚାରଣ, ବେଦପାଠରେ ପୁରା ଅଯୋଧ୍ୟାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଅଯୋଧ୍ୟାରେ ଅଦିନିଆ ଦୀପାବଳିର ମାହୋଲ ଦେଖିବାକୁ ମିଳିଛି । ସରଜୁ ଘାଟ ସମେତ ବିଭିନ୍ନ ସ୍ଥାନରେ ଦୀପ ଜାଳି ଉତ୍ସବ ମନାଉଛନ୍ତି ରାମଭକ୍ତ । ମଙ୍ଗଳବାର ଠାରୁ ପ୍ରାଣ ପ୍ରତିଷ୍ଠା ପାଇଁ ପ୍ରାକ ପୂଜାବିଧି ଆରମ୍ଭ ହୋଇଥିବା ବେଳେ ଆସନ୍ତାକାଲି ଗର୍ଭଗୃହରେ ସ୍ଥାପନ ହେବ ରାମଲାଲାଙ୍କ ପ୍ରତିମୂର୍ତ୍ତି, ୨୨ତାରିଖରେ କରାଯିବ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା । ୨୧ତାରିଖ ଯାଏ ରାମ ଲାଲାଙ୍କ ବିଭନ୍ନ ଅଧିବାସ, ▶▶ପୃଷ୍ଠା ୭



# ଆସନ୍ତା ୨୪ ଘଣ୍ଟାରେ ରାଜ୍ୟରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୭/୧ (ନି.ପ୍ର): ଆସନ୍ତା ୨୪ ଘଣ୍ଟାରେ ରାଜ୍ୟରେ ବର୍ଷା ସମ୍ଭାବନା । ହାଲୁକାରୁ ମଧ୍ୟମ ଧରଣର ବର୍ଷା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ । କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପୁରୀ ଜିଲ୍ଲାର କିଛି କିଛି ସ୍ଥାନରେ ବର୍ଷାର ପ୍ରଭାବ ଦେଖିବାକୁ ମିଳିପାରେ । ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକା ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର । ସେହିପରି ଘନ କୁହୁଡି ସ୍ଥିତି କଳାହାଣ୍ଡି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ସୁନ୍ଦରଗଡ, କେଉଁଝର ଓ ଝାରସୁଗୁଡା ଜିଲ୍ଲାରେ ଦେଖାଦେଇପାରେ । ଏନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର । ସେହିପରି ଆଗକୁ ଶୀତ ବଢିବାର ସମ୍ଭାବନା ରହିଛି ବୋଲି ଆକଳନ କରିଛି ପାଣିପାଗ ବିଭାଗ । ରାଜ୍ୟରେ ଦୁଇ ଦିନ ବର୍ଷା ସମ୍ଭାବନା ଅଛି । ୧୭ ତାରିଖରେ ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ଦେବଗଡ଼ ଓ ମୟୂରଭଞ୍ଜର କିଛି ସ୍ଥାନରେ ବର୍ଷା ହୋଇପାରେ । ସେହିଭଳି ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର କିଛି ସ୍ଥାନରେ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

# ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣା: ଆସନ୍ତା ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି


ଭୁବନେଶ୍ୱର, ୧୭/୧ (ନି.ପ୍ର): ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ନେଇ ଜଷ୍ଟିସ ରଘୁବୀର ଦାସ ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ କରିବା ପାଇଁ ମାମଲା ହୋଇଥିଲା। ମାମଲାକୁ ଗ୍ରହଣ କରିଥିଲେ ହାଇକୋର୍ଟ। ଆଉ ତଦନ୍ତ କମିଶନଙ୍କ ରିପୋର୍ଟର ସ୍ଥିତି କଣ ଅଛି ଜଣାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ପରିବର୍ତ୍ତେ ସମୟ ମାଗିଛନ୍ତି। ଦୁଇରୁ ତିନି ସମୟ ଦେବାକୁ ସରକାର ମାଗିଲେ। ସେଥିପାଇଁ ମହଲତ ଦେଲେ ହାଇକୋର୍ଟ। ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣୀ। ମହାପ୍ରଭୁଙ୍କ ରତ୍ନଭଣ୍ଡାର ଚାବି ହଜିବାକୁ ନେଇ ରାଜ୍ୟ ତମାମ



ହୋହଲ୍ଲା ହୋଇଥିଲା। ସ୍ଥିତି ବିଗୁଡୁଥିବା ଦେଖି ରାଜ୍ୟ ସରକାର ଘଟଣା ତଦନ୍ତ ପାଇଁ ଜଷ୍ଟିସ୍ ରଘୁବୀର ଦାସ କମିଶନ୍ ଗଠନ କରିଥିଲେ। ଜଷ୍ଟିସ ରଘୁବୀର ଦାସ ମାମଲାର ତଦନ୍ତ କରି ୨୦୧୮ ମସିହାରେ ରିପୋର୍ଟ ଦାଖଲ କରିଥିଲେ। ତଦନ୍ତ କମିଶନଙ୍କ ସଚିବ ଗୃହ ବିଭାଗ ଅନୁ ସଚିବଙ୍କ ପାଖରେ ମୋଟ ୩୨୪ ପୃଷ୍ଠା ସମ୍ବଳିତ ବିସ୍ତୃତ ରିପୋର୍ଟ ଦାଖଲ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସେହି ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରାଯାଉନି କି ସାର୍ବଜନୀନ କରାଯାଉନି। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜଷ୍ଟିସ୍ ରଘୁବୀର ଦାସଙ୍କ ତଦନ୍ତ କମିଶନ୍ ରିପୋର୍ଟ ସାର୍ବଜନୀନ କରିବା ପାଇଁ ହାଇକୋର୍ଟରେ ମାମଲା ଆବେଦନ ହୋଇଥିଲା।

# କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋୟଲଙ୍କୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଚିଠି

ନୂଆଦିଲ୍ଲୀ/ ଭୁବନେଶ୍ୱର, ୧୭/୧ (ନି.ପ୍ର): ଚଳିତ ଖରିଫ୍ ବିପଣନ ଋତୁରେ ଓଡ଼ିଶାରୁ ଅଧିକ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଚାଉଳ ସଂଗ୍ରହ କରିବା ପାଇଁ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)କୁ ନିର୍ଦ୍ଦେଶ ଦେବା ପାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପିୟୂଷ ଗୋୟଲଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଧର୍ମେନ୍ଦ୍ର ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଦେଶରେ ଧାନ ଉତ୍ପାଦନ କରିବାରେ ଓଡ଼ିଶା ହେଉଛି ଚତୁର୍ଥ ବୃହତ୍ତମ ରାଜ୍ୟ । ଖରିଫ ବିପଣନ ଋତୁ ୨୦୨୩-୨୪ ରେ ଧାନ ସଂଗ୍ରହ ଆରମ୍ଭ ହୋଇସାରିଛି । ଚଳିତ ଥର ଓଡ଼ିଶାରେ ଭଲ ଅମଳ



ହୋଇଥିବା କାରଣରୁ ରାଜ୍ୟରୁ ମୋଟ୍ ପ୍ରାୟ ୭୯ ଲକ୍ଷ ମେଟ୍ରିକ ଟନ୍ ଖରିଫ ଚାଉଳ ସଂଗ୍ରହ କରାଯିବା ନେଇ ଆକଳନ କରାଯାଇଛି । ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସପି ସାହାଯ୍ୟରେ ଓଡ଼ିଶାର ଲକ୍ଷାଧିକ ଚାଷୀମାନେ ଧାନ ସଂଗ୍ରହ ମାଧ୍ୟମରେ ଭଲ ଲାଭ ପାଇବା ନେଇ ଆଶା ରଖିଛନ୍ତି । ପ୍ରାରମ୍ଭିକ ଆବଣ୍ଟନରେ କେନ୍ଦ୍ର ସରକାର ୨୦୨୩-୨୪ ଖରିଫ ବିପଣନ ଋତୁରେ ୪୪.୨୮ ଲକ୍ଷ ମେଟ୍ରିନ ଟନ୍ ଚାଉଳ କିଣିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ତେବେ ଏନ୍‌ଏଫ୍‌ଏସ୍‌ଏ, ଏସଏଫଏସଏ ଏବଂ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନା ପାଇଁ ଓଡ଼ିଶା ସରକାରଙ୍କ ନିଜସ୍ୱ ଚାଉଳର ଆବଶ୍ୟକତା ପୂରଣ କରିବା ବ୍ୟତୀତ ପର୍ଯ୍ୟାପ୍ତ ପରିମାଣର ଉଷୁନା ଚାଉଳ ବଳକା ରହିଯାଇପାରେ । ଏହି ବଳକା ଚାଉଳ ଏଫସିଆଇ ଦ୍ୱାରା ଉଠାଣ ହେବାର ଆବଶ୍ୟକତା ରହିଛି । ଓଡ଼ିଶାରୁ ୨୦୨୩-୨୪ ଖରିଫ ବିପଣନ ଋତୁରେ ଓଡ଼ିଶାରୁ ଅତିରିକ୍ତ ୧୦ ଲକ୍ଷ ମେଟ୍ରିକ୍ ଟନ ଉଷୁନା ଚାଉଳ ସଂଗ୍ରହ କରିବା ପାଇଁ ଏଫସିଆଇକୁ ନିର୍ଦ୍ଦେଶ ଦେବା ପାଇଁ ବିଭାଗୀୟ ମନ୍ତ୍ରୀ ପିୟୂଷ ଗୋୟଲଙ୍କୁ କେନ୍ଦ୍ରମନ୍ତ୍ରୀ ଅନୁରୋଧ କରିଛନ୍ତି । ଓଡ଼ିଶାର ଚାଷୀଙ୍କ ଜୀବନଜୀବିକାକୁ ସୁରକ୍ଷିତ ରଖିବା ପାଇଁ ଏହି ପଦକ୍ଷେପ ବିଶେଷ ସହାୟକ ହେବ । ବିଶେଷ ଭାବରେ ଯେଉଁମାନେ ଧାନ ଚାଷରେ ନିର୍ଭରଶୀଳ, ଏହା ଦ୍ୱାରା ସେମାନେ ଉପକୃତ ହୋଇପାରିବେ ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

# ବେଲୁ ରାସ୍ତାରେ ମଦ ମାଫିଆ: ଢେଙ୍କାନାଳ ଆମ୍ବପଲାସ ପାଲଟିଛି କାରବାରର ପେଣ୍ଠ



କଟକ, ୧୭/୧ (ନି.ପ୍ର): ଦେଶୀ ମଦର ଚୋରା କାରବାର ଏବେ ଚିନ୍ତା ବଢାଇଲାଣି। ଯେଉଁ ଢଙ୍ଗରେ ନବେ ଦଶକରେ ସୁରେନ୍ଦ୍ରନାଥ ଦାସ ଓରଫ ବେଲୁ ଦେଶୀ ମଦର ଚୋରା କାରବାର କରୁଥିଲା ଏବେ କଟକର ମଦ ମାଫିଆ ସେହି ଢଙ୍ଗରେ ଚୋରା କାରବାର ବ୍ୟାପକ କଲେଣି। ଗୋଟିଏ ପଟେ ଏପ୍ରକାର କାରବାର ମଦ୍ୟପଙ୍କ ପାଇଁ ବିପଦ ବଢାଉଥିବା ବେଳେ ଅନ୍ୟପଟେ ଜଙ୍ଗଲ ଭିତରେ ପ୍ରସ୍ତୁତ ହେଉଥିବା ଦେଶୀ ମଦ ପିଇ ହାତୀ ପଲଙ୍କ ଉତ୍ପାତ ବି ଚିନ୍ତାର କାରଣ ହୋଇଛି। ଖୁଣ୍ଟୁଣୀର ଡାଳୁଆ ଓ ଖଣ୍ଡୁଆଳ ଜଙ୍ଗଲ, ଆଠଗଡ଼ର କୋରଗାଁରେ ଦେଶୀ ମଦ ରନ୍ଧା ହେବା ପୂର୍ବରୁ ପାଚିବାକୁ ରଖାଯାଉଥିବାରୁ ଏହାର ବାସ୍ନା ହାତୀପଲଙ୍କୁ ମଦ ରହୁଥିବା ଅଞ୍ଚଳକୁ ଆକର୍ଷିତ କରୁଛି। ହାତୀ ପଲଙ୍କ କବଳରୁ ଦେଶୀ ମଦକୁ ସୁରକ୍ଷିତ ରଖିବାକୁ ଖୁଣ୍ଟୁଣୀ ଓ ଆଠଗଡ଼ରେ ମଦ ମାଫିଆମାନେ ସଂରକ୍ଷିତ ଜଂଗଲରେ ମାଟି ତଳେ ତାହାକୁ ଲୁଚାଇ ରଖୁଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ ଘଞ୍ଚ ଜଙ୍ଗଲରେ ଏଭଳି କାରବାର ପୁଲିସ ଓ ଅବକାରୀ ବିଭାଗ ପାଇଁ ଆହ୍ୱାନ ସୃଷ୍ଟି କରିଛି।

ଅନ୍ୟପଟେ ଦେଶୀ ରନ୍ଧା ମଦ ପାଇଁ କୁଖ୍ୟାତି ଅର୍ଜନ କରିଥିବା ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗର ଆମ୍ବପଲାସ ସହିତ ଏବେ ପୁଣି ସମ୍ପର୍କ ଯୋଡ଼ିଛନ୍ତି ଖୁଣ୍ଟୁଣୀ, ଆଠଗଡ଼ର ମଦ ମାଫିଆ। ଆମ୍ବପଲାସରେ ଗୁଡ଼, ପାଣି, ୟୁରିଆ ସହିତ ମହୁଲି ଫୁଲ ମିଶ୍ରଣ କରାଯାଉଥିବାରୁ ଏହି ମଦର ଚାହିଦା କଟକରେ ଅଧିକ ରହିଛି। କଟକରେ ଏହି ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ଦେଶୀ ମଦ କେବଳ ଗୁଡ଼, ପାଣି ଓ ୟୁରିଆ ସାରରେ ପ୍ରସ୍ତୁତ ହେଉଛି। ଗୋଟିଏ ସମୟରେ ଏହି ଆମ୍ବପଲାସରୁ ସୁରେନ୍ଦ୍ରନାଥ ଦାସ ଓରଫ ବେଲୁ ମହୁଲି ମଦ ଆମଦାନୀ କରୁଥିଲା। ୧୯୯୨ ମେରେ କଟକରେ ମଦ ମୃତ୍ୟୁ ଘଟି ପାଖାପାଖି ୨୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ମଦ ମୃତ୍ୟୁ ମାମଲାରେ ଗିରଫ ବେଲୁକୁ ପରବର୍ତ୍ତୀ ସମୟରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏବେ କଟକର ମଦ ମାଫିଆ ସେହି ଅଞ୍ଚଳରୁ ଚୋରାମଦ ଆମଦାନୀ କରିବା ଘଟଣା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଆମ୍ବପଲାସରରେ ଥିବା ମଦ ଫ୍ୟାକ୍ଟ୍ରିରେ ମଦ କିଣିବାର ଟାର୍ଗେଟ୍ ପୂରଣ କଲେ ବ୍ୟବସାୟୀଙ୍କୁ ମାଗଣାରେ ଆଉ କିଛି ମଦ ଦିଆଯାଉଛି। ଏଭଳି ମାଗଣା ମଦ ଲୋଭରେ ଏବେ ଢେଙ୍କାନାଳ ମୁହାଁ ହୋଇଛନ୍ତି ମଦ ମାଫିଆ। ଏହା ସହିତ ମହୁଲି ମିଶୁଥିବାରୁ ଏହି ମଦର ଚାହିଦା କଟକରେ ଅଧିକ ରହିଛି। ଆଉ ଦଳେ ମଦ ମାଫିଆ କୋରଗାଁ, ଡାଳୁଆ, ଖଣ୍ଡୁଆଳ ଜଂଗଲରେ ମାଟି ତଳେ ମଦ ଫ୍ୟାକ୍ଟ୍ରି ଖୋଲିଛନ୍ତି। ଗୁଡ଼, ପାଣି, ୟୁରିଆକୁ ଜାରରେ ଭର୍ତ୍ତି କରି ତିନି ଦିନ ପାଚିବା ପାଇଁ ଛଡ଼ାଯାଉଥିବା ବେଳେ ଏହା ପରେ ମାଟି ତଳୁ କାଢ଼ି ରନ୍ଧାଯାଉଛି। ପରେ ଏହାକୁ ବିକ୍ରି ଉଦ୍ଦେଶ୍ୟରେ ବଜାରକୁ ଚାଲାଣ କରାଯାଉଛି। କେନ୍ଦୁଝର ଜିଲ୍ଲାରେ ମଧ ଏଭଳି ମାଟି ତଳେ ମଦ ରଖାଯାଉଛି। ଗଲା ୧୬ ତାରିଖରେ ଆଠଗଡ଼ କୋରଗାଁରେ ମାଟିତଳୁ ୭ ଲକ୍ଷ ଟଙ୍କାର ଦେଶୀ ରନ୍ଧା ମଦ ଓ ଗୁଡ଼ ପୋଚ ଜବତ ହୋଇଥିବା ବେଳେ ଦୁଇଜଣ ମଦ ମାଫିଆ ଗିରଫ ହୋଇଛନ୍ତି। ଗଲା ୧୫ ତାରିଖରେ ଖୁଣ୍ଟୁଣୀର ଡାଳୁଆ ଓ ଖଣ୍ଡୁଆଳି ଗାଁ ନିକଟ ସଂରକ୍ଷିତ ଜଙ୍ଗଲରେ ୫ ଲକ୍ଷ ଟଙ୍କାର ଗୁଡ଼ ପୋଚ ଓ ଦେଶୀ ମଦ ଜବତ ହୋଇଥିଲା। ୨୦୨୦ ମେ ୩ରେ ଆଠଗଡ଼ର କୋରଗାଁରେ ଥିବା ଘଞ୍ଚ ଜଙ୍ଗଲରେ ସର୍ବାଧିକ ୩୧ ହଜାର ୧୦୦ ଲିଟର ମଦ ପୋଚ ଓ ଦେଶୀମଦ ମାଟି ତଳୁ ଜବତ ହୋଇଥିଲା। ଜବତ ମଦର ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। ଖୁଣ୍ଟୁଣୀରେ ୨୦୨୦ ଜୁଲାଇ ୨୯ରେ ଜଙ୍ଗଲରେ ପୋତାଯାଇଥିବା ମଦ ପୋଚ ନଷ୍ଟ କରିବାକୁ ଅବକାରୀ ଅଧିକାରୀ ଜଙ୍ଗଲ ଭିତରକୁ ଯାଇଥିଲେ। ମାଫିଆମାନେ ଅବକାରୀ ବିଭାଗର ୪ଟି ଗାଡ଼ି ଭାଙ୍ଗିବା ସହିତ ଟାୟାର କାଟି ଦେଇଥିଲେ। ଦୁଇ କର୍ମଚାରୀ ବି ଆହତ ହୋଇଥିଲେ। ଖୁଣ୍ଟୁଣୀ ଥାନାରେ ୨୯ ଜଣଙ୍କ ବିରୋଧରେ ୩ଟି ମାମଲା ହୋଇଥିଲା। କିନ୍ତୁ ସେହି ଘଟଣାରେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନଥିବାରୁ ଅନେକ କ୍ଷେତ୍ରରେ ମଦ ମାଫିଆଙ୍କ ସାହସ ବଢୁଥିବା କୁହାଯାଉଛି।

# ଆଜିଠୁ ପ୍ରାଣି ଚିକିତ୍ସକଙ୍କ ସମୂହ ଛୁଟି

କନ୍ଧମାଳ, ୧୭/୧ (ନି.ପ୍ର): ପ୍ରାଣିଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣର ଆବଶ୍ୟକତା ସମ୍ପର୍କରେ ଓଡ଼ିଶା ପ୍ରାଣିଚିକିତ୍ସା ସେବା ସଂଘ ତରଫରୁ ବର୍ଷ ବର୍ଷ ଧରି ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବାବେଳେ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ ନକରିବା ପରିତାପର ବିଷୟ। ଗତ ପାଂଚ ଦଶନ୍ଧି ମଧ୍ୟରେ ରାଜ୍ୟରେ ପ୍ରାଣିପାଳନର ପରିଭାଷା ବଦଳିଛି। ପ୍ରାଣିପାଳକମାନେ ଆଜିର ସମୟରେ ବଡ ବଡ ସଂଗଠିତ ଫାର୍ମ ତିଆରି କରି ଅଧିକ ସଂଖ୍ୟାରେ ପ୍ରାଣିପାଳନ କରୁଛନ୍ତି ତଥା ଦେଶୀ ପ୍ରାଣୀସମ୍ପଦ ସ୍ଥାନରେ ଆଜି ବିଦେଶୀ ଓ ଉନ୍ନତ ପ୍ରଜାତିର ପ୍ରାଣିପାଳନ କରାଉଛନ୍ତି। ତାହା ସହିତ ଔଦ୍ୟୋଗିକରଣ ଓ ସୂଚନା-ପ୍ରଯୁକ୍ତି ବିଦ୍ୟାର ପ୍ରଭୃତ ପ୍ରଗତି ମଧ୍ୟ ରାଜ୍ୟରେ ପ୍ରାଣିପାଳନ ବ୍ୟବସ୍ଥାକୁ ବହୁ ପରିମାଣରେ ପ୍ରଭାବିତ କରିବା ସହ ପ୍ରାଣୀ ପାଳକମାନଙ୍କର ଆୟ ବହୁଗୁଣିତ ହୋଇପାରିଛି। ଆଜି ପ୍ରାଣିପାଳକମାନେ ନିଶୁଳ୍କ ଚିକିତ୍ସା ସେବା, ୨୪ ଘଂଟିଆ ବିଶେଷଜ୍ଞ ସେବା, ରେଫରାଲ ସୁବିଧା ସେବା, ଦ୍ୱାରଦେଶରେ ଚିକିତ୍ସା, ଇତ୍ୟାଦି ଦାବି କରୁଥିବା ବେଳେ ସ୍ୱାଧୀନତାର ୭୫ ବର୍ଷ ପରେ ମଧ ବିଭାଗରେ ଏପରି ବ୍ୟବସ୍ଥା ନଥିବା ଦୁର୍ଭାଗ୍ୟଜନକ। ଏଣୁ ପ୍ରାଣିପାଳକ ମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ପ୍ରାଣିଚିକିତ୍ସକମାନେ ବିନା ଦୋଷରେ ସେମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ରାଜ୍ୟରେ ୧୯୧୦ ଡାକ୍ତରଙ୍କ କାମ ୧୩୦୦ ଡାକ୍ତର ତୁଲାଉଥିବାବେଳେ ଚାକିରି କ୍ଷେତ୍ରରେ ପଦୋନ୍ନତିର ସୁବିଧା ନଥିବା ସେମାନଙ୍କୁ ହତୋତ୍ସାହିତ କରିଛି। ଦୀର୍ଘ ୨୨-୨୩ ବର୍ଷ ସେମାନଙ୍କୁ ଗୋଟିଏ ଦରମା ହାରରେ କାର୍ଯ୍ୟ କରିବାକୁ ପଡୁଛି। ପାଖାପାଖୁ ୪୦% ଅଧସ୍ତନ କର୍ମଚାରୀ ପଦବୀ ମଧ ଖାଲି ପଡିଛି, ଯାହାକି ପ୍ରାଣିଚିକିତ୍ସକ ମାନଙ୍କୁ ଅଧିକ ଚାପଗ୍ରସ୍ତ କରିଛି। ସେହିପରି କାର୍ଯ୍ୟ ସମୟ ପରେ ଓ ଛୁଟି ଦିନରେ ମଧ ସରକାରୀ କାମ ପାଇଁ ବାଧ କରାଯିବା, କାର୍ଯ୍ୟ ସମୟ ଉପରାନ୍ତେ ପ୍ରାକ୍ଟିସ କରୁଥିବା ପ୍ରାଣୀ ଚିକିତ୍ସକମାନଙ୍କୁ ବିଭିନ୍ନ ପ୍ରକାରେ ହଇରାଣ ହରକତ କରାଯିବା ଇତ୍ୟାଦି ଯୋଗୁଁ ଆଜି ରାଜ୍ୟର ପ୍ରାଣୀ ଚିକିତ୍ସକ ମାନେ ମାନସିକ ଦୁଶ୍ଚିନ୍ତାରେ ରହୁଛନ୍ତି ବୋଲି ସଂଘ ତରଫରୁ ପ୍ରକାଶ କରାଯାଇଛି। ଏଣୁ ପ୍ରାଣିପାଳନ ବିଭାଗର ସମ୍ପୂର୍ଣ୍ଣ ରୂପାନ୍ତରଣ ସହିତ ସେଥିପାଇଁ ଆବଶ୍ୟକ କ୍ୟାଡ଼ର ପୂର୍ନଗଠନ ପାଇଁ ସଂଘ ଦାବି କରିଛି। ତତ୍‌ସହିତ କେନ୍ଦ୍ରୀୟ ହାରରେ ଡି .ଏ .ସି .ପି ଏବଂ ଏନ.ପି.ଏ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ମଧ ସଂଘ ତରଫରୁ ଦାବି କରାଯାଇଛି। ଶିକ୍ଷାଗତ ଓ ବୃତିଗତ ସମାନତା ଆଧାରରେ ପଂଚମ, ଷଷ୍ଠ ଓ ସପ୍ତମ ବେତନ କମିଶନ ସାଧାରଣ ବର୍ଗ ଡାକ୍ତର ଓ ପ୍ରାଣିଚିକିତ୍ସକ ମାନଙ୍କପାଇଁ ସମାନ ଦରମା ଓ ପଦୋନ୍ନତି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ମଧ ଦେଇଛନ୍ତି। ଦେଶରେ ଅନ୍ୟରାଜ୍ୟମାନେ ଏପରି ସମାନତା ବଜାୟ ରଖୁଥିବାବେଳେ ଓଡ଼ିଶା ସରକାର କ୍ରମାଗତ ଭାବରେ ଏଥିରେ ବ୍ୟତିକ୍ରମ କରିଚାଲିଛନ୍ତି। କୃଷି, ମତ୍ସ୍ୟ ଓ ପ୍ରାଣିସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଇତ୍ୟାଦି ବହୁବାର ସଂଘ ସହିତ ଆଲୋଚନା କରି ଉପରୋକ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନିଆ ନଯାଇ କେବଳ ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି।

# ଓଚିନ୍ଦାର ଗଣପର୍ବ ହରିହାଟ ମହୋତ୍ସବ ଆରମ୍ଭ

କୋରେଇ, ୧୭/୧ (ନି.ପ୍ର): କୋରାଇ ବ୍ଲକ ଅର୍ନ୍ତଗତ ପଥରପଦା ପଂଚାୟତ ଓଚିନ୍ଦା ଗ୍ରାମର ଗଣପର୍ବ ହରିହାଟ ମେଳା ଓ ମହୋତ୍ସବ ଆରମ୍ଭ ହୋଇଛି । ଚଳିତ ବର୍ଷ ଧୂମଧାମରେ ହରିହାଟ ପର୍ବ ପାଳନ କରାଯାଉଛି । ନାମଯଜ୍ଞ, ଗୀତା ଓ ଭାଗବତ ପାଠ ସହ ଯଜ୍ଞ ଆରମ୍ଭ ହୋଇଛି । ଯଜ୍ଞ ଯୋଗୁ ସମ୍ପୂର୍ଣ୍ଣ ଗ୍ରାମକୁ ଆମିଷ ନିଷେଧ କରାଯାଇଛି । ଭକ୍ତ ଓ ଦର୍ଶକଙ୍କ ଭିଡ ଜମିବା ସହ ଶ୍ରଦ୍ଧାଳୁ ମାନେ ଯଜ୍ଞକୁଣ୍ଡରେ ନଡିଆ,ଘିଅ, ଅରୁଆ ଚାଉଳ, ଧୂପ, ଉଖୁଡା,ଫୁଲ ପକାଉଛନ୍ତି। ନିଜର ମାନସିକ ପୂରଣ ସହ ନୂତନ ମାନସିକ ଭକ୍ତମାନେ କରୁଥିବା ଦେଖାଯାଉଛି । ବନ୍ଧୁ ବାନ୍ଧବ ବା ରାଜ୍ୟ ବାହାରେ କାମ ଓ ଚାକିରି କରିଥିବା ସମସ୍ତେ ଗ୍ରାମକୁ ଗଣପର୍ବ ପାଇଁ ଫେରିଛନ୍ତି । ମୀନାବଜାର ସହ ବିଭିନ୍ନ ଦୋଳିର ମଜା ନେଉଛନ୍ତି କୁନି କୁନି ପିଲାମାନେ । ଏହି ଅବସରରେ ମହୋତ୍ସବ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ । ଏହି ମେଳା ଏକ ସପ୍ତାହ ବ୍ୟାପି ଚାଲିବ । ଗ୍ରାମ୍ୟ ମୁରବୀ ରଘୁନାଥ ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜକ ପରମାନନ୍ଦ ଶତପଥି, ରାଧାକାନ୍ତ ଶତପଥି, ପ୍ରଫୁଲ୍ଲ ପାଢୀ, କୃଷ୍ଣ ଚନ୍ଦ୍ର ପାଢୀ ପ୍ରମୁଖ ଯଜ୍ଞ ଭାର ତୁଲାଉଛନ୍ତି । ୨ଦିନ ମୁକ୍ତାକାଶ ନାଟକ ପରିବେଷଣ ସହ ୩ଦିନ ଯାତ୍ରା ଅନୁଷ୍ଠିତ ହେବ । ସର୍ବୋପରି ଆଜି ଠାରୁ ଗାଁ ଗରପର୍ବ ଅବସରରେ ଉତ୍ସବ ମୁଖର ହୋଇଛି । ଗ୍ରାମର ଆବାଳ ବୃଦ୍ଧ ବନିତା ଏହି କାର୍ଯ୍ୟକ୍ରମରେ ସହଯୋଗ ଓ ଯୋଗ ଦେବା ସହ ସନ୍ଧ୍ୟାରେ ମହିଳାଙ୍କ ଭିଡ ପରିଲିକ୍ଷିତ ହୋଇଛି । ରଙ୍ଗୀନମାଳାରେ ସୁସଜ୍ଜିତ କରାଯାଇଛି ସମଗ୍ର ଅଂଚଳ। କମିଟି ପକ୍ଷରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ଚଳିତ ବର୍ଷ ଗ୍ରାମରେ ନୂତନ ଗୋପିନାଥ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ରଖାଯାଇଛି । ୧୯ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ।

# ସେବା କାଗଜକଳ ଶ୍ରମିକମାନଙ୍କ ପିଏଫ୍ ସମସ୍ୟା ସମାଧାନ ପାଇଁ ବାଟ ଫିଟିଲା

ଜୟପୁର, ୧୭/୧ (ନି.ପ୍ର): ଦୀର୍ଘ ଚାରି ବର୍ଷ ହେଲା ସେବା କାଗଜ କଳ ମଦର୍ ଆର୍ଥ୍ କମ୍ପାନୀକୁ ବିକ୍ରି ହେଲା ପରେ ଶ୍ରମିକ ମାନଙ୍କ ପି ଏଫ୍ ସମସ୍ୟା ଜଟିଳ ହୋଇ ରହିଥିଲା । ସମସ୍ତଙ୍କ ଅଗୋଚରରେ ହୋଇଥିବା ଏହି ବିକ୍ରି ବଟାରେ ଶ୍ରମିକ ମାନଙ୍କ ମୂଳ ବିଷୟ ପ୍ରୋଭିଡେଂଟ ଫଣ୍ଡ୍ କୁ ଅଣଦେଖା କରାଯାଇଥିଲା। ପ୍ରକାଶ ଯୋଗ୍ୟ ଯେ ୨୦୨୦ ଫେବୃଆରୀ ୨୬ ରେ କାରଖାନା ବିକ୍ରି ହେଲା ଏବଂ ଠିକ୍ ତାପର ଦିନ ଅର୍ଥାତ୍ ୨୭ ଫେବୃଆରୀ ୨୦୨୦ ରେ ବ୍ରହ୍ମପୁର ଆଂଚଳିକ ପିଏଫ୍ କମିଶନର ଅଫିସ୍ ରେ ନୂଆ ପିଏଫ୍ ଏକାଉଂଟ ଖୋଲିଗଲା ଏବଂ ଶ୍ରମିକଙ୍କ ପି ଏଫ୍ ସେଠାକୁ ପଠାଗଲା । ମ୍ୟାନେଜମେଂଟର ଉଦ୍ଦେଶ୍ୟ ଥିଲା ନୂଆ ଦରମା ହାରରେ ପି ଏଫ୍ ଜମା କରିବ । କିନ୍ତୁ ଯେହେତୁ ଆଗରୁ କେସିଟି ଟ୍ରଷ୍ଟ କୋଲକାତାକୁ ପିଏଫ୍ ଟଙ୍କା ଯାଉଥିଲା ସେଠି ଜମାଥିବା ୧୨୨୨ ଜଣଙ୍କ ପ୍ରାୟ ୩ କୋଟି ଟଙ୍କା ବ୍ରହ୍ମପୁର ଆଂଚଳିକ ପିଏଫ୍ ଅଫିସ୍ କୁ ସ୍ଥାନାନ୍ତର ହୋଇ ପାରିଲା ନାହିଁ। ନୂଆ କମ୍ପାନୀ ୨୦୨୦ ମାର୍ଚ୍ଚ ରୁ ପି ଏଫ୍ ବାନ୍ଧିବା କଥା, କିନ୍ତୁ ଫେବୃଆରୀ ମାସ ପର୍ଯ୍ୟନ୍ତ ପୁରୁଣା ମାଲିକ ଟଙ୍କା ବାନ୍ଧିଲା ନାହିଁ । କାରଖାନା ବିକ୍ରି ବଟା ପରେ ଋଣ ୧୫୦ କୋଟି ଟଙ୍କା ନେଲେ ଏବଂ ସେଥିରୁ ୧୦୦ କୋଟି ଟଙ୍କା ପୁରୁଣା ମାଲିକ ନେଇଗଲା ଅଥଚ ପିଏଫ୍ ଟଙ୍କା ବାନ୍ଧିଲା ନାହିଁ। ବହୁ ଆନ୍ଦୋଳନ ପରେ ମ୍ୟାନେଜମେଂଟ ଉପରେ ଚାପ ପକାଇବାରୁ ୨୦୨୩ ରେ ବକେୟା ପି ଏଫ୍ ଟଙ୍କା ମ୍ୟାନେଜମେଂଟ୨୦୨୩ ଫେବୃଆରୀ ୨୩ ରେ ବାନ୍ଧିଲା। କିନ୍ତୁ କୋଲକାତା ସ୍ଥିତ କେସିଟି ଟ୍ରଷ୍ଟ କୁ ପି ଏଫ୍ ଜମାରାଶି ବ୍ରହ୍ମପୁର ଆଂଚଳିକ ପିଏଫ୍ ଅଫିସ୍ କୁ ପଠେଇବା ପାଇଁ କୋଲକାତା ପି ଏଫ୍ ଅଫିସ୍ ଅନୁମୋଦନ କଲା ନାହିଁ । କେନ୍ଦ୍ର ଶ୍ରମ ମନ୍ତ୍ରାଳୟ ଓ କେନ୍ଦ୍ର ପି ଏଫ୍ କମିଶନର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କଲିକତା ଓ ବ୍ରହ୍ମପୁର ଆଂଚଳିକ ପିଏଫ୍ ଅଫିସ୍ କୁ ନିର୍ଦ୍ଦେଶ ଦେଇଥିଲେ ଯଥା ଶୀଘ୍ର ସମାଧାନ କରି ଶ୍ରମିକ ମାନଙ୍କୁ ନ୍ୟାୟ ଦେବା ପାଇଁ । ଆଜି ତା ୧୬.୦୧.୨୦୨୪ ରିଖ ଦିନ କଲିକତା ଆଂଚଳିକ ପିଏଫ୍ କମିଶନ ଅଫିସ୍ ପି ଏଫ୍ ଜମାରାଶି ବ୍ରହ୍ମପୁର କୁ ସ୍ଥାନାନ୍ତର ପାଇଁ ଅନୁମୋଦନ କରିଛନ୍ତି ।

## ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଜୟପୁର, ୧୭/୧ (ନି.ପ୍ର): ମୌଳିକ ସମସ୍ୟାର ସମାଧାନ ପାଇଁ ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ । ଜୟପୁର ବ୍ଲକ ଅନ୍ତର୍ଗତ ଗଡପଦର ଓ ବାରିଣିପୁଟ ପଂଚାୟତର ୭ ଖଣ୍ଡ ଗ୍ରାମବାସୀ ଦ୍ୱାରସ୍ଥ ହୋଇଥିଲେ । ପାହାଡ ଉପରେ ଏମାନେ ରହୁଥିବାରୁ ପାନୀୟ ଜଳର ସମସ୍ୟା, ରାସ୍ତା ନଥିବା ଯୋଗୁଁ ରୋଗିକୁ ଖାନ୍ଦରେ ବୋହି ବୋହି ଆଣିବାକୁ ପଡୁଛି । ବିଦ୍ୟୁତର ବ୍ୟବସ୍ଥା ନାହିଁ, ଚାଉଳ କାର୍ଡ ଦିଆଯାଉ ନାହିଁ ଆଦି ଦାବିରେ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡାଙ୍କ ସାକ୍ଷାତ କରିଥିଲେ। ଗ୍ରାମବାସୀଙ୍କ ସହ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ମଧ ସାମିଲ୍ ହୋଇ ପ୍ରଶାସନକୁ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ ।

## ହୋ ସମ୍ପ୍ରଦାୟରେ ମାଗେ ପର୍ବ

ଚମ୍ପୁଆ, ୧୭/୧ (ନି.ପ୍ର): ଗ୍ରାମାଂଚଳରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ପ୍ରତ୍ୟେକ ବର୍ଷ ମାଘ ମାସର ଆଗମନରେ ଏହି ମାଘ ( ମାଗେ ) ପର୍ବ ପାଳନ କରିଥାନ୍ତି । ମାଘ ମାସକୁ ବର୍ଷର ସବୁଠାରୁ ପବିତ୍ର ମାସ ଭାବେ ଗ୍ରହଣ କରି ଗ୍ରାମର ସୁବିଧା ଅନୁଯାୟୀ ମାଘ ମାସର ସଂକ୍ରାନ୍ତି ପରଠାରୁ ଯେକୌଣସି ଦିନ ଏହି ପର୍ବ ପାଳନ କରାଯାଇଥାଏ କ୍ଷ କେନ୍ଦୁଝର, ମୟୁରଭଞ୍ଜ ଓ ଝାରଖଣ୍ଡର ସିଂହଭୂମି ଜିଲ୍ଲା ଚଳଚଂଚଳ ହୋଇ ଉଠେ । ନିଆରା ଢଙ୍ଗରେ ପାଳିତ ହେଉଥିବା ଏହି ପର୍ବରେ ଭୂମି ପୂଜା, ଏବଂ କୂଳ ପୂଜାକୁ ଗୁରୁତ୍ୱ ଦିଆ ଯାଇଥାଏ କ୍ଷ ଗ୍ରାମର ସମସ୍ତ ଗ୍ରାମବାସୀ ଏକତ୍ରିତ ଭାବରେ ଏହି ପୂଜା କରିଥାନ୍ତି। ପ୍ରଥମେ ଗାଁ ମୁଣ୍ଡରେ ଗ୍ରାମର ଦେହୁରୀ ମାଘ ପୂଜା କରିବା ପରେ ସମସ୍ତେ ନିଜ ନିଜ ଘର ମାନଙ୍କରେ ବଡ଼ ଠାକୁର ( ମାରାଙ୍ଗ ବଙ୍ଗା ) ପୂଜା କରିଥାନ୍ତି । ସମସ୍ତେ ନୂଆ ବସ୍ତ୍ର ପରିଧାନ କରି ବର୍ଷ ଯାକର ରାଗ, ରୁଷା, ଅଭିମାନ ଭୁଲି କାନ୍ଧକୁ କାନ୍ଧ ମିଶେଇ , ହାତକୁ ହାତ ଧରାଧରି ହୋଇ ପାରମ୍ପରିକ ଗୀତ ନାଚରେ ମଜି ଯାଇଥାନ୍ତି । ଏହିପରି ଭାବରେ ପ୍ରତିଟି ଆଦିବାସୀ ଗ୍ରାମରେ ଏହି ମାଗେ ପର୍ବ ବେଶ ଆନନ୍ଦ ଉଲ୍ଲାସ ର ସହିତ ଧୁମ ଧାମରେ ପାଳିତ ହୋଇଥାଏ ।

# ଖଣି ଅଧିକାରୀଙ୍କୁ ମାଫିଆଙ୍କ ମରଣାନ୍ତକ ଆକ୍ରମଣ: ଦୁଇ ଗିରଫ

ଖୋର୍ଦ୍ଧା, ୧୭/୧ (ନି.ପ୍ର): ଖଣି ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ। ସୋମବାର ବିଳମ୍ବିତ ରାତିରେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଗୁଡୁମ ଖଣିରେ ଖଣି ଅଧିକାରୀ ଜଗନ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଖଣି ମାଫିଆଙ୍କ ଆକ୍ରମଣରେ ଲହୁ ଲୁହାଣ ହୋଇ ଜଗନ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଏହି ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସୂଚନା ମୁତାବକ, ସୋମବାର ବିଳମ୍ବିତ ରାତିରେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଗୁଡୁମ ଖଣିରେ ବେଆଇନ ପଥର କଟାଯାଉଥିବା ଖବର ପାଇ ଖଣି ଅଧିକାରୀ ଜଗନ ବେହେରା ଚଢଉ କରିଥିଲେ। ଏହି ସମୟରେ ୭ ରୁ ୮ ଜଣ ଦୁର୍ବୃତ୍ତ ଓ ମାଫିଆ ତାଙ୍କୁ ମାଡମାରି ପଥର ଖଣିରେ ପକାଇ ଦେଇଥିଲେ। ଖବରପାଇ ପୋଲିସ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ତେବେ ଜଗନ ଲିଖିତ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି। ଏପରିକି ଜଗନଙ୍କ ଅଭିଯୋଗ କ୍ରମେ ଆଦର୍ଶ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି।

# ଉପଜିଲ୍ଲାପାଳ ଅଫିସ୍‌ରେ ଇଭିଏମ୍ ଓ ଭିଭିପାଟ ମେସିନର ଉଦ୍ଘାଟନ

ସୋନପୁର, ୧୭/୧ (ନି.ପ୍ର): ଉପ -ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ କରକମଳରେ ଆସନ୍ତା ସାଧାରଣ ନିର୍ବାଚନରେ ଜନସାଧାରଣ ଯେପରି ବ୍ୟବସ୍ଥିତ ଓ ସଠିକ ଭାବେ ସେମାନଙ୍କ ବହୁମୂଲ୍ୟ ମତଦାନ ପ୍ରଦାନ କରିପାରିବେ, ସେଥିପାଇଁ ସର୍ବ ସାଧାରଣଙ୍କ ସଚେତନତା ନିମନ୍ତେ ଉପ -ଜିଲ୍ଲାପାଳ ସୋନପୁର ଙ୍କ କାର୍ଯ୍ୟାଳୟ ଠାରେ ଇ ଭି ଏମ ଓ ଭିଭି ପାଟ ମେସିନରେ ମତଦାନର ପ୍ରକ୍ରିୟା ପ୍ରଦର୍ଶନର ସଚେତନତା କେନ୍ଦ୍ର ର ଉଦଘାଟନ ହୋଇଯାଇଛି। ଏଥିରେ ଜିଲ୍ଲାପାଳଙ୍କ ସମେତ ଉପ- ଜିଲ୍ଲାପାଳ ଡଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ତହସିଲଦାର, ସମସ୍ତ କର୍ମଚାରୀ ମହିଳା କଲେଜ୍ ଓ ବିଭିନ୍ନ କଲେଜ୍ ଛାତ୍ର ଛାତ୍ରୀ ବୁଦ୍ଧିଜିବୀ ମିଡିଆ ଉପସ୍ଥିତ ଥିଲେ।

# ମଠକରଗୋଳା ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ

ଭୁବନ, ୧୭/୧ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ମଠକରଗୋଳା ମହାବିଦ୍ୟାଳୟ ରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୁଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ଚିତରଞ୍ଜନ ଦାଶ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ପାରିମାଳ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ସଂସ୍କୃତ ବିଭାଗର ବିଭାଗୀୟ ମୁଖ୍ୟ ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାଣି ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ଓଡ଼ିଆ ଭାଷା, ସଂସ୍କୃତ ଭାଷା ଓ ଜଗନ୍ନାଥ ସଂସ୍କୃତିକୁ ନେଇ ଓଜସ୍ୱିନୀ ଭାଷଣ ପ୍ରଦାନ କରି ସମସ୍ତ ଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପାରିମାଳ ମହାବିଦ୍ୟାଳୟ ର ଓଡ଼ିଆ ବିଭାଗର ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ ଡକ୍ଟର ପ୍ରଫୁଲ୍ଲ କୁମାର ପାଣି ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଓଡ଼ିଆ ଭାଷାର ଅତୀତ ତଥା ବର୍ତମାନର ସାମାଜିକ ମୂଲ୍ୟବୋଧ ଉପରେ ଉପାଦେୟ ବକ୍ତୃତା ପ୍ରଦାନ କରିଥିଲେ। ଅଧକ୍ଷ ଶ୍ରୀଯୁକ୍ତ ଦାଶ ଜଗନ୍ନାଥ ସଂସ୍କୃତି ଉପରେ ଦୀକ୍ଷାନ୍ତ ଭାଷଣ ଦେଇଥିଲେ । ଅଧକ୍ଷ ଦାଶ ସଭା ପ୍ରାରମ୍ଭରେ ଅତିଥି ଦ୍ୱୟଙ୍କୁ ପୁଷ୍ପ ଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଅଧ୍ୟାପକ ପ୍ରଶାନ୍ତ ମିଶ୍ର, ସୁଧାଂଶୁ ପାତ୍ର, ଅଧ୍ୟାପିକା ସ୍ୱପ୍ନିତା ରାଉତ ଓଡ଼ିଆ ଭାଷା ଉପରେ ଭାଷଣ ଦେଇଥିଲେ। ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟା ଅମିତାଞ୍ଜଳି ମିଶ୍ର ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଧାନ ଚାଷ ଉପରେ ପ୍ରଭାବ: ଗତବର୍ଷ ତୁଳନାରେ ମଣ୍ଡିରେ କମିଛି ଧାନ କିଣା



ଝରିଗାଁ, ୧୭/୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଏକ କୃଷି ପ୍ରାଧାନ୍ୟ ବ୍ଲକ ଭାବେ ପରିଚିତ। ଏହି ବ୍ଲକରେ ପ୍ରାୟ ୯୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ପ୍ରଶାସନ ପକ୍ଷରୁ ଜଳ ସେଚନ ସୁବିଧା ନଥିବା ଯୋଗୁଁ ବ୍ଲକର ଚାଷୀମାନେ କେବଳ ବର୍ଷା ଦିନ ବିଭିନ୍ନ କିସମର ଚାଷ କରିଥାନ୍ତି। ଚଳିତ ବର୍ଷ ଝରିଗାଁ ବ୍ଲକରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଅମଳ କମି ଥିବା ଚାଷୀମାନେ ଅଭିଯୋଗ କରିଥିଲେ। ବିଶେଷ କରି ଝରିଗାଁ ବ୍ଲକର ଧାନ ଚାଷୀ ମାନେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଅଧିକ କ୍ଷତି ହୋଇଥିବା ଜଣାପଡିଛି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ପ୍ରାୟ ୪୦ ପ୍ରତିଶତ ଧାନ ଅମଳ କମିଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରଭାବ ଏବେ ଝରିଗାଁ ବ୍ଲକ ଧାନ ମଣ୍ଡିରେ ଦେଖା ଦେଇଛି। ଝରିଗାଁ ବ୍ଲକରେ ପ୍ରଶାସନ ପକ୍ଷରୁ ଝରିଗାଁ ସହ ଚଟା, ଧୋଡ୍ରା, ବେଲଗାଁ, ଏକାମ୍ବା ଓ ଚାଟିଗୁଡ଼ା ଠାରେ ମଣ୍ଡି ମାଧ୍ୟମରେ ଚାଷୀ ମାନଙ୍କ ଠାରୁ ଧାନ କ୍ରୟ କରାଯାଉଛି। ଗତ ବର୍ଷ ଜାନୁଆରି ମାସ ୧୫ ତାରିଖ ସୁଦ୍ଧା ୨୫୫୮ ଜଣ ଚାଷୀଙ୍କ ଠାରୁ ୧ଲକ୍ଷ ୨୨ହଜାର ୮୨୧ କ୍ୟୁଟେଲ ଧାନ ଚାଷୀମାନଙ୍କ ଠାରୁ ଝରିଗାଁ ଲେମ୍ପସ କିଣିଥିବା ସୂଚନା ମିଳିଛି। ସେହିପରି ଗତ ବର୍ଷ ବ୍ଲକର ମୋଟ ୬ଟି ଧାନ ମଣ୍ଡିରେ ୧ ଲକ୍ଷ ୬୯ହଜର ୧୩୮ କ୍ୟୁଟେଲ ଧାନ ଚାଷୀମାନଙ୍କ ଠାରୁ କିଣି ଥିବା ସୂଚନା ମିଳିଛି। କିନ୍ତୁ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଧାନ ମଣ୍ଡିରେ ଲେମ୍ପସ ପକ୍ଷରୁ ଧାନ କିଣା ଗତ ବର୍ଷ ତୁଳନାରେ ଢେର କମ ଥିବା ସୂଚନା ମିଳିଛି। ଚଳିତ ବର୍ଷ ଜାନୁଆରି ମାସ ୧୫ ତାରିଖ ସୁଦ୍ଧା ଲେମ୍ପସ ପକ୍ଷରୁ ୬୨୩ ଜଣ ଚାଷୀଙ୍କ ଠାରୁ ମାତ୍ର ୨୯ହଜାର ୮୨୪ କ୍ୟୁଟେଲ ଧାନ କିଣାଯାଇ ଥିବା ସୂଚନା ମିଳିଛି। ସେହିପରି ଚାଷୀଙ୍କ ପାଖକୁ ଆସିଥିବା ଟକେନ୍ ଅନୁଯାୟୀ ଧାନ ଅଳମ ହୋଇନଥିବା ଯୋଗୁଁ ମଣ୍ଡିରେ ଚାଷୀ କମ ପରିମାଣର ଧାନ ବିକ୍ରି କରୁଥିବା ଅଭିଯୋଗ ହୋଇଛି ।ତେଣୁ ସ୍ଥାନୀୟ ଚାଷୀ ପ୍ରଶାସନ ପକ୍ଷରୁ ବନସ ଦେବା ପାଇଁ ଦାବି କରିଛନ୍ତି। ଅନ୍ୟପଟେ କିଛି ଚାଷୀ ମଣ୍ଡିକୁ ଅପେକ୍ଷା ନକରି ବଜାରରେ ଭଲ ଦରରେ ଧାନ ବିକ୍ରି ହେଉଥିବାରୁ ବ୍ୟବସାୟୀମାନଙ୍କୁ ଧାନ ବିକ୍ରି କରୁଥିବା ଶୁଣିବାକୁ ମିଳିଛି। ମଣ୍ଡିରେ ଧାନ ବିକ୍ରି ପାଇଁ ଗଲେ କଟନି ଛଟନି କରାଯାଉଥିବା ବେଳେ ଧାନ ବିକ୍ରି କରିବା ଚାଷୀଙ୍କୁ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ସେହିପରି ହଜାର ହଜାର ଟଙ୍କା ଖର୍ଚ୍ଚ କରି ଧାନବସ୍ତା ମଣ୍ଡି ନିକଟକୁ ନେବା ପାଇଁ ପଡୁଛି। ଧାନ ବିକ୍ରି ହୋଇନପାରିଲେ ରାତିରେ ଶୀତ କାକରରେ ଜଗିବାକୁ ପଡୁଛି। ଧାନ ବିକ୍ରି କରିବା ପରେ ଟଙ୍କା ପାଇବା ପାଇଁ ମଧ ମାସ ମାସ ଅପେକ୍ଷା କରିବା ପାଇଁ ପଡୁଛି। ସ୍ଥାନୀୟ ବ୍ୟବସାୟୀଙ୍କ ନିକଟରେ ଧାନ ବିକ୍ରି କଲେ ମଣ୍ଡି ଦରଠାରୁ ଅଧିକ ଲାଭ ଏବଂ ତୁରନ୍ତ ଟଙ୍କା ମିଳୁଥିବାରୁ କିଛି ଚାଷୀ ବ୍ୟବସାୟୀଙ୍କୁ ଧାନ ବିକ୍ରି କରୁଥିବା ମଧ ସୂଚନା ମିଳିଛି।

# କଳାହାଣ୍ଡି ଉତ୍ସବ ଘୁମୁରା- ୨୦୨୪ରେ ସଫାସୂତାରାରେ ପୌର ପରିଷଦକୁ ସାବାସ

ଭବାନୀପାଟଣା, ୧୭/୧ (ନି.ପ୍ର): କଳାହାଣ୍ଡି ଉତ୍ସବ ଅବସରରେ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡ଼ିୟମ ପରିସରରେ ତିନିଶହ ପଚାଶରୁ ଅଧିକ ଷ୍ଟଲ, ପାଂଚଶହରୁ ଅଧିକ ଉଠାଦୋକାନୀ, ବୁଲା ବିକାଳୀଙ୍କ ସହିତ ପ୍ରଥମ ଦିନରେ ହିଁ ଲକ୍ଷାଧିକ ଜନସାଧାରଣଙ୍କ ସମାଗମ ଯୋଗୁଁ ଷ୍ଟାଡ଼ିୟମ ପରିସରରେ ବେଶ୍ ଅଳିଆ ଆବର୍ଜନା ଜମିଥିଲା। କିନ୍ତୁ, ଆଜି ସକାଳୁ ସକାଳୁ ପୌରାଧକ୍ଷା ସଂଯୁକ୍ତା ବେହେରା, ଉପାଧକ୍ଷ ବିଷ୍ଣୁ ପ୍ରଧାନଙ୍କ ନେତୃତ୍ୱରେ କୋଡ଼ିଏରୁ ଅଧିକ ସଫେଇ କର୍ମଚାରୀ ଷ୍ଟାଡ଼ିୟମରୁ ଅଳିଆ ଆବର୍ଜନା ହଟାଇଥିଲେ। ସେହିପରି ଆଜି ଦିନତମାମ ସଫେଇ କର୍ମଚାରୀ ଜାଗତିଆର ଥିବା ଦେଖିବାକୁ ମିଳିଥିବା ବେଳେ ଉତ୍ସବ ପଡ଼ିଆରେ ଧୂଳି ନିୟନ୍ତ୍ରଣ ପାଇଁ ଟ୍ୟାଙ୍କର ଯୋଗେ ପାଣି ସିଂଚନ କରାଯାଇଥିଲା। ପୌର ପରିଷଦ କର୍ତ୍ତୃପକ୍ଷ ଏବଂ ସଫେଇ କର୍ମଚାରୀଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରଶଂସା କରାଯିବା ସହିତ ଅନେକେ କହିଛନ୍ତି ସାବାସ୍ ପୌର ପରିଷଦ।

# ଫଳ ସହିତ କ'ଣ ଖାଇବେନି

**ସୁସ୍ଥ ରହିବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ନିୟମିତ ଫଳ ଖାଇବାକୁ ପରାମର୍ଶ ଦେଇଥାନ୍ତି। ତେବେ ଫଳ ସହିତ କେତେକ ଜିନିଷ ଖାଇବା ଦ୍ୱାରା ଏହା ଶରୀର ପାଇଁ କ୍ଷତିକାରକ ହୋଇଥାଏ। ତେବେ ଆସନ୍ତୁ ଜାଣିବା, ଫଳ ସହିତ କ'ଣ ଖାଇବା ଅନୁଚିତ...**



◆ଫଳ ସହିତ ଅଧିକ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ(ଅଣ୍ଡା, ମାଂସ ଆଦି) ଖାଇବା ଅନୁଚିତ। ଫଳରେ ନାଚ୍ୟୁରାଲ ସୁଗାର ଥାଏ ଯାହାକି ଶୀଘ୍ର ହଜମ ହୋଇଯାଇଥାଏ, ଅପରପକ୍ଷରେ ପ୍ରୋଟିନ୍ ହଜମ ହେବାକୁ ସମୟ ଲାଗିଥାଏ। ଏହାକୁ ଏକାଠି ଖାଇବା ଦ୍ୱାରା ହଜମଜନିତ ସମସ୍ୟା ଦେଖାଯାଏ।

◆ସେହିଭଳି ଖଟାଫଳକୁ ଦୁଗ୍ଧଜାତୀୟ ଦ୍ରବ୍ୟ(କ୍ଷୀର, ଦହି) ସହିତ ଖାଇବା ଅନୁଚିତ। ଏହାଦ୍ୱାରା ପାଚନ ସମ୍ପର୍କୀୟ ସମସ୍ୟା ଦେଖାଯାଇପାରେ। ଖଟା ଫଳରେ ଥିବା ଏସିଡ୍, ଦୁଗ୍ଧଜାତ ପଦାର୍ଥରେ ଥିବା ପ୍ରୋଟିନ୍ ସହ ମିଶି ସମସ୍ୟା ସୃଷ୍ଟି କରିପାରେ। ଏହାକୁ ଅଲଗା ଅଲଗା ସେବନ କରିବା ଉଚିତ।

◆ଫଳକୁ ବ୍ରେଡ୍ କିମ୍ବା ଆଳୁ ଭଳି ହାଇ ଷ୍ଟାର୍ଚ୍‌ଯୁକ୍ତ ଖାଦ୍ୟ ସହିତ ଖାଇବା ଅନୁଚିତ। ଏହାଦ୍ୱାରା ଗ୍ୟାସ୍, ପେଟଫୁଲା ଆଦି ସମସ୍ୟା ଦେଖାଯାଇପାରେ।

◆ସେହିଭଳି ତରଭୁଜକୁ ଅନ୍ୟ କୌଣସି ଫଳ ସହ ଖାଇବା ଅନୁଚିତ। ଏହାକୁ ଅନ୍ୟ ଫଳ ସହ ଖାଇବା ଦ୍ୱାରା ପାଚନ ସମ୍ପର୍କୀୟ ସମସ୍ୟା ଦେଖାଯାଇପାରେ।

◆ସେହିଭଳି ଅଧିକ ଭାରୀ ଯୁକ୍ତ ଖାଦ୍ୟ ଖାଇବା ପରେ ସଙ୍ଗେ ସଙ୍ଗେ ଫଳ ଖାଇବା ଅନୁଚିତ। ଫଳ ଶୀଘ୍ର ହଜମ ହୋଇଯାଏ। ଏହାକୁ ଖାଦ୍ୟ ଖାଇବା ପରେ ସଙ୍ଗେ ସଙ୍ଗେ ଖାଇବା ଦ୍ୱାରା ଏହା ହଜମ ହେବାକୁ ସମୟ ଲାଗିଥାଏ। ତେଣୁ ଖାଦ୍ୟ ଖାଇବାର ଅଧ ଘଣ୍ଟା ପରେ ଫଳ ଖାଇବା ଆବଶ୍ୟକ।

# ବଢୁଥିବା ଓଜନକୁ ନେଇ ଚିନ୍ତିତ କି ? ଲାଇଫଷ୍ଟାଇଲ୍‌ରେ ସାମିଲ୍ କରନ୍ତୁ କୋରିଆନ୍ ଟିପ୍ସ



ଅନେକ ଲୋକ ଖାଇବାକୁ ବହୁତ ପସନ୍ଦ କରନ୍ତି। ଯାହା ଫଳରେ ଓଜନ ମଧ୍ୟ ବୃଦ୍ଧି ପାଏ। ଏଥିପାଇଁ ଭାରତୀୟ ଡାଏଟ୍‌କୁ ଗ୍ରହଣ କରି ଓଜନ ହ୍ରାସ କରିବାକୁ ଚେଷ୍ଟା କରନ୍ତି। ଏହି ଖାଦ୍ୟରେ ଭଲ ପ୍ରୋଟିନ୍ ଏବଂ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଛି । ଯେତେବେଳେ କି, କିଟୋ ଡାଏଟ୍, ମେଡିଟେରେନିୟମ ଡାଏଟ୍, ଫ୍ଲେକ୍ସିଟେରୀୟନ୍ ଡାଏଟ୍, ମାଇଣ୍ଡ ଡାଏଟ୍ ଇତ୍ୟାଦି ଅନ୍ୟାନ୍ୟ ଡାଏଟ୍ ଲୋକମାନଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ । ଏହା ବ୍ୟତୀତ ଅନେକ ଲୋକ ୧୬ ଘଣ୍ଟା ଫାଷ୍ଟିଙ୍ଗ ଡାଏଟ୍ କରିବାକୁ ମଧ୍ୟ ପସନ୍ଦ କରନ୍ତି ।

ବର୍ତ୍ତମାନ ଏକ ବିଶେଷ ପ୍ରକାରର ଡାଏଟ୍ ଲୋକମାନଙ୍କ ମଧ୍ୟରେ ନିଜର ସ୍ଥାନ ସୃଷ୍ଟି କରିଛି। ଭାରତରେ କୋରିଆନ୍ ଡାଏଟ୍ ଟିପ୍ସ ବହୁତ ପସନ୍ଦ କରାଯାଉଛି। କେବଳ କୋରିଆ ଡ୍ରାମା ସିରିଜ୍ ହି ନୁହେ କୋରିଆନ୍ ଲାଇଫ୍‌ଷ୍ଟାଇଲ୍ ମଧ୍ୟ ଯୁବପିଢିମାନେ ଆପଣେଇଛନ୍ତି । ଏହାକୁ ଗ୍ରହଣ କରି ଲୋକମାନେ କେବଳ ସେମାନଙ୍କର ଫ୍ୟାଶନ୍ କିମ୍ବା ସୌନ୍ଦର୍ଯ୍ୟ ପରିବର୍ତ୍ତନ କରୁନାହାଁନ୍ତି ବରଂ ସେମାନଙ୍କର ବଢୁଥିବା ଓଜନ ହ୍ରାସ କରିବାକୁ ମଧ୍ୟ ଚେଷ୍ଟା କରୁଛନ୍ତି ।

ଯଦି ତୁମେ ତୁମର ବଢୁଥିବା ଓଜନ ଦ୍ୱାରା ଅସୁବିଧାରେ ପଡିଛ ଏବଂ ତୁମର ସୌନ୍ଦର୍ଯ୍ୟକୁ ବଢାଇବାକୁ ଚାହୁଁଛ। ତେବେ ତୁମେ କୋରିଆନ ଟିପ୍ସ ସାହାଯ୍ୟ ନେଇ ପାରିବ । ଆସନ୍ତୁ ଜାଣିବା ଉଜ୍ଜ୍ୱଳ ତ୍ୱଚା ଏବଂ ଫିଟ୍ ଶରୀରରେ କିପରି ଦେଖାଯିବ ?

ପ୍ରତିଦିନ ବ୍ୟାୟାମ କରନ୍ତୁ– ସମସ୍ତ ଡାକ୍ତର ଏବଂ ବିଶେଷଜ୍ଞ ଯୋଗ ଏବଂ ବ୍ୟାୟାମ କରିବାକୁ ପରାମର୍ଶ ଦିଅନ୍ତି । ଆପଣଙ୍କର ଅଧିକ ସମୟ ନାହିଁ, ତେବେ ଦିନରେ କୌଣସି ବାହାନା କରି ଚାଲିବାକୁ ଚେଷ୍ଟା କରନ୍ତୁ । ପ୍ରତିଦିନ ଅତିକମରେ ଅଧ ଘଣ୍ଟା ଚାଲିବାକୁ ଚେଷ୍ଟା କରନ୍ତୁ। ଅନ୍ୟାନ୍ୟ ପରିବହନ ମାଧ୍ୟମ ବ୍ୟବହାର କରିବା ପରିବର୍ତ୍ତେ ସାଇକେଲ ଚଲାଇବା ଭଲ ।

ଖାଇବାରେ ଏହି ସବୁ ଖାଦ୍ୟ ଖାଆନ୍ତୁ– ଯଦି ଆପଣ ନିଜକୁ କିଛି ଦିନ ମଧ୍ୟରେ ଫିଟ୍ ଏବଂ ପତଳା ଦେଖିବାକୁ ଚାହାଁନ୍ତି। ତେବେ ଆପଣଙ୍କ ଖାଦ୍ୟରେ ଅଧିକରୁ ଅଧିକ ପନିପରିବା ଅନ୍ତର୍ଭୁକ୍ତ କରନ୍ତୁ । ଏହା ବ୍ୟତୀତ ଗହମ କିମ୍ବା ସେଥିରୁ ନିର୍ମିତ ଜିନିଷ କାଢି ଦିଅନ୍ତୁ। ଅଧିକ ଚିନି ଏବଂ ଦୁଗ୍ଧଜାତ ଦ୍ରବ୍ୟ ଖାଆନ୍ତୁ ନାହିଁ । ଆପଣ ନିଜ ଖାଦ୍ୟରେ ଅଧିକ ପନିପରିବା ଅନ୍ତର୍ଭୁକ୍ତ କରିପାରିବେ । ଯଦି ଆପଣ ନନ୍ ଭେଜ୍ ଖାଆନ୍ତି, ତେବେ ଆପଣ ମାଂସ ଏବଂ ମାଛ ମିଶାଇ ପାରିବେ ।

ଜଙ୍କ ଫୁଡରୁ ଦୂରେଇ ରୁହନ୍ତୁ– ଆପଣ ନିଜ ଡାଏଟ୍‌ରେ ଭଲ ଖାଦ୍ୟ ଅନ୍ତର୍ଭୁକ୍ତ କରିପାରିବେ। କିନ୍ତୁ ଜଙ୍କ ଫୁଡ୍ ଏବଂ ଅତ୍ୟଧିକ ତେଲ ଏବଂ ମସଲାଯୁକ୍ତ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ।

## ନକାରାତ୍ମକ ଶକ୍ତି ଓ ଅଶୁଭ ପ୍ରଭାବରୁ ଦୂରେଇ ରହିବା ପାଇଁ ଯାନବାହନରେ ରଖନ୍ତୁ ଏହି ଜିନିଷ

ନକାରାତ୍ମକ ଶକ୍ତି ଓ ଅଶୁଭ ପ୍ରଭାବରୁ ଦୂରେଇ ରହିବା ପାଇଁ ଯାନବାହନର ବାସ୍ତୁ ଉପରେ ମଧ୍ୟ ବିଶେଷ ଦୃଷ୍ଟି ଦେବା ଆବଶ୍ୟକ। ତେବେ ଗାଡ଼ିରେ କେଉଁ ସବୁ ଜିନିଷ ରଖିଲେ ସକାରାତ୍ମକ ଶକ୍ତି ବୃଦ୍ଧି ପାଏ, ଜାଣିବା ସେ ସମ୍ପର୍କରେ...

– ବାସ୍ତୁ ଅନୁସାରେ, ଗାଡ଼ିରେ ସକାରାତ୍ମକ ଶକ୍ତି ବୃଦ୍ଧି କରିବା ପାଇଁ ଗାଡ଼ିର ଡ୍ୟାସ୍‌ବୋର୍ଡରେ ଗଣେଶ, ଦୁର୍ଗା ଓ ଶିବଙ୍କ ପ୍ରତିମା ରଖିବା ଜରୁରି।

– ନକାରାତ୍ମକ ଶକ୍ତି ଦୂର କରିବା ପାଇଁ ଗାଡ଼ିରେ କଳା କଇଁଛ ରଖିବା ଶୁଭ।

– ସେହିପରି ପାଣି ବୋତଲ ଗାଡ଼ିରେ ରଖିବା ଦ୍ୱାରା ମନ ନିର୍ମଳ ରହେ।

– ଗାଡ଼ିରେ ମୟୂର ପୁଚ୍ଛ, ଶିବଙ୍କ ଡମ୍ବରୁ ଏବଂ ଦୁର୍ଗା ମା'ଙ୍କ ଓଢ଼ଣି ରଖିବା ଶୁଭଦାୟକ। ଏହା ଦ୍ୱାରା ଜୀବନର ସମସ୍ତ ବାଧା ଦୂର ହୋଇଥାଏ।



# ଅବସାଦ କମାଏ ଦିନକୁ ଦୁଇ ଘଣ୍ଟାର ଫୋନ୍ ବ୍ୟବହାର



ଅତ୍ୟଧିକ ମୋବାଇଲ ବ୍ୟବହାର ଯୋଗୁଁ ଏବେ ଲୋକଙ୍କଠାରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ଏହି ସମସ୍ୟା କିଶୋରକିଶୋରୀଙ୍କଠାରେ ଅଧିକ ଦେଖିବାକୁ ମିଳିଥାଏ। ସେଥିପାଇଁ ଯଥାସମ୍ଭବ ମୋବାଇଲ କମ୍ ବ୍ୟବହାର କରିବା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଉଛି। ଗୋଟିଏ ପଟେ ଅଧିକ ଫୋନ ବ୍ୟବହାର ସ୍ୱାସ୍ଥ୍ୟ ସମସ୍ୟାର କାରଣ ପାଲଟୁଥିବା ବେଳେ ଅନ୍ୟପଟେ ଏହାର କମ୍ ବ୍ୟବହାର ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ହ୍ରାସ କରିବା ଦିଗରେ ଫଳପ୍ରଦ ବୋଲି କୁହାଯାଇଛି। ଦିନକୁ ଘଣ୍ଟାଏରୁ ଦୁଇ ଘଣ୍ଟା ଫୋନ୍ ବ୍ୟବହାର କରୁଥିବା କିଶୋରକିଶୋରୀଙ୍କଠାରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଆଶଙ୍କା ହ୍ରାସ ପାଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି।

କୋରିଆର ହନ୍‌ୟାଙ୍ଗ ବିଶ୍ୱବିଦ୍ୟାଳୟର ଗବେଷକମାନେ ୧୩ରୁ ୧୮ ବର୍ଷ ବୟସ୍କ ପିଲାଙ୍କ ଉପରେ ଗବେଷଣା କରି ଏହି ତଥ୍ୟ ସାମ୍ନାକୁ ଆଣିଛନ୍ତି। ତେବେ ଆଦୌ ଫୋନ୍ ବ୍ୟବହାର କରୁ ନଥିବା ପିଲାଙ୍କ ତୁଳନାରେ ଦିନକୁ ଦୁଇ ଘଣ୍ଟାରୁ କମ୍ ସମୟ ବ୍ୟବହାର କରୁଥି ବା କିଶୋରଙ୍କଠାରେ ଅବସାଦ, ନିଦ୍ରାହୀନତା, ଚିନ୍ତା, ଆତ୍ମହତ୍ୟା ପ୍ରବଣତା ଏବଂ ନିଶାଭ୍ୟାସ ପ୍ରବୃତ୍ତି ଆଶଙ୍କା କମ୍ ଥାଏ। ଅବଶ୍ୟ ଚାରି ଘଣ୍ଟାରୁ ଅଧିକ ସମୟ ମୋବାଇଲ ବ୍ୟବହାର କରିବା ଦ୍ୱାରା ଏହିସବୁ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ଆଶଙ୍କା ୨୨ ପ୍ରତିଶତକୁ ବୃଦ୍ଧି ପାଇଥାଏ। କିଶୋରକିଶୋରୀଙ୍କ ଫୋନ୍ ବ୍ୟବହାର ସେମାନଙ୍କୁ ଏକାକୀତ୍ୱଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ ବୋଲି ଗବେଷକମାନେ କହିଛନ୍ତି। ତେବେ ଗବେଷକମାନେ ୨୦୧୭ ଏବଂ ୨୦୨୦ରେ କୋରିଆର ୫୦ ହଜାର କିଶୋରଙ୍କ ଡାଟାକୁ ବିଶ୍ଳେଷଣ କରି ଏଭଳି ଏକ ନିଷ୍କର୍ଷରେ ପହଞ୍ଚିଛନ୍ତି।

# କଳା ଅଙ୍ଗୁର ଖାଉଛନ୍ତି କି, ଜାଣିନିଅନ୍ତୁ ଏହା ବିଷୟରେ କିଛି ଖାସ୍ କଥା...



ପିଲାଠାରୁ ବୟସ୍କ, ସମସ୍ତଙ୍କୁ ପସନ୍ଦ ଅଙ୍ଗୁର । କିନ୍ତୁ ଖାସ୍ କରି ଶୀତଦିନେ ଦେଖିବାକୁ ମିଳିଥାଏ କଳା ଅଙ୍ଗୁର । କିନ୍ତୁ ଜାଣନ୍ତି କି କାହିଁକି ଅଧିକ ରହିଥାଏ ଚାହିଦା । ଆସନ୍ତୁ ଜାଣିବା...ବିଶେଷଜ୍ଞଙ୍କ ଅନୁଯାୟୀ, ଅନ୍ୟ ଅଙ୍ଗୁର ଅପେକ୍ଷା କଳା ଅଙ୍ଗୁର ଭିଟାମିନ୍ ଇ ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ମାତ୍ରାରେ ରହିଥାଏ। ଯାହା ତ୍ୱଚାରେ ରକ୍ତ ସଞ୍ଚାଳନକୁ ବୃଦ୍ଧି କରିଥାଏ। ଏହା କେଶକୁ ଶକ୍ତିଶାଳୀ କରିବା ସହ ସୁସ୍ଥ ମଧ୍ୟ ରଖିଥାଏ । ମଧୁମେହ ରୋଗୀଙ୍କ ପାଇଁ ବେଶ୍ ଲାଭଦାୟକ ହୋଇଥାଏ କଳା ଅଙ୍ଗୁର । ଏହା ରକ୍ତରେ ଶର୍କରା ସ୍ତରକୁ ହ୍ରାସ କରିପାରେ । କଳା ଅଙ୍ଗୁରର ମଞ୍ଜିର ପେଷ୍ଟକୁ ଅଲିଭ୍ ତେଲରେ ମିଶାଇ ଲଗାଇବା ଫଳରେ କେଶରେ ଚମକ ଆସିଥାଏ । ଏଥିରେ ଭରପୂର ମାତ୍ରାରେ ରହିଛି ଭିଟାମିନ୍ ଇ । ଯାହା କେଶ ଝଡିବା ପରି ସମସ୍ୟାକୁ କମାଇଥାଏ । ଗର୍ଭାବସ୍ଥା ସମୟରେ କଳା ଅଙ୍ଗୁର ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଏହାକୁ ଖାଇବା ଫଳରେ ଉଚ୍ଚ ରକ୍ତଚାପ ବଢ଼ିବାର ଆଶଙ୍କା ରହିଥାଏ । ଏମିତିକି ଆଲର୍ଜି କିମ୍ବା ପେଟରେ ଅଲସର ପରି ସମସ୍ୟା ଦେଖିବାକୁ ମିଳିପାରେ । ତେଣୁ ଗର୍ଭାବସ୍ଥାରେ କଳା ଅଙ୍ଗୁରୁ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।

# ଦାନ୍ତ ଘଷିବାର୍ କେତେ ସମୟ ପରେ ଖାଇବା ଉଚିତ୍ ? : ଜାଣନ୍ତୁ କଣ କୁହନ୍ତି ବିଶେଷଜ୍ଞ



ସମସ୍ତେ ପ୍ରତିଦିନ ଦାନ୍ତ ଘଷିଥାନ୍ତି । ଏହାପରେ ହିଁ କେହି ଖାଦ୍ୟ ଖାଇଥାନ୍ତି । କିନ୍ତୁ କିଛି ଲୋକ ଏପରି ଅଛନ୍ତି ଯିଏକି ଦାନ୍ତ ଘଷୁ ଘଷୁ କିଛି ନା କିଛି ଖାଇଥାନ୍ତି । କିନ୍ତୁ ଏହା କେତେ ଠିକ୍? ଦାନ୍ତ ଘଷିବାର ସାଙ୍ଗେ ସାଙ୍ଗେ ଖାଇବା ଉଚିତ୍? କି ନୁହେଁ ? ଆସନ୍ତୁ ଜାଣିବା... ବିଶେଷଜ୍ଞଙ୍କ ଅନୁଯାୟୀ ଦାନ୍ତ ଘଷିବାର ତୁରନ୍ତ ପରେ ଖାଇବା ଉଚିତ୍ ନୁହେଁ । ଏପରି କରିବା ଦ୍ୱାରା ଦାନ୍ତ ମାଢ଼ି ଉପରେ ପ୍ରଭାବ ପଡ଼ିଥାଏ । ଏହାବ୍ୟତୀତ ଦାନ୍ତ ସହ ଜଡ଼ିତ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ । ଦାନ୍ତ ଘଷିବା ପରେ ଦାନ୍ତରେ ଥିବା ଏସିଡ୍ ଦୂର ହୋଇଥାଏ । ମାଢ଼ି ଓ ଦାନ୍ତରେ ଭୋଜନର ଅଂଶ ଓ ବ୍ୟାକ୍ଟେରିଆ ଦୂର ହୋଇଯାଇଥାଏ । ଏହି ପ୍ରକ୍ରିୟା ଦ୍ୱାରା ଦାନ୍ତର ଉପର ଅଂଶ ଓ ମାଢ଼ି ପରିଷ୍କାର ହୋଇଥାଏ । ଫଳରେ ତୁରନ୍ତ ଖାଦ୍ୟ ଖାଇବା ଦ୍ୱାରା ମାଢ଼ି ଓ ଦାନ୍ତ ପାଇଁ ହାନିକାରକ ହୋଇଥାଏ । ଯାହା ଫଳରେ ତୁରନ୍ତ ଖାଦ୍ୟ ଖାଇଲେ ଦାନ୍ତର ଉପର ଅଂଶ ଓ ମାଢ଼ିରେ କୁପ୍ରଭାବ ପକାଏ । ଦାନ୍ତ ଦୁର୍ବଳ ହେବା ସହ ଅନେକ ରୋଗ ସୃଷ୍ଟି ହୋଇଥାଏ । ଦାନ୍ତର ଚମକ ହ୍ରାସ ପାଇ ହଳଦିଆ ଦେଖାଯାଏ । ମାଢ଼ିରେ ଯନ୍ତ୍ରଣା ହୋଇଥାଏ । ମିଠା, ଥଣ୍ଡା ଜାତୀୟ ଜିନିଷ ଖାଇବା ସମୟରେ ଏହି ଯନ୍ତ୍ରଣା ଅଧିକ ହୋଇଥାଏ । ବିଶେଷଜ୍ଞଙ୍କ ମତରେ ବ୍ରଶ୍ କରିବାର ୨୦ ମିନିଟ୍ ଯାଏ କୌଣସି ଖାଦ୍ୟ ଖାଆନ୍ତୁ ନାହିଁ । ଦାନ୍ତ ଘଷିବା ପରେ ପାଣି ପିଇପାରିବେ । ବ୍ରସ୍ କରିବାର ତୁରନ୍ତ ପରେ ରାଗୁଆ ଖାଦ୍ୟ, ଲୁଣିଆ ଖାଦ୍ୟ, ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା କ୍ଷତିକାରକ ହୋଇଥାଏ । ଫଳରେ ମାଢ଼ିରେ ଯନ୍ତ୍ରଣା ଓ ଜଳାପୋଡ଼ା ହୋଇଥାଏ । ଏହାସହ ଚା' କିମ୍ବା ମୃଦୁ ପାନୀୟ ମଧ୍ୟ ତୁରନ୍ତ ପିଅନ୍ତୁ ନାହିଁ ।


# ବିଶ୍ୱର ଅଜବ ମନ୍ଦିର, ପୂଜା ପାଉଛି ଦାନ୍ତ ! କାହାର ଏହି ଦାନ୍ତ ?

**ଦୁନିଆରେ ଅନେକ ମନ୍ଦିର ଅଛି ଯାହାର କାହାଣୀ ଏବଂ ରହସ୍ୟ ଲୋକମାନଙ୍କୁ ଭୟଭୀତ କରେ । କିନ୍ତୁ ଏପରି କିଛି ମନ୍ଦିର ରହିଛି ଯାହା ଖୁବ୍ ସ୍ୱତନ୍ତ୍ର । ଏପରି ଏକ ହେଉଛି ଦାନ୍ତର ମନ୍ଦିର । ହଁ, ଆଜ୍ଞା ଆପଣ ଠିକ୍ ଶୁଣୁଛନ୍ତି। ଏହି ମନ୍ଦିରରେ ଦାନ୍ତକୁ କରାଯାଉଛି ପୂଜା । ମନ୍ଦିରକୁ ବର୍ଷ ବର୍ଷ ଧରି ପୂଜା କରିଆସୁଛନ୍ତି ଶ୍ରଦ୍ଧାଳୁ । ମନ୍ଦିରର ସ୍ୱତନ୍ତ୍ରତା ଲୋକଙ୍କୁ ଆକର୍ଷିତ କରିଥାଏ । ତେବେ ମନ୍ଦିରରେ ପୂଜା ପାଉଥିବା ଏହି ଦାନ୍ତ କାହାର ? କେଉଁଠି ରହିଛି ଏହି ମନ୍ଦିର ? କଣ ରହିଛି ଏହି ମନ୍ଦିରର ରହସ୍ୟ ? ଆସନ୍ତୁ ଜାଣିବା ...**



ବାସ୍ତବରେ ଏହି ମନ୍ଦିରଟି ଭାରତରେ ନୁହେଁ ବରଂ ଶ୍ରୀଲଙ୍କାରେ ଅବସ୍ଥିତ । ମନ୍ଦିରଟି ନିଜର ମାହାତ୍ମ୍ୟ ପାଇଁ ପରିଚିତ । ଏହି ମନ୍ଦିରରେ ଗୌତମ ବୁଦ୍ଧଙ୍କ ଦାନ୍ତ ରହିଛି । ଯେଉଁଥି ପାଇଁ ଏହି ମନ୍ଦିରର ନାଁ ଦିଆଯାଇଛି ଦାନ୍ତ ମନ୍ଦିର । ପ୍ରତିଦିନ ଏଠାରେ ପୂଜାର୍ଚ୍ଚନା କରାଯାଉଛି । ମନ୍ଦିରରେ ଥିବା ଦାନ୍ତକୁ ନେଇ ଏକ ବିଶ୍ୱାସ ରହିଛି। କୁହାଯାଉଛି କି ଏହି ଦାନ୍ତ ଧିରେ ଧିରେ ବଢୁଛି ।

ବିଶ୍ୱାସ କରାଯାଏ ଯେ ଯେତେବେଳେ ଗୌତମ ବୁଦ୍ଧଙ୍କର ମୃତ୍ୟୁ ହୋଇଥିଲା, ସେତେବେଳେ ତାଙ୍କର ଶେଷକୃତ୍ୟ ଉତ୍ତରପ୍ରଦେଶର କୁଶୀନଗରରେ କରାଯାଇଥିଲା । କିନ୍ତୁ ତାଙ୍କର ଶେଷକୃତ୍ୟ ପୂର୍ବରୁ ତାଙ୍କର ଜଣେ ଅନୁଗାମୀ ବୁଦ୍ଧଙ୍କ ପାଟିରୁ ଏକ ଦାନ୍ତ ବାହାର କରି ନେଇ ଆସିଥିଲେ । ସେହି ଅନୁଗାମୀ ଏହାପରେ ଗୌତମ ବୁଦ୍ଧଙ୍କ ଦାନ୍ତକୁ ରାଜା ବ୍ରହ୍ମଦତ୍ତଙ୍କୁ ଦେଇଥିଲେ । ବହୁ ବର୍ଷ ଧରି ରାଜା ବ୍ରହ୍ମଦତ୍ତ ଗୌତମ ବୁଦ୍ଧଙ୍କ ସେହି ଦାନ୍ତକୁ ପୂଜା କରିଥିଲେ ଏବଂ ସେହି ଦାନ୍ତକୁ ନିଜ ରାଜପ୍ରସାଦରେ ସ୍ଥାପନା କରିଥିଲେ ।



ଚମତ୍କାରୀ କୁହାଯାଏ ଗୌତମ ବୁଦ୍ଧଙ୍କ ଦାନ୍ତ ହାସଲ କରିବା ପାଇଁ ଅନେକ ରାଜା ଯୁଦ୍ଧ କରିଥିଲେ । କିନ୍ତୁ ଏହି ଦାନ୍ତକୁ ସୁରକ୍ଷିତ ରଖିବା ପାଇଁ ଗୌତମ ବୁଦ୍ଧଙ୍କର ଜଣେ ଅନୁଗାମୀ ଦାନ୍ତକୁ ଶ୍ରୀଲଙ୍କାକୁ ପଠାଇ ଦେଇଥିଲେ। ଏହାପରେ ଶ୍ରୀଲଙ୍କା ରାଜା ଏହି ଦାନ୍ତ ପାଇଁ ଏକ ବିରାଟ ମନ୍ଦିର ନିର୍ମାଣ କରିଥିଲେ । ଆଉ ଏହି ଦାନ୍ତକୁ ମନ୍ଦିରରେ ସ୍ଥାପନ କଲେ । ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଏହି ମନ୍ଦିରରେ ଗୌତମ ବୁଦ୍ଧଙ୍କ ଦାନ୍ତ ପୂଜା କରାଯାଇଥାଏ ।

ମନ୍ଦିରରେ ଗୌତମ ବୁଦ୍ଧଙ୍କ ଦାନ୍ତକୁ ଏକ ଛୋଟ ବାକ୍ସରେ ରଖାଯାଇଛି । ଖାସ୍ କଥା ହେଉଛି ଏହି ଦାନ୍ତକୁ କାହାକୁ ଛୁଇଁବାକୁ ଦିଆଯାଇନଥାଏ। କୁହାଯାଏ ଯେ ଏହି ଦାନ୍ତ ଦେଖିବା ଦ୍ୱାରା ଲୋକଙ୍କ ଦୁଃଖକଷ୍ଟ ଦୂର ହୁଏ ହୋଇଥାଏ । ପ୍ରତିଦିନ ଏହି ଦାନ୍ତକୁ ଦେଖିବାକୁ ମନ୍ଦିରରେ ଲାଗିଥାଏ ପର୍ଯ୍ୟଟକଙ୍କ ଭିଡ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଇଣ୍ଡିଆର ଏକତା...

ଏକତାର ବଳ ଗପଟି ଊଣା ଅଧିକେ ସମସ୍ତେ ଜାଣିଥିବେ, ଯେଉଁଥିରେ ବାପଟିଏ ତା'ର ଏକାଧିକ ପୁଅଙ୍କୁ ଏକାଠି ରଖିବା ପାଇଁ ପ୍ରଥମେ ଜଣଙ୍କୁ ଗୋଟିଏ ଲେଖାଏଁ କାଠି ଦେଇ ଭାଙ୍ଗିବାକୁ କହିବା ଓ ପରେ ବିଡ଼ାଏ ଲେଖାଏଁ କାଠି ଦେଇ ଭାଙ୍ଗିବାକୁ କହି ଉପରୋକ୍ତ ନୀତିଶିକ୍ଷାଟି ପ୍ରଦାନ କରିଥିଲା । ତେଣୁ ସବୁବେଳେ ପାଞ୍ଚ ପଚିଶ ଏକାଠି ରହିଲେ ଅସମ୍ଭବ ମନେ ହେଉଥିବା କାର୍ଯ୍ୟ ମଧ ସାଧନ କରିହୁଏ । ଏବେ ଆସିବା କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟକୁ ହଟାଇବାକୁ ବିରୋଧୀ ଦଳମାନେ କରିଥିବା 'ଇଣ୍ଡିଆ' ମେଣ୍ଟ ଆଡ଼କୁ । ଲୋକସଭା ନିର୍ବାଚନର ଦିନ ଯେତେ ପାଖେଇ ଆସୁଛି, ଯାହାକି ଅନୁଷ୍ଠିତ ହେବାକୁ ଖୁବ୍ ବେଶୀରେ ଆଉ ତିନି ମାସ ବାକି ଅଛି, ଦିନ ପରେ ଦିନ ସେତେ ଏହି ମେଣ୍ଟ ନିଜର ସାମର୍ଥ୍ୟ ଏବଂ ଦୁର୍ବଳତାଗୁଡ଼ିକ ପଦାରେ ପ୍ରଦର୍ଶିତ କରି ଚାଲିଛି । ସଦ୍ୟତମ ଉଦାହରଣ ଭାବରେ ମେଣ୍ଟ ଯାହା ପ୍ରଦର୍ଶନ କରିଛି, ତାହା ହେଉଛି- ଏହି ଗୋଷ୍ଠୀ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖାଡ଼ଙ୍କୁ ମେଣ୍ଟର ଅଧ୍ୟକ୍ଷ ଭାବରେ ତ ନିର୍ବାଚିତ କଲା, କିନ୍ତୁ ବିହାର ମୁଖ୍ୟମନ୍ତ୍ରୀ ତଥା ଜନତା ଦଳ (ସଂଯୁକ୍ତ)ର ଅଧ୍ୟକ୍ଷ ନୀତୀଶ କୁମାରଙ୍କୁ ଏହାର ଆବାହକ ଭାବରେ ନିର୍ବାଚିତ କରିବାକୁ ଏକ ସହମତିରେ ପହଞ୍ଚିବାରେ ବିଫଳ ହେଲା । ଶ୍ରୀଯୁକ୍ତ ଖାଙ୍କୁ ନିର୍ବାଚିତ କରିବା ବାସ୍ତବ ରାଜନୀତିର ବିଭିନ୍ନ ଉପାଦାନଗୁଡ଼ିକୁ ଭଲ ଭାବରେ ବୁଝିବାରେ ମେଣ୍ଟର ରହିଥିବା ସାମର୍ଥ୍ୟ ଓ ସ୍ୱୀକାର କରିନେବାକୁ ପ୍ରତିଫଳିତ କରେ । 'ଇଣ୍ଡିଆ' ହେଉଛି ଜାତୀୟ ଏବଂ ସ୍ଥାନୀୟ ସ୍ୱାର୍ଥର ଏକ ସମ୍ମିଶ୍ରଣ ଏବଂ ଏହାର ଅଧିକାଂଶ ସଦସ୍ୟ ଦଳ ଆଞ୍ଚଳିକ ଅଭିଳାଷଗୁଡ଼ିକର ପ୍ରତିନିଧି କରୁଛନ୍ତି, ଯେଉଁଗୁଡ଼ିକ ମଧ୍ୟରୁ ବେଳେ ବେଳେ ଗୋଟିଏର ଅନ୍ୟଠାରୁ ଭିନ୍ନ ହେବା ସ୍ୱାଭାବିକ । ବର୍ତ୍ତମାନ ସୁଦ୍ଧା କଂଗ୍ରେସ ହେଉଛି ଏହି ମେଣ୍ଟର ସର୍ବାଧିକ ବଡ଼ ସଦସ୍ୟ ଏବଂ ଏହା ନିକଟରେ ଯେତେ ଅଧିକ ସଂଖ୍ୟକ ହୋଇପାରେ, ସେତେ ଅଧିକ ମତାମତକୁ ସମ୍ମିଶ୍ରିତ କରିବାର ସାମର୍ଥ୍ୟ ରହିଛି। ଏକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ), ଯାହାକି ମୂଳତଃ ଏକ ଏକକ ଶକ୍ତି ଭାବରେ ପରିଚିତ ବିଜେପି ଏବଂ ଏହା ସହିତ କେତେକ ଛୋଟ ଛୋଟ ଦଳମାନଙ୍କୁ ନେଇ ଗଠିତ, ତା' ବିରୁଦ୍ଧରେ ଗଠନ କରାଯାଇଥିବା ଏହି ମେଣ୍ଟ 'ଇଣ୍ଡିଆ' କଂଗ୍ରେସକୁ ଏହାର ମୁହଁ ଭାବରେ ରଖିବା ଉଚିତ, ଦେଖିକି ଅସମାନ ଭାବରେ ବର୍ତ୍ତମାନ ଗେରୁଆ ଦଳ ପଟକୁ ଯେତେ ବି କ୍ଷମତାର ସନ୍ତୁଳନ ଢଳିଥାଉ ନା କାହିଁକି । ବଂଶବାଦ ରାଜନୀତିର ସୁରକ୍ଷା ପ୍ରଦାନକାରୀ ଏବଂ ପ୍ରାୟୋଜକ ଭାବରେ ବିପକ୍ଷ ଦଳ ଯେତେ ଆରୋପ ଲଗାଇଲେ ବି ଶ୍ରୀଯୁକ୍ତ ଖାଡ୍ ମେଣ୍ଟ ଉପରୁ ଏପରି ଆରୋପକୁ ହଟାଇବାରେ ସହାୟକ ହୋଇ ପାରିବେ, ଯଦିଓ ଏବେ ସୁଦ୍ଧା ଗାନ୍ଧୀ ପରିବାରଙ୍କ ଉପରେ ନିର୍ଭର କରୁଛି ଯେ ଏହା ଶ୍ରୀଯୁକ୍ତ ଖାଙ୍କୁ ଦଳର ନିର୍ବାଚନ କୌଶଳ ପ୍ରସ୍ତୁତ କରିବା ସହିତ ତାକୁ କାର୍ଯ୍ୟକାରୀ କରିବା ନିମନ୍ତେ ମୁକ୍ତହସ୍ତ ପ୍ରଦାନ କରିବ କି ନାହିଁ । ତେବେ ଏହାର ଆବାହକ ଭାବରେ ଏକ ସାଧାରଣ ନାମକୁ ବାଛିବାରେ ଗୋଷ୍ଠୀର ବିଫଳତା ଏହା ଭିତରେ ରହିଥିବା ଗଭୀର ମତଭେଦ ଏବଂ ସ୍ୱାର୍ଥଜନିତ ସଂଘର୍ଷର ଏକ ପ୍ରତିଫଳନ। ଏହି ମେଣ୍ଟର ଅଧିକାଂଶ ଅଂଶୀଦାର ହେଉଛନ୍ତି ଜାତୀୟସ୍ତରୀୟ ଉଚ୍ଚାଭିଳାଷ ପୋଷଣ କରୁଥିବା ଆଞ୍ଚଳିକ ଶକ୍ତିମାନଙ୍କର ଟାଣୁଆ ନେତା ; ସେମାନେ ମୁଖ୍ୟତଃ ସେମାନଙ୍କର ନିଜର ସ୍ୱାର୍ଥଗୁଡ଼ିକୁ ଉପସ୍ଥାପନ କରିବା ପାଇଁ ଏକ ମିଳିତ ମଞ୍ଚକୁ ପ୍ରୋତ୍ସାହିତ କରୁଛନ୍ତି। ଅନେକ ରାଜ୍ୟରେ ବି ପରିସ୍ଥିତି ଏମିତି ଯେ ମେଣ୍ଟରେ ସାମିଲ ହୋଇଥିବା କେତେକ ଦଳ ସେମାନଙ୍କ ନିଜ ନିଜକୁ ପ୍ରମୁଖ ଶକ୍ତି ଭାବରେ ପ୍ରତିପାଦିତ କରିବା ନିମନ୍ତେ ପରସ୍ପର ବିରୁଦ୍ଧରେ ଲଢ଼ିବେ, ଏମିତିକି ସେମାନେ ବିଜେପି ସହିତ ମଧ ପ୍ରତିଦ୍ୱନ୍ଦିତା କରିବା ସହିତ । ସତ୍ୟ ହେଉଛି- ବିଜେପି-ନେତୃତ୍ୱାଧୀନ କେନ୍ଦ୍ର ସରକାର ଯଦି ବିପଜ୍ଜନକ ଭାବରେ ସଂଘୀୟ ନୀତିଗୁଡ଼ିକୁ ଗୌଣ ବୋଲି ଦର୍ଶାଇବା ସହିତ ବିରୋଧୀ ଦଳମାନଙ୍କୁ ସାବାଡ଼ କରିବା ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ କାମରେ ଲଗାଇ ନଥାନ୍ତେ, ତା'ହେଲେ ଏହି ବିରୋଧୀ ଦଳମାନେ ଏକାଠି ହୋଇ ମେଣ୍ଟ ଗଠନ କରିବା କଥା ହୁଏତ ଚିନ୍ତା କରି ନଥାନ୍ତେ। ଏକଥା ଭଲ ଭାବରେ ବୁଝିହେବା ଭଳି କଥା ଯେ 'ଇଣ୍ଡିଆ' ଛାପ ଅଧୀନରେ ପ୍ରତ୍ୟେକ ଭାଗିଦାର ନିଜର କାର୍ଯ୍ୟସୂଚୀକୁ ଆଗେଇ ନେବାକୁ ଚାହାନ୍ତି । ତେବେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି- ସେମାନେ ନିଜ ନିଜର ଏଇ କାର୍ଯ୍ୟସୂଚୀକୁ ପଛରେ ପକାଇ ଏକ ବୃହତ୍ତର ସ୍ୱାର୍ଥକୁ ଆଗରେ ରଖି କାମ କରି ପାରିବେ କି ନାହିଁ । କଂଗ୍ରେସ ଏ ବାବଦରେ ଥରେ ଭୁଲ୍ କରି ସାରିଛି, ଯେତେବେଳେ କି ଏହା ନିକଟରେ ଶେଷ ହୋଇଥିବା ବିଧାନସଭାଗୁଡ଼ିକର ନିର୍ବାଚନରେ ମେଣ୍ଟର ମୁଖ୍ୟ କାର୍ଯ୍ୟସୂଚୀକୁ ହେୟଜ୍ଞାନ କରି କେବଳ ନିର୍ବାଚନ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା । ଦଳ ହିସାବ କରିଥିଲା ଯେ ଏହି ନିର୍ବାଚନରେ ତା'ର ଭଲ ପ୍ରଦର୍ଶନ ଲୋକସଭା ନିର୍ବାଚନ ବେଳେ ତାକୁ ମେଣ୍ଟ ସହଯୋଗୀମାନଙ୍କ ସହିତ ଅଧିକ ମୂଲଚାଲ କରିବାର ଫାଇଦା ପ୍ରଦାନ କରିବ, କିନ୍ତୁ ନିର୍ବାଚନୀ ମଇଦାନରୁ ଏହା ନାକ କାନ କାଟି ଫେରିଥିଲା । ଏଥିପାଇଁ ମେଣ୍ଟକୁ ଯେଉଁ ମୂଲ୍ୟ ଦେବାକୁ ପଡ଼ିଥିଲା, ସମୟ ଦୃଷ୍ଟିରୁ ତାହା ଟିକେ ସାମାନ୍ୟ ଅଧିକ ଥିଲା, କାରଣ ସେଥିେ ମୁଣ୍ଡ ନ ଖେଳାଇ ସେମାନେ ସାଧାରଣ ନିର୍ବାଚନ ପାଇଁ ଅଧିକ ସମୟ ଦେଇ ପାରିଥାନ୍ତେ। ସେମାନେ ନିଜ ନିଜର କଠିନ ବାଟରେ ଏହା ଶିକ୍ଷା ନ କରି କଂଗ୍ରେସଠାରୁ ଯଦି ଏହା ଶିକ୍ଷା କରନ୍ତି, ତା'ହେଲେ ଖୁବ୍ ଉତ୍ତମ ହେବ। ସମ୍ପ୍ରତି ଶ୍ରୀଯୁକ୍ତ ଖାଙ୍କ ଅଧ୍ୟକ୍ଷ ଭାବରେ ମନୋନୀତ ହେବା କଂଗ୍ରେସ ପାଇଁ ଏକ ଆହ୍ୱାନ ସହିତ ସୁଯୋଗକୁ ମଧ ବହନ କରି ଆଣିଛି । ଏକ ନିର୍ଦ୍ଧାରିତ ସମୟ ସୀମାକୁ ଛୁଇଁବାର ଅନେକ ପୂର୍ବରୁ ଦଳ ତେଣୁ ମେଣ୍ଟର ସହଯୋଗୀମାନଙ୍କର ପ୍ରତିଯୋଗିତାପୂର୍ଣ୍ଣ ସ୍ୱାର୍ଥଗୁଡ଼ିକୁ ବୁଝିବାକୁ ଏହା ଗଭୀର ଉଦ୍ୟମ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକ ମଧ୍ୟରୁ କେତେକକୁ ମାନି ନେବାର ଆବଶ୍ୟକତା ରହିଛି । ଏହା ମଧ ଦଳକୁ ନୈତିକ ପ୍ରଭୁତ୍ୱ ପ୍ରଦାନ କରିବ ଏକ ମହାନ ସାଧାରଣ ଲକ୍ଷ୍ୟ ହାସଲ କରିବା ନିମନ୍ତେ ସବୁ ଭାଗିଦାରଙ୍କୁ ସାଥୀରେ ନେଇ ଚାଲିବାର । ତେଣୁ ଏବେ ସବୁକିଛି ନିର୍ଭର କରୁଛି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଶ୍ରୀଯୁକ୍ତ ଖାଙ୍ଗେ ଏବଂ କଂଗ୍ରେସ ଉପରେ।



# ମାଗଣା ଖାଦ୍ୟ ଯୋଜନାରେ ଖର୍ଚ୍ଚ ହେବ ୧୧.୮ ଲକ୍ଷ କୋଟି

### ଗୋପାଳ ମହାପାତ୍ର

ଭାରତର ଜନସଂଖ୍ୟା ୧୪୨ କୋଟି ପାଖାପାଖି ହେଲେଣି। ଏହି ଜନସଂଖ୍ୟାର ୬୦ ପ୍ରତିଶତ ଲୋକ ପ୍ରତିଦିନ ୩.୧୦ ଡଲାରରୁ କମ୍ ଖର୍ଚ୍ଚ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି ଯାହା ବିଶ୍ୱବ୍ୟାଙ୍କ ତରଫରୁ ଦାରିଦ୍ର୍ୟ ର ଯେଉଁ ସୀମାରେଖା ନିର୍ଣ୍ଣୟ କରାଯାଇଛି ତା'ଠାରୁ କମ । ଏହି ୬୦ ପ୍ରତିଶତ ଲୋକଙ୍କ ମଧ୍ୟରୁ ୨୧ ପ୍ରତିଶତ ବା ତାଠାରୁ ଅଧିକ ଅର୍ଥାତ ୨୫ କୋଟିରୁ ଅଧିକ ଲୋକ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଦୁଇ ଡଲାରରୁ ମଧ କମ୍ ବ୍ୟୟ କରିଥାନ୍ତି ଏଥିରୁ ସ୍ପଷ୍ଟ ଯେ ଦେଶର ସିଂହଭାଗ ଲୋକଙ୍କୁ ଠିକ୍ ଭାବରେ ଖାଇବାକୁ ମିଳିନଥାଏ । ଏଣୁ ଖାଦ୍ୟ ସୁରକ୍ଷା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ସଂବିଧାନର ଅନୁଚ୍ଛେଦ ୨୧ ରେ ସମସ୍ତଙ୍କୁ ସମ୍ମାନର ସହ ବଞ୍ଚିବା ପାଇଁ କୁହାଯାଇଛି । ଏହି ଅନୁଚ୍ଛେଦ ଅନୁସାରେ କାହାରି ଖାଦ୍ୟାଭାବ ରହିବା କଥା ନୁହେଁ। ୨୦୧୩ ମସିହା ଜୁଲାଇ ମାସରେ କେନ୍ଦ୍ର ସରକାର ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରିଥିଲେ । ଏହି ଆଇନ ପ୍ରଣୟନ ହେବା ପରେ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଆମୂଳଚୂଳ ପରିବର୍ତ୍ତନ ଆସିଥିଲା ଓ ଖାଦ୍ୟ ସୁରକ୍ଷା ଏକ କଲ୍ୟାଣକାରୀ ଉପାୟରୁ ଆଇନଗତ ଅଧିକାରରେ ପରିଣତ ହେଲା । ଖାଦ୍ୟ ସୁରକ୍ଷା ଆଇନର ପୋର୍ଟାଲ ଅନୁସାରେ ଏବେ ୮୧.୩୪ କୋଟି ଲୋକ ସବସିଡ ଯୁକ୍ତ ଖାଦ୍ୟଶସ୍ୟ ପାଇବାକୁ ହକ୍‌ଦାର । ଏମାନଙ୍କ ମଧ୍ୟରେ ଅଛନ୍ତି ଗ୍ରାମାଞ୍ଚଳର ୭୫ ପ୍ରତିଶତ ଲୋକ ଏବଂ ସହରାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମଧ୍ୟରୁ ୫୦ ପ୍ରତିଶତ ।

୨୦୧୧ର ଜନଗଣନା ଅନୁସାରେ ଲୋକଙ୍କୁ ଚାଉଳ, ଗହମ ଓ ଅନ୍ୟ ଖାଦ୍ୟଶସ୍ୟ ଯୋଗାଇ ଦିଆଗଲା । ପରେ ଗର୍ଭବତୀ ମହିଳା ଏବଂ ବୃଦ୍ଧ -ବୃଦ୍ଧାଙ୍କ ପାଇଁ ମଧ ଯୋଜନା କାର୍ଯ୍ୟକାରୀ କରାଗଲା । କିନ୍ତୁ ୨୦୨୦ରେ କରୋନା ମହାମାରୀ କାରଣରୁ ଦେଶରେ ଅବ୍ୟବସ୍ଥା ଦେଖାଦେଇଥିଲା । ଅନେକ ଲୋକ ସେମାନଙ୍କ ନିଯୁକ୍ତି ହରାଇଲେ । ଏଥିପାଇଁ କେନ୍ଦ୍ର ସରକାର ଏକ ନୂଆ ଯୋଜନା ପ୍ରଣୟନ କଲେ । ଏହି ଯୋଜନାକୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଜନ ଯୋଜନା ନାମରେ ନାମିତ କରାଗଲା । ଏହି ଯୋଜନା ଅନୁସାରେ ଖାଦ୍ୟ ସୁରକ୍ଷା ଆଇନର ପରିସର ମଧ୍ୟରେ ଥିବା ଲୋକଙ୍କୁ ୨୮ ମାସ ପର୍ଯ୍ୟନ୍ତ ଜଣ ପିଛା ୫ କେଜି ଚାଉଳ/ଗହମ ଓ ୧ କେଜି ଡାଲି ସ୍ୱତନ୍ତ୍ର ଭାବେ ଦିଆଯାଇଥିଲା । ଏହାର ଉଦେଶ୍ୟ ଥିଲା ମହାମାରୀ ବେଳେ ଯେମିତି କେହି ଖାଦ୍ୟାଭାବରେ ରହିବେ ନାହିଁ । ପ୍ରାରମ୍ଭରେ ଏହି ଯୋଜନା ୩ ମାସ ଅର୍ଥାତ ୨୦୨୦ ଜୁନ ମାସ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବା ପରେ ଏହାର ଅବଧିକୁ ଅନେକବାର ବଢାଇ ଦିଆଗଲା । ୨୦୨୨ ଅକ୍ଟୋବର-ଡିସେମ୍ବର ମଧ୍ୟରେ ଏହି ଯୋଜନାର ଅବଧିକୁ ୭ ଥର ବଢାଯାଇଛି । ଏହି ଦୁଇ ଯୋଜନା ଅର୍ଥାତ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ପାଇଁ କେନ୍ଦ୍ର ସରକାରଙ୍କୁ ଦୁଇ ଲକ୍ଷ କୋଟି ଟଙ୍କା ବ୍ୟୟ କରିବାକୁ ପଡିଥିଲା ।

କେନ୍ଦ୍ର ସରକାର ୨୦୨୨-୨୩ରେ ସମୁଦାୟ ୧୩.୩ ଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ ଟିକସ ଆଦାୟ କରିଥିଲେ । ଏଣୁ ସମୁଦାୟ ଟିକସର ୧୫ ପ୍ରତିଶତ ଉପରୋକ୍ତ ଦୁଇ ଯୋଜନା ପାଇଁ ଖର୍ଚ୍ଚ ହୋଇଥିଲା । କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ବନ୍ଦ କରିଦେବା ପାଇଁ ଚାହୁଁଥିଲେ କିନ୍ତୁ ଦୁଇ ଯୋଜନାକୁ ଏକତ୍ର ବା ମିଶାଇ ଦେଇଥିଲେ । ପ୍ରତିବର୍ଷ ଧାନ ଓ ଗହମର ମୂଲ୍ୟ ବଢୁଥିବାରୁ ସରକାରଙ୍କୁ ସବସିଡ ମାଧ୍ୟମରେ ଅଧିକ ଅର୍ଥ ମଧ ଦେବାକୁ ପଡୁଛି । ଚଳିତ ଆର୍ଥିକ ବର୍ଷର ଆକଳନ ଅନୁସାରେ ଏ ବର୍ଷ ଖାଦ୍ୟାନ୍ନ ସବସିଡ ପାଇଁ ସରକାରଙ୍କୁ ୧.୯୭ ଲକ୍ଷ କୋଟି ଟଙ୍କା ଦେବାକୁ ପଡିବ । ଏଥି ମଧ୍ୟରୁ ୨୦୨୩ ସେପଟ୍ମ୍ବର ମାସ ସୁଦ୍ଧା ସରକାର ୯୫ ହଜାର କୋଟି ବ୍ୟୟ କରିସାରିଲେଣି । ଇଂରାଜୀ ଖବରକାଗଜ "ଦି ହିନ୍ଦୁ"ରେ ପ୍ରକାଶିତ ଏକ ସମ୍ବାଦ ଅନୁସାରେ କେନ୍ଦ୍ର ସରକାରଙ୍କୁ ଏ ବର୍ଷର ରାଜସ୍ୱର ୭.୫ ପ୍ରତିଶତ ମାଗଣା ଖାଦ୍ୟଶସ୍ୟ ଯୋଗାଣ ଯୋଜନା ପାଇଁ ବ୍ୟୟ କରିବାକୁ ପଡିବ । ଖାଦ୍ୟାନ୍ନ ସବସିଡ ବାବଦ ଅର୍ଥ ବଢିବାର ଦୁଇଟି କାରଣ ହେଉଛି ଏହାର ଭଣ୍ଡାର(ଜମା କରି ରଖିବା) ବାବଦରେ ଖର୍ଚ୍ଚ ଏବଂ ଦ୍ୱିତୀୟଟି ହେଉଛି କ୍ରୟ ବାବଦ ଅର୍ଥ ବୃଦ୍ଧି । କୃଷକଙ୍କୁ ଦିଆଯାଉଥିବା ନ୍ୟୁନତମ ସମର୍ଥନ ମୂଲ୍ୟ ଯାହା ପ୍ରତିବର୍ଷ ବଢିଥାଏ । ୨୦୨୦ ଏପ୍ରିଲ ମାସ ଠାରୁ ୨୦୨୨ ଡିସେମ୍ବର ମଧ୍ୟରେ ୫ ମାସକୁ ଛାଡି( ଡିସେମ୍ବର ୨୦୨୦ରୁ ଏପ୍ରିଲ ୨୦୨୧) ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁସାରେ ସମସ୍ତ ହିତାଧିକାରୀମାନଙ୍କୁ ଖାଦ୍ୟଶସ୍ୟ ଦିଆଯିବା ସହ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ପ୍ରତି ବ୍ୟକ୍ତିଙ୍କୁ ପ୍ରତି ମାସରେ ୫ କେଜି ଚାଉଳ/ଗହମ ମାଗଣାରେ ଦିଆଯାଇଥିଲା । ଏଣୁ ୧୦୧୫ ଲକ୍ଷ ଟନ ଖାଦ୍ୟଶସ୍ୟ ଲୋକଙ୍କୁ ବଣ୍ଟାଯାଇଥିଲା ଓ ଏଥିପାଇଁ ସରକାରଙ୍କୁ ୩.୪୫ ଲକ୍ଷ କୋଟି ଟଙ୍କା ସବସିଡ ବାବଦ ଅର୍ଥ ଦେବାକୁ ପଡିଥିଲା ।

ଏବେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ଯେ ସରକାର ସାର୍ବଜନୀନ ବିତରଣ ପ୍ରଣାଳୀ (ପିଡିଏସ)ର ଖାଦ୍ୟଶସ୍ୟର ଦର ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ନା ବଢାଇ ପାରିବେ ନା ଏଥିପାଇଁ ଲୋକଙ୍କ ଠାରୁ ପଇସା ନେଇପାରିବେ । ଯଦିଓ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଆଇନରେ ପିଡିଏସ ଖାଦ୍ୟଶସ୍ୟର ଦର ବୃଦ୍ଧି ପାଇଁ ପ୍ରାବଧାନ ରହିଛି କିନ୍ତୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର କାରଣରୁ ଖାଦ୍ୟଶସ୍ୟ ବାବଦ ଅର୍ଥ ଲୋକଙ୍କ ଠାରୁ ଅସୁଲ କରାଯାଉ ନାହିଁ । ସରକାରଙ୍କୁ ଏହି ଯୋଜନାରେ ଖାଦ୍ୟଶସ୍ୟ କ୍ରୟ କରିବା ବାବଦ ଖର୍ଚ୍ଚ ବର୍ଷକୁ ବର୍ଷ ବଢୁଛି ଏବଂ ସରକାରଙ୍କୁ ଅଧିକ ବ୍ୟୟ କରିବାକୁ ପଡୁଛି। କାରୋନା ମହାମାରୀ ବର୍ଷ ତୁଳନାରେ ଏହା କିନ୍ତୁ କମ ବୋଲି ଜଣା ପଡୁଛି । ରିପୋର୍ଟ ଅନୁସାରେ ୨୦୨୧ରେ କେନ୍ଦ୍ର ସରକାରଙ୍କୁ ଖାଦ୍ୟଶସ୍ୟ ସବସିଡ ବାବଦରେ ୫.୪୧ ଲକ୍ଷ କୋଟି ଦେବାକୁ ପଡୁଥିଲା ହେଲେ ଏବେ ତାହା କମି ୧.୯୭ ଲକ୍ଷ କୋଟିରେ ପହଞ୍ଚିଛି ।

ସୂଚନା ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁରଙ୍କ କଥା ଅନୁସାରେ ଏହି ଯୋଜନାରେ ୫ ବର୍ଷରେ ପାଖାପାଖି ୧୧.୮ ଲକ୍ଷ କୋଟି ଟଙ୍କା ସରକାରଙ୍କୁ ବ୍ୟୟ କରିବାକୁ ପଡିବ । ଏଣୁ ଦେଶରେ କେହି ଆଉ ଭୋକରେ ରହିବେ ନାହିଁ । ଏହା ଏକ ଅଭୂତପୂର୍ବ କାର୍ଯ୍ୟ ନିଷ୍ପତ୍ତି । ବିଶ୍ୱର ଅନ୍ୟ କୌଣସି ଦେଶରେ ଏଭଳି ଯୋଜନା ନାହିଁ । ସବୁଠାରୁ ମୁଖ୍ୟ କଥା ହେଉଛି ଆଗାମୀ ଦିନରେ ନୂଆ ଜନଗଣନା ପରେ ଆହୁରି ଅନେକ ଲୋକ ଏହି ମାଗଣା ଯୋଜନା ପାଇଁ ହକ୍‌ଦାର ହେବେ । କାରଣ ମୂଳ ଯୋଜନା ୨୦୧୧ ର ଜନଗଣନା ଉପରେ ଆଧାରିତ ଥିଲା । ଏବେ ଦେଶର ଜନସଂଖ୍ୟା ୧୪୨ କୋଟି ପାଖାପାଖି ହେଲାଣି । ଏଣୁ ୯୦ କୋଟିରୁ ଅଧିକ ଲୋକ ମାଗଣା ଖାଦ୍ୟଶସ୍ୟ ଯୋଜନା ପାଇଁ ହକ୍‌ଦାର ହେବେ । ଏହା ଦେଶର ବଜେଟକୁ ପ୍ରଭାବିତ କରିବ ନିଶ୍ଚୟ ।

ଦେଶରେ ଧନୀ ଲୋକଙ୍କ ସଂଖ୍ୟା ବଢିଛି, ଉଦ୍ୟୋଗ ବଢିଛି ଏପରିକି ବୈଷୟିକ ଜ୍ଞାନକୌଶଳରେ ଦେଶ ଆଗେଇଛି କିନ୍ତୁ ଏବେ ବି ଦେଶର ଜନସଂଖ୍ୟାର ୭୫ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରନ୍ତି । ଏମାନେ ହାଡ ଭଙ୍ଗା ପରିଶ୍ରମ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି । ଏକ ସର୍ବେକ୍ଷଣ ଅନୁସାରେ ଦେଶର ମାତ୍ର ୧୧ ପ୍ରତିଶତ ଲୋକଙ୍କ ପାଖରେ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ ଜିନିଷ ଅଛି । ସମ୍ବେଦନଶୀଳ କଥା ହେଉଛି ରିପୋର୍ଟର ତଥ୍ୟ ଅନୁସାରେ ଏବେ ବି ଦେଶର ୩୫ ପ୍ରତିଶତ ଲୋକ ଲେଖା-ପଢା ଜାଣିନାହାନ୍ତି। ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ଯୋଜନା କଲ୍ୟାଣକାରୀ ନିଶ୍ଚୟ । କିନ୍ତୁ ଶିକ୍ଷା, କୌଶଳ ବିକାଶ ଏବଂ ଭାରତର ଗ୍ରାମାଞ୍ଚଳର ଆର୍ଥିକ ବିକାଶ ପାଇଁ ସରକାର ବ୍ୟାପକ ଯୋଜନା କରିବା ଉଚିତ ।


ରାମଚନ୍ଦ୍ରପୁର
ରଣପୁର
ମୋ-୯୪୩୮୪୮୫୦୯୪




# ପ୍ରଦୂଷଣ ଓ ସ୍ୱାସ୍ଥ୍ୟ

### ବିଜୟ କୁମାର ପୃଷ୍ଟି

ସଂପୂର୍ଣ୍ଣ ଶରୀରର ଶାରୀରିକ ଓ ମାନସିକ ସୁସ୍ଥତା ଅର୍ଥାତ୍ ଏକ ରୋଗ ବିହୀନ ଶରୀରକୁ ହିଁ ଉପଯୁକ୍ତ ସ୍ୱାସ୍ଥ୍ୟ ବୋଲି କହିପାରିବା। ମନୁଷ୍ୟକୁ ଅମୃତସ୍ୟ ପୁତ୍ରାଃ କୁହାଯାଏ। ଏଭଳି ଏକ ପବିତ୍ର ଶରୀର ରୋଗାଗ୍ରସ୍ତ ହୋଇ ଅକାଳରେ ମୃତ୍ୟୁ ମୁଖରେ ପଡୁଛି କାହିଁକି ? ଶରୀର ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଭରପୁର କରିଦେଇଛି ପ୍ରକୃତି। ତାହେଲେ ରୋଗ କିପରି ଆକ୍ରମଣ କରୁଛି ? ସେଥିପାଇଁ ଦାୟୀ କିଏ? ଏ ସବୁ ଆଲୋଚନା କଲେ ଜଣାପଡ଼େ ଆମ ରୋଗର କାରଣ ଆମେ ନିଜେ। ଅର୍ଥାତ ଆମ ଶରୀରର ଅଯତ୍ନ ହେତୁ ପ୍ରକୃତିଦତ୍ତ ଖାଦ୍ୟ ଠାରୁ ଦୂରେଇ ଅଖାଦ୍ୟ ଗ୍ରହଣ ହେତୁ ବିଶେଷତଃ ଆମର ପ୍ରକୃତିଦତ୍ତ ପରିବେଶ ପ୍ରଦୂଷଣ ହେତୁ ଆଜି ଆମକୁ ରୋଗ ଆକ୍ରମଣ କରୁଛି। ଆମ ପରିବେଶ ଏତେ ମାତ୍ରାରେ ବିଗିଡ଼ି ଯାଇଛି ଯେ ବର୍ତ୍ତମାନ ମାନବ ଜାତିର ଅସ୍ତିତ୍ୱ ମଧ ସଂକଟମୟ। ପରିବେଶ ପ୍ରଦୂଷିତ ହୋଇ ସ୍ୱାସ୍ଥ୍ୟ ଉପରେ ଯେତିକି କୁପ୍ରଭାବ ପକାଉଛି ତାଠାରୁ ଅଧିକ ବନ୍ୟା, ମହାବାତ୍ୟା, ଦୁର୍ଭିକ୍ଷର ପ୍ରକୋପ ବଢ଼ି ଚାଲିଛି। ତେଣୁ ଏକ ସୁସ୍ଥ ପରିବେଶ ହିଁ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରିପାରିବ। ଅର୍ଥାତ୍ ଏକ ନୀରୋଗ ଜୀବନ ପାଇଁ ଆମ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଏକାନ୍ତ ଜରୁରୀ।

ଆମ ଚାରିପାଖେ ଯାହା ବିଦ୍ୟମାନ ଏବଂ ଦୃଶ୍ୟମାନ ସବୁ ହେଉଛି ପରିବେଶ। ନିଜ ଘର ଭିତର ଠାରୁ ଆରମ୍ଭ କରି ସାରା ବ୍ରହ୍ମାଣ୍ଡ ହେଉଛି ଆମ ପରିବେଶ, ଯାହାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଆମର ପ୍ରଥମ କର୍ତ୍ତବ୍ୟ। ପିଣ୍ଡ ବ୍ରହ୍ମାଣ୍ଡ ଏକମତ, କହନ୍ତି ସୁଜ୍ଞାନୀ ପଣ୍ଡିତ। ପିଣ୍ଡ ଅର୍ଥାତ୍ ଆମର ଶରୀରର ପରିଚ୍ଛନ୍ନତା ଯେତିକି ଦରକାର ବ୍ରହ୍ମାଣ୍ଡ ଅର୍ଥାତ ପରିବେଶର ପରିଚ୍ଛନ୍ନତା ସେତିକି ଦରକାର। ଆସନ୍ତୁ ଜାଣିବା ଆମ ପରିବେଶ ଆମେ କିପରି ପ୍ରଦୂଷିତ କରି ରୋଗକୁ ନିମନ୍ତ୍ରଣ କରୁଛୁ। ଆମେ ପ୍ରାୟ ଆମ ଘର ଭିତରେ ବହୁ ସମୟ କଟାଉଛୁ। ପାନପିକ, ଛେପ, ଖଙ୍କାର ଇତ୍ୟାଦି ରୋଷେଇ ଘର କିମ୍ବା କାନ୍ଥ ବାଡ଼ରେ ପକାଉଛେ କି? ନାଁ, କିନ୍ତୁ ରାସ୍ତାଘାଟ, ସରକାରୀ କାର୍ଯ୍ୟାଳୟରେ ଏସବୁ ପକାଇ ମଇଳା କରିବା ଆମର ଦୈନନ୍ଦିନ ଅଭ୍ୟାସ। ଏହାଦ୍ୱାରା ରୋଗ ଜୀବାଣୁ ସିଧା ଆସି ଆମ ଶରୀରରେ ପ୍ରବେଶ କରେ। ସରକାରୀ କାର୍ଯ୍ୟାଳୟ, ପରିସ୍ରାଗାର ବା ପାଇଖାନା ଅବସ୍ଥା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର। ବସଷ୍ଟାଣ୍ଡ, ରେଳ ଷ୍ଟେସନ ଇତ୍ୟାଦିର ଅବସ୍ଥା ନକହିଲେ ଭଲ। ପରିସ୍ରାଗାରକୁ ଯିବା ତ ଦୂରର କଥା, ସେହି ପାଖରେ ମଧ ଦୁର୍ଗନ୍ଧ ହେତୁ ଯାଇ ହୁଏନାହିଁ। ଏସବୁ ପ୍ରଦୂଷଣ କିଏ କରୁଛି ? ଆମେ ମାନେ ଖୋଦ ମଣିଷ ଜାତି, ମଣିଷ ଏତେ ଶିକ୍ଷିତ, ସଚେତନ ତଥାପି ଏଭଳି ଭୁଲ କରି ଚାଲିଛି। କାହିଁକି ପରିସ୍ରା ଯାଇ ପାଣି ପକାଇ ସଫା କରିବା କ'ଣ ପାପ? ଝାଡ଼ା ଫେରି ଭଲ ଭାବରେ ଧୋଇବା କ'ଣ ମନା, ଏସବୁ ଆମର ମଣିଷ ପଣିଆର ଅଭାବ।

ଖୋଦ ଆମ ଘର କଥା ଦେଖାଯାଉ। ପ୍ରତ୍ୟେକ ରୋଷେଇ ଘର ମଧ୍ୟରେ ପ୍ରାୟ ଅଳନ୍ଧୁ ଦେଖିବାକୁ ମିଳେ। ସେଇ ଅଳନ୍ଧୁରୁ ଧୂଳି ଧୂସର ଆମ ଖାଦ୍ୟରେ ପଡ଼ି ଖାଦ୍ୟକୁ ବିଷାକ୍ତ କରିଦିଏ। ଘର ଭିତରେ ବହୁତ ଯାଗା ଥାଏ ଯାହାକି ସଫା ନହୋଇ ସେଠାରେ ଛୋଟ ଛୋଟ ଜୀବ ଜନ୍ତୁ ରହି ଆମର ସ୍ୱାସ୍ଥ୍ୟର ହାନି ଘଟାନ୍ତି। ଘର ଭିତରେ ଥିବା ଫ୍ରିଜରେ ଆମର ଖାଦ୍ୟ ପଦାର୍ଥ ଖୋଲା ଭାବରେ ରଖୁ। ଅଥଚ ଭିତର ସଫା ନହୋଇ ଅସ୍ୱାସ୍ଥ୍ୟକର ହୋଇପଡ଼େ। ଆଗେ ଛାତ୍ରଛାତ୍ରୀମାନେ ପାଳି କରି ପ୍ରତିଦିନ ବିଦ୍ୟାଳୟର ଘର ଭିତର ସହ ବାହାର ରାସ୍ତା ଘାଟ ମଧ ସଫା କରୁଥିଲେ। ସୁନ୍ଦର ପରିବେଶରେ ପାଠ ପଢ଼ାରେ ଆନନ୍ଦ ଲାଗୁଥିଲା। ବର୍ତ୍ତମାନ ବହୁ ବିଦ୍ୟାଳୟ, ମହାବିଦ୍ୟାଳୟ ଏପରିକି ବିଶ୍ୱ ବିଦ୍ୟାଳୟ ଅବସ୍ଥା ନକହିଲେ ଭଲ। ସୁସ୍ଥ ବାତାବରଣ କେଉଁଠି ନାହିଁ, ସେଠାରେ ସୁସ୍ଥ ମନଟିଏ ମିଳିବ କିପରି ?

କତାରେ ଅଛି - ଗାଁ ପରିମଳ ଧୋବା ତୁଠରୁ ଜଣାପଡ଼େ। ଅର୍ଥାତ୍ ଗାଁର ପରିବେଶ ପ୍ରଥମରୁ ଗାଁ ପୋଖରୀରୁ ହିଁ ଜଣାପଡ଼େ। ସେଇ ପୋଖରୀ ପାଣିରେ ଗାଇଗୋରୁ ଗାଧାନ୍ତି, ଧୋବା ଲୁଗାକାଚେ, ଲୋକମାନେ ଝାଡ଼ା ଫେରି ଶୌଚ ହୁଅନ୍ତି ଏବଂ ସେଇ ପୋଖରୀରେ ଲୋକମାନେ ଗାଧୋଇ ଥାନ୍ତି ଏବଂ ପାଣି ନେଇ ଘରେ ବ୍ୟବହାର କରନ୍ତି। ବର୍ଷ ବର୍ଷ ଧରି କୂଅ ମଇଳା ହୋଇଥିଲେ ମଧ ସେ ପାଣି ମଧ ବ୍ୟବହାର କରନ୍ତି। ଗାଁ ଗଣ୍ଡାର ଘରବାଡ଼ିରେ ଭଙ୍ଗାରୁଜା ପଦାର୍ଥରେ ପାଣି ଜମି ବର୍ଷାଦିନେ ମଶା ମାନଙ୍କର ସୃଷ୍ଟି ହୁଏ ଫଳରେ ମ୍ୟାଲେରିଆ ରୋଗ ବଢ଼ିଚାଲେ। ସ୍ୱାସ୍ଥ୍ୟ ସଂପୂର୍ଣ୍ଣ ନିର୍ଭର କରେ ଆମର ଉପଯୁକ୍ତ ଖାଦ୍ୟ ଗ୍ରହଣ ଉପରେ। ଆମେ ଖାଦ୍ୟ ପ୍ରତି କେତେ ସଚେତନ କେତେ ନିୟନ୍ତ୍ରଣ ତାହା ସ୍ପଷ୍ଟ ବାରି ହୋଇଯାଏ। ଆଜିକାଲିର ଆଧୁନିକ ରାସ୍ତାଘାଟରେ ଛତୁ ଫୁଟିଲା ପରି ଫାଷ୍ଟଫୁଡ଼, ଦହିବରା, ଗୁପଚୁପ ଏବଂ ବରାପିଆଜି ଦୋକାନ ପସରାରୁ ସେଗୁଡ଼ିକ ସଂପୂର୍ଣ୍ଣ ଅସ୍ୱାସ୍ଥ୍ୟକର ଅଥଚ ଆମର ପ୍ରିୟ ଖାଦ୍ୟ। କୁହାଯାଏ ରୋଗ ପାଟିରୁ ଆରମ୍ଭ ହୋଇ ମଳତ୍ୟାଗରେ ଶେଷ ହୁଏ। ତେଣୁ ଖାଦ୍ୟର ପରିଷ୍କାର ପରିଚ୍ଛନ୍ନତା ସବୁଠୁ ଗୁରୁତ୍ୱପୂର୍ଣ୍ଣ।

ଏହା ବ୍ୟତୀତ ପରିବେଶ, ବିଭିନ୍ନ ମାର୍ଗରେ ପ୍ରଦୂଷିତ ହେଉଛି। ଆଜିକାଲି ଗାଡ଼ି ମଟରର ବିକଟ ଶବ୍ଦ ଦ୍ୱାରା ଏବଂ ଚଢ଼ାଗଳାରେ ମାଇକର ଗୀତା ବାଜା କାନ ଉପରେ ବହୁତ କୁ ପ୍ରଭାବ ପକାଇଥାଏ। ଗାଡି ମଟର ଏତେ ମାତ୍ରାରେ ବୃଦ୍ଧି ପାଇଲାଣି ଫଳରେ ବାୟୁମଣ୍ଡଳ ଏହାର କାର୍ବନ ଡାଇଅକ୍ସାଇଡ ଦ୍ୱାରା ବହୁମାତ୍ରାରେ ପ୍ରଦୂଷିତ ହେଉଛି। ହୁଏତ ସମୟ ଆସିବ, ଆମକୁ ଏକ ଅକ୍ସିଜେନ ପାରଲରରୁ ଅମ୍ଳଯାନ ନେଇ ଜୀବନ ବଞ୍ଚାଇବାକୁ ପଡ଼ିବ। ତେଣୁ ଅଧିକ ମାତ୍ରାରେ ବୃକ୍ଷରୋପଣ ହେଉଛି ଏକମାତ୍ର ପନ୍ଥା। ଆଜିକାଲି ସମସ୍ତଙ୍କର ଦରକାର ମୋବାଇଲ ଫୋନ। ଏହାର ଉପଯୁକ୍ତ ବ୍ୟବହାର ନକଲେ ହୁଏତ ଜୀବନ ଦୀପ ଯେତେବେଳେ ଲିଭିଯିବ ତାହା କେହି କହିପାରିବେନି। ନିକଟରେ ଆପଣଙ୍କର ତିକ୍ତ ଅନୁଭୂତି ବିଘ୍ନନାଶ ଗଣେଶଙ୍କ ଠାରୁ ମା'ଦୁର୍ଗାଙ୍କ ମୂର୍ତ୍ତି ବିସର୍ଜନ। ବିଭିନ୍ନ ମାରାତ୍ମକ ରାସାୟନିକ ରଙ୍ଗରେ ଭରପୁର ମୂର୍ତ୍ତିକୁ ନଦୀ ଜଳରେ ଭସାଇ କେତେ ଜଳ ପ୍ରଦୂଷଣ ହେଉଛି ତାହା ସମସ୍ତଙ୍କୁ ଜଣା। ସ୍ୱାସ୍ଥ୍ୟ ହାନିର ଏହା ଏକ ଜ୍ୱଳନ୍ତ ଉଦାହରଣ। ସବୁଠୁ ଦୁଃଖର କଥା ଆମେ ଏତେ ପ୍ରଦୂଷଣ କରି ମଧ ଆମ ପ୍ରଶାସନର ସ୍ଥାଣୁତା ଆମକୁ ଅଧିକ ପ୍ରୋତ୍ସାହିତ କରୁଛି। ଏହାର ପ୍ରତିକାର ନହେଲେ ହୁଏତ ଏ ମଣିଷ ସମାଜ ଖୁବ ଶୀଘ୍ର ଧ୍ୱଂସ ପାଇଯିବ। ଆସନ୍ତୁ ଏବେ ବି ସମୟ ଅଛି ଆମ ପରିବେଶ ସଫା ରଖିବା ସୁସ୍ଥ ସବଳ ହୋଇ ବଞ୍ଚିବା।


ସମ୍ପାଦକ, ନିରାମୟ, କଟକ
ମୋ: ୯୮୬୧୪୬୪୯୩୨





## ଗୋଧୂଳି

### ଶୁଭେନ୍ଦୁ ମେହେର

ଗୋଧୂଳି.....!
ତୁମେ ଆସ ଗାଈଆଳ ଟୋକାଙ୍କ
ପଛେ ପଛେ
ବିଦାୟୀ ସୂର୍ଯ୍ୟଙ୍କ ପରେ ।
ତୁମେ ସ୍ୱାଗତ କର ଜହ୍ନକୁ
କୋଟି କୋଟି
ତାରକା ମାନଙ୍କୁ !!
ତୁମେ,
ଆସିଲେ ତ ପଲ୍ଲବିତ
ପ୍ରସ୍ଫୁଟିତ ହୁଅନ୍ତି
ସବୁ କଢ଼ି ।
ଆମ ଅଜା କହୁଥିଲେ,
କୁଆଡେ
ଗୋଧୂଳି ପରେ ପରେ
କୃଷ୍ଣ ଆସନ୍ତି
ଗାଈଆଳ ଟୋକାଙ୍କ ସାଥିରେ ।
ଗୋଧୂଳି...!
ତୁମେ ସବୁବେଳେ
ଆସନ୍ତ କି ?
ଲାଗନ୍ତା ମୋତେ
କୃଷ୍ଣ ମୟ କୃଷ୍ଣ ମୟ !!!


ଯାଲୋଏ, ସୁବର୍ଣ୍ଣପୁର-୧୮


## ଅଚଳା ଭକ୍ତି

### କସ୍ତୁରୀ ଚରଣ ରାଉତ

ଅସରା ସଂସାରେ ଅଚଳା ଭକତି
ମନରେ ଯେବେ ମୋ ଜାଗେ
ଅପ୍ରତୀତି ଭାବ ଅବଭାସ ଯେତେ
ଅଚିର ପରିକା ଲାଗେ ।

ଅବିକାରୀ ହେଲେ ଅବିଗୁଣ ସବୁ
ଅବହେଳେ ଯାଏ ଚାଲି
ଅବିଧେୟ କାର୍ଯ୍ୟ ଅରୋଚକ ହୁଏ
ଅଶାସ୍ତ୍ରୀୟ ଲାଗେ ଖାଲି ।


ଅନୁଭବ ତୁମ ଅଜ୍ଞତା ଦୂରାଏ
ଅରୂପକୁ ଦିଏ ରୂପ
ଅହଙ୍କାର ଆଧି, ଅମାପ ସମ୍ପତ୍ତି
ଅଳୀକ ଜଗତ ଭୂପ ।

ଅନଚ୍ଛ ମନକୁ ଅନତ ନ କରି
ଅଧ୍ୟାତ୍ମ ଭାବନା ଭରି
ଅନ୍ତରାତ୍ମା ମୋର ଅନ୍ତର୍ମୁଖୀ ହେଉ
ଅଚଳା ଭକତି ଧରି ।


ସତ୍ୟବାଦୀ ହାଇସ୍କୁଲ୍, ଧଣ୍ଡାମାଳ
ବଲାଙ୍ଗିର
ମୋ: ୮୯୧୭୩୯୭୩୪୮


## ମଉନି

### କୀର୍ତ୍ତନ ସାହୁ



ମଉନି
ସେ ଦିନ ଓ ଆଜି ଭିତରେ
ବେଶ୍ କିଛି ଫରକ
ମନେ ହେଲା
ବହୁତ କିଛି ମତେ ଘାରିଲା
ଅନେକ କିଛି
ଥିବା ଘରଟିରେ
ଅସୀମ ଅଭାବବୋଧ
ପରିଲକ୍ଷିତ ହୁଏ


ମୁଁ ଦେଖୁ ଥାଏ
ପକ୍ଷୀ ନ ଥିବା ପଞ୍ଜୁରିକୁ
ମୁଁ ଖୋଜୁଥାଏ
କପଡ଼ାର କର୍ପୂରକୁ
ମୁଁ ଏଠି ମସଗୁଲ
ପ୍ରାଣ ହୀନ ପ୍ଲାଷ୍ଟିକ
ଫୁଲର ମୋହରେ
ମୁଁ ଅନୁଭବେ
ସଜଫୁଟା ଫୁଲର ଲାବଣ୍ୟକୁ
ମୁଁ ଖୋଜେ କପଟତା ଶୂନ୍ୟ
ଫୁଲବନର ମଧୁର କଥାକୁ
ଏଠି ଡାଇନିଂ ଟେବୁଲରେ
କେତେ ଭେରାଇଟିର
ଆଇଟମ ଭିତରେ
ତୋ ହାତ ଖରଡା
ଶାଗ ଭଜାର ସୁଆଦକୁ

ଛଳନାର ପ୍ରେମ ଜାଲରେ
ତଳ ଉପର ହୋଇ
ଅଣନିଶ୍ୱାସୀ ହେଇଗଲା ବେଳେ
ଭାରି ମନେ ପଡେ
ତୋ ହୃଦୟ ଦିଆ
ନିରୋଳା ପ୍ରେମ
କଅଁଳ ସୂରୁଜର
ରଙ୍ଗରେ ରଙ୍ଗାୟିତ
ତୋ ନିର୍ଭେଜାଲ୍ ମୁହଁ ।


ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ମୋ:୯୪୩୮୪୧୪୭୦୧


## ମରୁଭୂମି

### ସୁଧାକର ରାଉତ



ପଥିକଟି ମୁହିଁ ବାଟବଣା ହୋଇ
ଚାଲୁଥିଲି ମରୁ ପଥେ
କଷଣ ସବୁକୁ ଲଲାଟ ଲିଖନ
ଭାବି ବୋଲିଥିଲି ମାଥେ ।

ତୃଷାର୍ତ୍ତ ପ୍ରାଣ ମୋ ମରୀଚିକା ଦେଖି
ଭରି ତନ୍ମୟତା ମନେ
ପଥଭ୍ରଷ୍ଟ ହୋଇ ଚାଲୁଥିଲି ଏକା
ଲକ୍ଷ୍ୟସ୍ଥଳ ନେଇ ଧ୍ୟାନେ ।


ନିର୍ଜନ ସମୟ କହିଲା ମୋ କାନେ
ବାଲି,ଖରା ତୋର ସାହା
ମନ୍ଦଭାଗ୍ୟ ତୁମ ଆପଣାଇଛ ଯା
ଲୋଟି ନେବ ତୁମ ରାହା ।

ଆଖିରେ ତୁମର ମୃଗତୃଷ୍ଣା ପିଇ
ମେଣ୍ଟାଇ ପାରିବ ଶୋଷ
ଓଟର କଙ୍କାଳେ ଶୟନ ସଜାଇ
ଲକ୍ଷ୍ୟ ତୁମ ହେବ ଶେଷ ।

କାମନା ଝୁଣାରେ କ୍ଷତ ବିକ୍ଷତ ମୁଁ
ନଜାଣିଲି ଭଲ ମନ୍ଦ
ସାଙ୍ଗରେ ନିୟତ ନିୟତି ମୋ ଚାଲେ
ଛାଇଟା ଗାଏ ତା ଛାନ୍ଦ ।

ବାଲିଯାତ୍ରା ଅଭିଯାନ ମୋ ଅନ୍ତରେ
ବିଚ୍ଛେଦର ରେଖା ଆଙ୍କି
ଢ଼କ ଢ଼କ କରି ପିଇଗଲା ମୋତେ
ଦେଲା ମୋ ଜୀବନ ବାଙ୍କି ।


ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା



## ସିନ୍ଧୁ ସେନ୍

ଆକାଶ! ଅନନ୍ତ, ଅସୀମ, ସୀମାହୀନ ତାର ନୀଳାଞ୍ଚଳ। ଯାହାର ଆଦି ନାହିଁ କି ଅନ୍ତ ନାହିଁ ।

ଆକାଶ, କେବେ ସେ ଭୟଙ୍କର, କେବେ ପୁଣି ଉଦାର । ଆଉ ମହାଶୂନ୍ୟ.... ଯାହାର କଳନା କରି ହୁଏନା। ଅକଳନୀୟ ସେ । ସୀମା ପରିସୀମାର ଅନେକ ଊର୍ଦ୍ଧ୍ୱରେ। ଯାହାକୁ କେବେ ମାପି ହୁଏନାହିଁ କିମ୍ବା କଳନା କରାଯାଇ ପାରେନା। ସେହି ମହାକାଶ ବକ୍ଷରେ ଆତଯାତ ହୁଅନ୍ତି ଅସଂଖ୍ୟ ଗ୍ରହ, ଉପଗ୍ରହ... ପୁଞ୍ଜାପୁଞ୍ଜା ନକ୍ଷତ୍ର। ତେବେ ଆକାଶ କ'ଣ କାହାକୁ ହତାଦର କରେ? ବରଂ ସମସ୍ତଙ୍କୁ ତା ବକ୍ଷରେ ସ୍ଥାନ ଦେଇ ଆପଣାର କରିନିଏ, ତାହାହିଁ ତାର ଧର୍ମ, ପ୍ରତ୍ୟେକଙ୍କ ଜୀବନର ସୁଖ ଦୁଃଖ ଭରା କାହାଣୀକୁ ସେ ମନପ୍ରାଣ ଦେଇ ଶୁଣିଯାଏ ।

ଅନେକ ସୁଦୀର୍ଘ ସେ କାହାଣୀ । ଯାହାର ନା ଅଛି ଆଦ୍ୟ ଅବା ପ୍ରାନ୍ତ। ମହାଶୂନ୍ୟର ଖୋଲା ପୃଷ୍ଠାରେ ସେଇ କାହାଣୀ ତକ ଲେଖା ହୋଇ ରହିଯାଏ । ଏଠି ସୂର୍ଯ୍ୟ ଗ୍ରହ, ନକ୍ଷତ୍ର ସମସ୍ତେ ହିଁ ନିଜନିଜର କାହାଣୀ କହିଥାନ୍ତି । ପରସ୍ପର ମଧ୍ୟରେ ବି ସୁଖ ଦୁଃଖ ହୁଅନ୍ତି । ଆଳପ ଆଲୋଚନା କରନ୍ତି । ଆଉ ସେହି ସୁଖ ଦୁଃଖ, ହସକାନ୍ଦର ଫେଣ୍ଟାଫେଣ୍ଟି କାହାଣୀ ଶୁଣିବାକୁ ମହାକାଶ କାନ ପତେଇ ଦେଇଥାଏ। କେମିତି ବା ସେ ନ ଶୁଣିବ ।

ଆଉ ସେ ଯଦି ନ ଶୁଣେ ତେବେ, ସେମାନେ ନିଜର ବେଦନା ପ୍ରକାଶ କରିବେ କାହା ଆଗରେ। ପ୍ରତ୍ୟେକେ ତ ନିଜର ପ୍ରିୟ ପରିଜନଙ୍କ ଠାରେ ନିଜନିଜର ଯନ୍ତ୍ରଣାର ପରିଭାଷା ବ୍ୟକ୍ତ କରି ଦେଇଥାନ୍ତି । ଆଉ ସେସବୁ କାହାଣୀ ଶୁଣି ମହାକାଶ ସେମାନଙ୍କୁ ସମବେଦନା ଜଣାଏ। ନିରବରେ ନିଜର କୋହ ବ୍ୟକ୍ତ କରେ । ଯାହା ଅନୁଭବୀ ହିଁ କେବଳ ବୁଝିପାରେ। ମହାଶୂନ୍ୟର ସେଇ ଶୂନ୍ୟତା ମଧ୍ୟରେ ପ୍ରତ୍ୟେକଙ୍କର ନିରବ କାହାଣୀର ସ୍ୱର ବଳୟରୁ ଦିଗ୍‌ବଳୟ ମଧ୍ୟରେ ଘୂରିବୁଲୁଥାଏ। ତାହାହିଁ କହାଣୀ କରୁଥିବା ବ୍ୟକ୍ତିଟିର ମାନସିକ ସାନ୍ତ୍ୱନା।

ହଁ... ପ୍ରତ୍ୟେକଙ୍କ ଜୀବନରେ ତ ଅନେକ କଥା। ଅସରନ୍ତି ତାର ଗାଥା। ଯେତେ କହିଲେ ବି ଶେଷକଥା ରହିଯାଏ । ସତେଯେମିତି ସବୁକିଛି କହିସାରିଲା ପରେ କିଛି ଅଭାବବୋଧ ରହିଯାଇଥାଏ। ଇତି ପରେ ତ ବାକି ରହିଯାଇଥାଏ ଆଦ୍ୟ। ସେଇ ତ ସୃଷ୍ଟି । ଆଦ୍ୟ ଯେଉଁଠି, ପ୍ରାନ୍ତ ସେଇଠି। ସେଇ ତ ଅନାଦି ଅନନ୍ତ ଅସୀମ।

ସଂସାର ରୂପକ ଏଇ ଅନାଦି, ଅନନ୍ତ ପୃଥିବୀ ବକ୍ଷରେ ଅନେକେ ଆତଯାତ ହେଉଛନ୍ତି । କାହାର ସ୍ଥିତି କେତେ କାଳ ତାହା କିଏ ଜାଣିଛି। ପ୍ରତ୍ୟେକେ ତ ନିଜର କର୍ମମୟ ଜୀବନର ଅବସାନ ପରେ ପୁଣି ଚାଲିଯିବେ। ମୃତ୍ୟୁ ପଥର ଯାତ୍ରୀଟିଏ ଯେମିତି ସବୁକିଛି ଛାଡ଼ି ଚାଲିଯାଏ, କିଛି ବି ସଂଗରେ ନେଇ ପାରେନି। ଯଦି କିଛି ନେଇଯାଏ, ତେବେ ତାହାହିଁ କେବଳ ତାର ନିଜର ଯଶକୀର୍ତ୍ତି । ସେ ସୁକୀର୍ତ୍ତି ହେଉ ଅବା କୁକୀର୍ତ୍ତି । ବିଧିର ବିଧାନରେ ଯାହା ଘଟିବାର ଅଛି ତାହା ନିଶ୍ଚିତ ଘଟିବ । ତାକୁ ଅନ୍ୟଥା କରିବ କିଏ?

ସେଇ ତ କାଳ, ମହାକାଳ । ମନୁଷ୍ୟର ସୁଖ ଦୁଃଖ ସବୁ ତ କାଳ ଦ୍ୱାରା ନିୟନ୍ତ୍ରିତ । ସମଗ୍ର ଜଗତକୁ କାଳ ହିଁ ନିୟନ୍ତ୍ରଣ କରିଥାଏ । କାଳ ହିଁ ସୃଷ୍ଟି ଓ ସଂହାରର ଲୀଳାଖେଳା । ସେ କେବେ ସୁପ୍ତ ରହେନା । ଜୀବ ସିନା ନିଦ୍ରା ଯାଏ । ହେଲେ କାଳ ସେ ତ ଚିର ଜାଗ୍ରତ, ଯାହା ଭବିତବ୍ୟ । ତାହା ନିଶ୍ଚିତ ହେବ । ସକଳ ଅବସ୍ଥାରେ ସମଭାବରେ ସର୍ବତ୍ର କାଳ ହିଁ ଅବସ୍ଥାନ କରିଥାଏ । ଅତୀତ ବର୍ତ୍ତମାନ ଭବିଷ୍ୟତ ସବୁକିଛି କାଳ ଦ୍ୱାରା ନିୟନ୍ତ୍ରିତ । ତେଣୁ ମହାକାଳର ସ୍ୱର ସାର୍ବଜନୀନର ସ୍ୱର। ସେ ମହାକାଳ କାହାକୁ କେମିତି ଡାକେ, ତା କ'ଣ କେହି ଜାଣିପାରେ । ସେ କାହାକୁ କେବେ ଛାଡ଼ିନି କି ଛାଡ଼ିବନି ମଧ୍ୟ ।

ମୁଁ ବି ସେଇ ମହାକାଳର ଡାକରେ ଦିନେ ଆସିଥିଲି । ପୃଥିବୀ ମାଟିରେ ପ୍ରଥମ ପାଦ ଥାପିଥିଲି। ତାରି କୋଳରେ ଜନ୍ମ ନେଇ, ତାରି ପାଣି, ପବନରେ ବଢ଼ିଥିଲି । ସେଦିନ ବି ମୋ ମୁଣ୍ଡ ଉପରେ ଆକାଶ ଥିଲା । ମହାଶୂନ୍ୟ ଥିଲା । ସବୁକିଛି ଥିଲେ ।

ମୁଁ ଶୁଭ କି ଅଶୁଭ, ଭଲ କି ମନ୍ଦ ଜାଣେନା । ମୋ ଜନ୍ମ ଜାତକରେ କଣ ଲେଖାଥିଲା ତା ବି ଜାଣେନା । ହେଲେ ସାରା ଜୀବନ ମୋତେ ଲାଞ୍ଛନା, ଭର୍ତ୍ସନାକୁ ପାଥେୟ କରି ବଞ୍ଚି ରହିବାକୁ ପଡ଼ିଛି। କାଳର କରାଳ ବକ୍ଷରେ ମୋତେ କଳଙ୍କିତ କରାଯାଇଛି । ମୁଁ ତେଣୁ ଏ କଳିଯୁଗର ମଣିଷମାନଙ୍କୁ ମୋ କାହାଣୀ ଶୁଣାଇ ସେମାନଙ୍କୁ ମୁଁ ମୋର ଅନ୍ତଃସ୍ୱର କହିଦେବାକୁ ଚାହେଁ । ସେଇମାନେ ହିଁ ଦିନେ ବିଚାର କରିବେ ମୁଁ ପାପାତ୍ମା କି ଦୁରାତ୍ମା ।

ବିଶ୍ରବା କୁଳର ପ୍ରଦୀପ ମୁଁ । ପିତା ବିଶ୍ରବା ଋଷି ମୋତେ ସେହି ନାମରେ ଡାକୁଥିଲେ । ଆଉ ମାଆ ରାକ୍ଷସୀ ନିକଷା ଡାକୁଥିଲେ ରକ୍ଷର ପ୍ରଦୀପ । ତେବେ ଯିଏ ଯେଉଁ ନାମରେ ଡାକନ୍ତୁ ନା କାହିଁକି ମାଆଙ୍କ ମୁହଁରୁ ଶୁଣିଥିଲି ଜନ୍ମ ହେବାମାତ୍ରେ ମୁଁ କୁଆଡ଼େ ଭୟଙ୍କର ରଡ଼ିଛାଡ଼ି ଗର୍ଜନ କରିଥିଲି । ତେଣୁ ମୋର ନାମ ରଖା ଯାଇଥିଲା ରାବଣ । ପିତା ବିଶ୍ରବା ଋଷି ଥିଲେ ବ୍ରାହ୍ମଣ ଆଉ ମାତା ସୁମାଳୀ ଦୈତ୍ୟର କନ୍ୟା ନିକଷା । ତେଣୁ ଉଭୟ ବ୍ରାହ୍ମଣ ଓ ରାକ୍ଷସ ରକ୍ତ ମୋ ଧମନୀରେ ପ୍ରବାହିତ ହେଉଥିଲା ।

ମୁଁ ହିଁ ଥିଲି ସୁମାଳୀ ଦୈତ୍ୟର କୋଡ଼ପୋଛା ନାତି । ବାପା ଥିଲେ ବେଦବିତ୍ ପରବ ଜ୍ଞାନୀ । ମୋ ଉପରେ ତେଣୁ ବାପାଙ୍କ ଚରିତ୍ରର ସୁଗୁଣ ଗୁଡ଼ିକ ପ୍ରଭାବ ପଡ଼ିବା ସ୍ୱାଭାବିକ । ମାତ୍ର କୈଶୋର ବେଳରୁ ମୁଁ ମୋର ମାତା ନିକଷା ଓ ଅଜା ସୁମାଳୀ ଦୈତ୍ୟଙ୍କ ଲାଳନ ପାଳନରେ ବଢ଼ିବାର ସୁଯୋଗ ପାଇଛି । ଧନପତି କୁବେର ମୋର ଜ୍ୟେଷ୍ଠ ଭ୍ରାତା, ଧର୍ମପ୍ରାଣ ବିଭୀଷଣ ମୋର ଅନୁଜ । ସାନଭାଇ କୁମ୍ଭକର୍ଣ୍ଣ ମୋର ଥିଲେ ଏକାନ୍ତ ଅନୁଗତ ।

ମୋ ଉପରେ ମୋର ପିତୃକୁଳ ଠାରୁ ମାତୃକୁଳର ଯଥେଷ୍ଟ ପ୍ରଭାବ ଥିଲା । ମାଆ ଆମର ସବୁ ଭାଇ ଭଉଣୀଙ୍କୁ ନେଇ ତାଙ୍କ ପିତାଙ୍କ ଘରେ ରହୁଥିଲେ । ତେଣୁ ଖୁବ୍ ଶୈଶବରୁ ଅଜା ସୁମାଳୀ ଦୈତ୍ୟଙ୍କ ପ୍ରଭାବ ମୋ ଉପରେ ବେଶି ପଡ଼ିଥିଲା । ଅଜା ମଧ୍ୟ ଚାହୁଁଥିଲେ ତାଙ୍କ ନାତି ଜଣେ ବୀର ଯୋଦ୍ଧା ହେଉ । ରାକ୍ଷସ କୁଳର ଗର୍ବ, ଗୌରବକୁ ଫେରାଇ ଆଣୁ । ପ୍ରତ୍ୟେକ ମଣିଷର ନିଜ ସଂସ୍କୃତି ଓ ଧର୍ମ ବିଷୟରେ ସ୍ୱାଭିମାନ ଥାଏ । ରହିବା ସ୍ୱାଭାବିକ । ମୋର ମଧ୍ୟ ତାହା ଥିଲା । ଯଦିଓ ମୋ ପିତାଙ୍କର ଥିଲା ଆର୍ଯ୍ୟ ସଂସ୍କୃତି, ଆଉ ମୋର ମଧ୍ୟ ସେହି ନ୍ୟାୟରେ ଆର୍ଯ୍ୟସଂସ୍କୃତିକୁନେଇ ଗର୍ବ କରିବା କଥା । ମାତ୍ର ମୁଁ ତ ପ୍ରଥମରୁ ପିତାଙ୍କ ପାଖରେ ବଢ଼ିବାର ସୁଯୋଗ ପାଇନି । ରାକ୍ଷସ ସଂସ୍କୃତିରେ ଲାଳିତ ପାଳିତ ହୋଇ ମୋ ଦେହରେ ଆର୍ଯ୍ୟରକ୍ତ ଠାରୁ ରାକ୍ଷସ ରକ୍ତର ଉତ୍ତାପ ବେଶି ଥିଲା ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

## ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୩୦ (କ) ॥

ତଟ ସରସ୍ୱତୀ।

ବେଦବ୍ୟାସ ଜ୍ଞାନ ଚକ୍ଷୁରେ ଦର୍ଶନ କଲେ ଯେ,( ଜ୍ଞାନ ଇନ୍ଦ୍ରିୟ ବା ଯୋଗ ଇନ୍ଦ୍ରିୟମାନେ ସାଧାରଣ ହୋଇନଥାନ୍ତି। ଏମାନେ କେବଳ ମସ୍ତିସ୍କ ମଧ୍ୟରେ ଥାନ୍ତି।) ଏହି ମହାକାଶ ମଧ୍ୟରେ ଏକ ପଦ୍ମ କଳ୍ପ ଏବଂ ତାହା ପୂର୍ବରୁ ଏକ ମହା ପଦ୍ମ କଳ୍ପ ସମୟ ମଧ୍ୟରେ ସମସ୍ତ ସୃଜନ ଶୀଳ ଓ ବିନାଶ ଶୀଳ ( ଯୋନୀରୁ ଜନ୍ମ) ଜୀବନ ମାନେ ଥିବା ଛାୟାପଥ ମାନ ସୃଷ୍ଟି ହୋଇଛନ୍ତି। ଯେଉଁ ମାନେ ପଞ୍ଚ ଭୂତ ଆଦି ଉପାଦାନରେ ଗଠିତ। ଏହି ସୃଷ୍ଟିରେ ଏକ ଖର୍ବ ବା ଏକ ହଜାର କୋଟି ବର୍ଷ ପୂର୍ବରୁ ସୃଷ୍ଟି ଅତି ସୂକ୍ଷ୍ମାତି ସୂକ୍ଷ୍ମ ପଦାର୍ଥରେ ନିର୍ମାଣ କରାଯାଇଅଛି। ଏହି ସୃଷ୍ଟିର କର୍ତ୍ତା ପଦ୍ମ ଯୋନି ବ୍ରହ୍ମା, ଯେଉଁ ପଦ୍ମ ବିଷ୍ଣୁଙ୍କ ନାଭି ମଧ୍ୟରୁ ସୃଷ୍ଟି ହୋଇଥିଲା। ( ସୃଜନ ସ୍ଥାନର ନାମ ପଦ୍ମ ଅଟେ ) । ଏହି ପର୍ଯ୍ୟନ୍ତ ପ୍ରଳୟ କର୍ତ୍ତା ଶିବ ଶକ୍ତି ବ୍ୟାପି ରହିଅଛି। ଏହା ସାକାର ଲିଙ୍ଗ, ଯୋନି ଅଟେ। ତାହା ପୂର୍ବରୁ ଯେଉଁ ସୃଷ୍ଟି ତାହା ପଞ୍ଚଭୂତର ଅତୀତ କଳ୍ପନା ତୀତ ଅନାଦି, ଅନନ୍ତ ଶକ୍ତି ମାନଙ୍କର ଆଧାର ଅଟେ। ଶ୍ରୀମଦ୍ ଭାଗବତରେ ଯେଉଁ ସଂଖ୍ୟା ଗୁଡ଼ିକ ରହିଅଛି, ସେଗୁଡିକ ସଂସ୍କୃତ ଭାଷା ପରି ପ୍ଲକ୍ଷ ଦ୍ୱୀପ ବା ଇଉରୋପୀୟ ସଂଖ୍ୟା ଦ୍ୱାରା ପ୍ରଭାବିତ ଅଟେ। ବିଭିନ୍ନ ସମୟରେ ଭାରତୀୟ ସଂଖ୍ୟା ବିଦେଶୀ ସଂଖ୍ୟା ଦ୍ୱାରା ପ୍ରଭାବିତ ହୋଇଅଛି ଏବଂ ଏହାର ମାନ ବା ମୂଲ୍ୟ ଓ ନାମ ମଧ୍ୟ ପରିବର୍ତ୍ତିତ ହୋଇଅଛି ।ଏହା କିପରି ମୁଁ ବିଶେଷ ଭାବେ କହିପାରିବି ନାହିଁ, କିନ୍ତୁ ମୋ ମତରେ ଏକଠାରୁ ନ ପର୍ଯ୍ୟନ୍ତ ସଂଖ୍ୟା ବର୍ତ୍ତମାନ ପରି ଗଣନା କରାଯାଇଅଛି। କିନ୍ତୁ ବୃହତ୍ ସଂଖ୍ୟା ମାନେ, ବିଶେଷତଃ ଯେଉଁଠାରେ ବେଦ ମତେ ବୋଲି ଲେଖା ଯାଇଅଛି, ଯେପରି ' ସହସ୍ର ବର୍ଷ ବେଦ ମତେ, ତପ ସାଧିଲା ଦୃଢ଼ ଚିତ୍ତେ' ବା ଦିତି ଏକ ଶତ ବର୍ଷ ଗର୍ଭ ଧାରଣ କଲେ, ତାହା ବାସ୍ତବରେ ଏହାର ଏକ ଶତାଂଶ ବର୍ଷ ବା ଦଶାଂଶ ବର୍ଷ ଅର୍ଥାତ୍, ଦିତି ଏକ ବର୍ଷ ଗର୍ଭ ଧାରଣ କରିଥିଲେ। ପ୍ରକୃତିର ପରିବର୍ତ୍ତନ ସହ ପ୍ରାକୃତିକ କ୍ରିୟା ଗୁଡ଼ିକର ପରିବର୍ତ୍ତନ ଘଟୁଅଛି। ମୋର ମା ଓ ଆଈଙ୍କ ସମୟରେ ସନ୍ତାନ ଜନ୍ମ ପରେ ଦୁଇ, ତିନି ବର୍ଷ ଋତୁ ବନ୍ଦ ରହୁଥିଲା ଓ ପରେ ଗର୍ଭଧାରଣ ହେଉଥିଲା। ଏବେ ବିଭିନ୍ନ ଔଷଧର ବ୍ୟବହାର ଯୋଗୁ ପିଲା ଜନ୍ମର ରକ୍ତ ସ୍ରାବ ବନ୍ଦ ହେବାର ମାସକ ମଧ୍ୟରେ ପୁଣି ଋତୁ ସ୍ରାବ ହେଉଅଛି ଏବଂ ପ୍ରକୃତି ଆମକୁ ସୁରକ୍ଷା ଦେଉ ନାହିଁ। (ଏହି ସମସ୍ତ ତଥ୍ୟ ଏକ ଶେଷ ସତ୍ୟ ନୁହେଁ। ମୁଁ ଜଣେ ସାଧାରଣ ମଣିଷ ଏବଂ ଏହା ମୋର ବ୍ୟକ୍ତି ଗତ ମତ ଭାବେ ଗ୍ରହଣ କରିବେ) ।

ବ୍ୟାସ ଦେବ ଦେଖିଲେ, ସେହି ଆକାଶ ଗଙ୍ଗା ଛାୟା ପଥର ମଧ୍ୟସ୍ଥ କୃଷ୍ଣା ବର୍ତ୍ତ ନିକଟରେ ଏକ ବିଶାଳ ସମୁଦ୍ର ଅଛି ଏବଂ ହିରଣାକ୍ଷ ତାହାର ଦାନବ ଜାତି ଦେବତାମାନଙ୍କ ଦ୍ୱାରା ନିର୍ଯ୍ୟାତିତ ହେବାର ଦେଖି ଅତ୍ୟନ୍ତ ପ୍ରତି ଶୋଧ ପରାୟଣ ଓ ହିଂସ୍ର ହୋଇ ଏହାର ପ୍ରତିକାର ପାଇଁ ପିତାମହ ବ୍ରହ୍ମାଙ୍କୁ ଧ୍ୟାନ କରି ଅଛି। ଏପରି ସ୍ତରରେ ଜୀବ ଅତି ଉଦବେଗ ଓ ବ୍ୟାକୁଳ ହୋଇ ଯାଇ ଥାଏ। ତେଣୁ ବ୍ରହ୍ମା ତାକୁ ସନ୍ତୋଷ କରିବା ପାଇଁ ଯୋଗ ବଳରେ ଏକ ସ୍ୱପ୍ନ ଦେଖାଇ ଛନ୍ତି ଯେ ସେ ନିର୍ମମ ଭାବେ ଦେବତା ମାନଙ୍କୁ ସ୍ୱର୍ଗ ଭୂମିରୁ ବିତାଡିତ କରିଅଛି ଏବଂ ପୃଥିବୀକୁ କ୍ଷୀର ସାଗରରେ ବୁଡ଼ାଇ ଦେବତାମାନଙ୍କୁ ବିନାଶ କରି ଅଛି। ଏଭଳି ସ୍ତରରେ ବର ସ୍ୱରୂପ ଏହି ସ୍ୱପ୍ନ ମଧ୍ୟ ବାସ୍ତବରେ ଉତ୍ତମ ବା ଅଧମ ରୂପେ କ୍ରିୟା ଶୀଳ ହୋଇ ଯାଇ ଥାଏ। (ହଁ, ମୁଁ ଏହାର ପ୍ରମାଣ ଦେଖି ଅଛି।) ଏହାପରେ ସେ ବ୍ରହ୍ମାଙ୍କ ବରରେ ବଳିୟାନ ହୋଇ ବିଭିନ୍ନ ଅସ୍ତ୍ର ଶସ୍ତ୍ର ଘେନି ଦେବତା ମାନଙ୍କୁ ଆକ୍ରମଣ କରି ସ୍ୱର୍ଗ ପୁରରୁ ବିତାଡିତ କରିଅଛି ତଥା ତାର ପ୍ରତି କ୍ରିୟା ରୂପେ ପୃଥିବୀରେ ଏହା ଦର୍ପଣରେ ମାୟାର ପ୍ରତି ଫଳନ ପରି ଦେବ ବସତିକୁ ଜଳ ମଗ୍ନ କରି ଦେଇଅଛି। ବାଇବେଲ ଏବଂ ଭାଗବତ ଅନୁ ଶୀଳନ କଲେ ଏହି ସମୟରେ ଆକାଶରେ ଏକ ଦୀର୍ଘ ଆକାଶ ନଦୀ ମଧ୍ୟ ସୃଷ୍ଟି ହୋଇଥିବାର ଅନୁମାନ ହୁଏ। ତେବେ, ଏହା ସ୍ପଷ୍ଟ ଯେ ବ୍ରହ୍ମା ବିଷ୍ଣୁଙ୍କୁ ଯୋଗ ବଳରେ ସନ୍ତୋଷ କରିବାରୁ ସେ ସ୍ୱୟଂ ଯୋଗ ବଳରେ ଏହି ଦୂର ପଥ ଅତିକ୍ରମ କରି ଏକ ଉଡନ୍ତା ବରାହ ରୂପରେ ପୃଥିବୀକୁ କ୍ଷୀର ସମୁଦ୍ର ମଧ୍ୟରୁ ଉଦ୍ଧାର କରୁ ଥିବାର ବ୍ରହ୍ମା ଦେଖି ପାରିଲେ।

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

# ଆଜିର କବିତା

## ଲେଖି ପାରିନାହିଁ

### ସ୍ନିଗ୍ଧା ପଣ୍ଡା



ତମ କଥା ନ ଲେଖିବି ଯଦି
ଲେଖି ଶିଖିବା ମୋର ବ୍ୟର୍ଥ ହୋଇଯିବ
ମତେ କଣ ଜଣା କି
ତମ ଛଡା ଆଉ କିଛି କଥା ନାହିଁ ଲେଖିବାକୁ
ଯିଏ ଲେଖୁ ଯାହା ବି ଲେଖୁ
ସେ କେବଳ ତମରି କଥା ହିଁ ଲେଖିଛି
ତା' ନିଜ ବାଗରେ
ଲେଖିବାକୁ ତେଣୁ
ମୁଁ ଯେତେଥର ଭାବିଛି
ତମରି କଥାକୁ ଭାବିଛି
ମୋରି ଢଙ୍ଗରେ ?
ଦେଖ
ମୋର ସବୁ ଖାତାର ଚିରା କାଗଜ ଖୋଜି
ମୋ ଡାଏରୀ ଓ ହିସାବ ଖାତା ବି ଦେଖ
ସବୁଠାରେ ତମ କଥା
କେତେ କଲମରୁ ସରି ଯାଇଛି ସ୍ୟାହି
ଭାଙ୍ଗିଯାଇଛି କେତେ କଲମର ମୁହଁ
ଲୋଟିଯାଇଛି ମାଟିରେ
ମରଣଠୁଁ କରଜ କରା ଜୀବନ
ହେଲେ ତମ କଥା ସରିପାରି ନାହିଁ
କଲମ ବନ୍ଦ କଲାବେଳକୁ
ମନେ ପଡିଛି
ପୁଣି ତ ରହିଗଲା ବାକି
ଜୀବନ କଣ ଖାଲି ଏମିତି ଓ ଏତିକି
ସେତେବେଳେ ମନ ଗୁମୁରିଛି
ଏତେ ଲେଖା ହେଲାପରେ ବି ତମ କଥା
ସତରେ କିନ୍ତୁ କେହି ଲେଖି ପାରିନାହିଁ ?
କୁଆଁ ଶବ୍ଦ ଶୁଭିଲା ତ
ମୁଁ ଭାବିଛି ତମ କଥା ଆରମ୍ଭ ହେଲା ଏଇଠୁଁ
ପ୍ରଜାପତି ପଛରେ ଗୋଡେଇ
ପଣିକିଆ ଶିଖୁଶିଖୁ
କେତେବେଳେ ପୁଣି ସାହାନାଇର ସ୍ୱର ଶୁଭିଛି
ପାପୁଲି ଓ କପାଳରେ ଗାର
କିମ୍ବା କଟା ଡେଣାର ପର ଗଣିଲାବେଳେ
ପୁଣି ନୂଆ ଯୋଡେ ଡେଣାରେ
ଉଡିଯାଇଛ ତମେ
ତମକୁ ବୁଝିବା ଆରମ୍ଭ କଲାବେଳକୁ
ହଜିଯାଇଛ ତମେ ?
କେଉଁଠି ହଜି ଯାଅ ତମେ
କେମିତି ହଜିଯାଅ
ଏଇ କି ଜୀବନ ବୋଲି
ପଚାରିଲି ଯଦି କା'ରେ
ହସିଛି ସେ ମୋର ବୋକାମିରେ
ନୁହେଁ ତ ଆଉ କଣ
ଜୀବନକୁ ଖୋଜେ କଣ କିଏ
ଏମିତି ନଈଖଣ୍ଡି
କିମ୍ବା ମଶାଣି ଦାଢରେ ?
ତମ ଲାଗି ସେଥିପାଇଁ
ପରାଜୟ ଲେଖା ମୋର କପାଳରେ
ତମକୁ ବୁଝିବା ଓ ଖୋଜିବା ନିଶାରେ
ସମୟକୁ ଭସେଇ ଦେଇଛି ମୁଁ
ଓଳିତଳ କାଗଜ ଡଙ୍ଗାରେ
ମୋ ସାମ୍ନାରେ ଏଇ ପାଣିଧାର ତମ ପରି
ସେତିକି ମାତ୍ର ଦେଖି ହେଉଥାଏ
ଯେତିକି ଆଖି ଆଗରେ ଥାଏ
ଆରମ୍ଭ ନାହିଁ କି ଶେଷ ବି ନାହିଁ
କେଉଁଠୁ ଆସେ କୁଆଡକୁ ଯାଏ
ଯେଉଁଥିପାଇଁ ସବୁ ଖୋଜିବାଯାକ
ଆଜିଯାଏଁ ଅଛି ଅସରନ୍ତି ?

+ମୋ-୯୮୬୧୩୨୩୬୫୦

## କାରୁବାକୀ

### ପ୍ରତିଭା ମଞ୍ଜରୀ ଜେନା



ନଦୀ ଆଜି ନୀଳ,
ନାଦ ଆଜି ବ୍ୟାକୁଳ !
କାହିଁକି ନା
ଫେରିଛି କାରୁବାକୀ !
ତାର କାନ୍ଦଣାର ନାଁ କାରୁବାକୀ !
ତାର ସ୍ପନ୍ଦନର ନାଁ କାରୁବାକୀ !
ତାର ମନ୍ତ୍ରଣାର ନାଁ କାରୁବାକୀ,
ତାର ଅଭିସାର ନାଁ କାରୁବାକୀ।
ତାର ନିମନ୍ତ୍ରଣ ନାଁ କାରୁବାକୀ
ତା ନନ୍ଦିନୀ ର ନାଁ କାରୁବାକୀ,
ତା ଇନ୍ଦ୍ରିୟର ନାଁ କାରୁବାକୀ,
ତା ଅତିନ୍ଦ୍ରୀୟତାର ନାଁ କାରୁବାକୀ
ତା ନିୟତିର ନାଁ କାରୁବାକୀ,
ତା ଜନନ୍ଦ୍ୱୀର ନାଁ କାରୁବାକୀ
ତା ମଶାଣି ଫୁଲର ନାଁ କାରୁବାକୀ।
କଳିଙ୍ଗ କନ୍ୟା ସେ କାରୁବାକୀ !
ଆଜି ତ ଲେଖୁଛି ସେ
ତା ଅତୃପ୍ତ ଆତ୍ମାର
ଶେଷ ଆତ୍ମଲିପି।

ସୋରୋ, ବାଲେଶ୍ୱର- ୭୫୬୦୪୫

## ଲକ୍ଷ୍ମୀ -କେତେବେଳେ ତୁ, କେତେବେଳେ ମୁଁ

### ସୁମିତା ବେହେରା



ଜରାୟୁରୁ ଯାତ୍ରା
ପାପୁଲିଏ ସଜଳ ସକାଳକୁ
ଝୋଟି ଚିତାରେ ରମଣୀୟ କରି
ନିର୍ଦ୍ୱନ୍ଦରେ ପଖାଳି ହୁଏ
କଅଁଳ ଶୁଦ୍ଧତା ।
ପ୍ରତି ମୁହୂର୍ତ୍ତରେ ସଂଶୟକୁ ପିଠିରେ ଲଦି
ସୀମା ସରହଦ ଡେଇଁ ଆଗକୁ ବଢିବା ବେଳେ
ଭୟ ବିସ୍ମୟର ପ୍ରତିଯୋଗିତା ।
ମୁଁ ଥାଏ ମୋ ବାଟରେ
ତୁ ଥାଉ ତୋ ବାଟରେ
ପାପ ପୁଣ୍ୟର ପରିଧି ଭିତରେ
ଚେତନା ଚୈତନ୍ୟର ଚୌହଦି ଭିତରେ
ନିନ୍ଦାରେ ଅପବାଦରେ
ପ୍ରତି ମୁହୂର୍ତ୍ତରେ
କେହି ନା କେହି ପଛରୁ ଛନ୍ଦୁଥାଏ ପାଦ
ତୋର ବି ମୋର ବି ।
ଯେତେ ସବୁ ଆତୁରତାକୁ ସମର୍ପି ଦେଇ
ମୁଁ ଦେଖେ ତିନି ଗାର ଡେଇଁ
ତୋ ପାଖରେ ପହଞ୍ଚିବାର ସ୍ୱପ୍ନ,
ତୁ କିନ୍ତୁ ଉଦାସର ଋତୁକୁ ପଛକୁ ଠେଲି
ମାପିଦେଉ ଆଞ୍ଜୁଳା ଭର୍ତ୍ତି
ଶାସ୍ୱତ ବଂଶୀସ୍ୱନ ।
ଆଉ କିଛି ନୂଆକଥା ଲେଖୁଛି କି !!!
ସମୟର ଶିଉଳିଲଗା ପାହାଚରେ
ଅକ୍ଷତ ମୁଦା କଢଟିଏ
ସବୁକାଳେ ଲକ୍ଷ୍ମୀ,
ସେ ଅବୁଝାପଣରେ ଝଡ ସୃଷ୍ଟିକରୁ
ବା ଏକାଗ୍ରତାରେ ଚାଂଚଲ୍ୟ ଭରୁ
କେବଳ ଲକ୍ଷ୍ମୀ ହୋଇ ଥାଉ,
ସେ ତୁ ହ କି ମୁଁ ।

+ବାରିପଦା

## ଜୟ ବାବା ଲଡୁକେଶ

### ନଳିନୀ ଦାଶ




ମୋ ଗାଆଁ ମନ୍ଦିର ଦିଶଇ ସୁନ୍ଦର
ନେତ ଉଡ଼େ ଫରଫର
କଇଳାସ ପତି ପୂଜାପାଉଛନ୍ତି
ମଥାରେ ଗଙ୍ଗାର ଧାର ।
ବାବା ଲଡୁକେଶ ଢାଳନ୍ତି ଆଶିଷ
ଡାକୁଥିଲେ ଭକତିରେ
ସେ ଡମ୍ବରୁଧାରୀ ଦୁଃଖ ନେବେ ହରି
ଏ ସୁନ୍ଦର ସଂସାରରେ ।
ବାଘ ଛାଲ ପିନ୍ଧି ମୁଣ୍ଡେ ଜଟା ବାନ୍ଧି
ସାପ କରି ଗଳାହାର
ମଶାଣି ଜଗୁଛ ତ୍ରିଶୂଳ ଧରିଛ
ଜଟାଧାରୀ ଯୋଗେଶ୍ୱର ।
ଆହେ ଆଶୁତୋଷ ଅରଖ ଗୟସ
ଫୁଲରେ ତୁମ ଆଦର
ପ୍ରତିଟି ମନ୍ଦିରେ କେତେଯେ ନାମରେ
ପାଅ ପୂଜା ନିରନ୍ତର ।
କେତକୀ ବଉଳ ଦୁର୍ଦୁରାର ମାଳ
ଶହେ ଆଠ ବେଲପତ୍ର
ତୁମକୁ ଯେ ଦିଏ ଦୁଃଖ ଦୂର ହୁଏ
ରହିଛ ତୁମେ ସର୍ବତ୍ର ।
ହଳାହଳ ବିଷ ପାନ କରି ଈଶ
ସଂସାରକୁ ରକ୍ଷା କଲ
ଚନ୍ଦନ ମଥାରେ ରୁଦ୍ରାକ୍ଷ ଗଳାରେ
ପିନ୍ଧି ମୃତ୍ୟୁଞ୍ଜୟ ହେଲ ।
ହେ ଭୋଳା ଶଙ୍କର ମଥାରେ ତୁମର
ଚନ୍ଦ୍ର ସୂର୍ଯ୍ୟଙ୍କର ସ୍ଥାନ
ଚନ୍ଦନ ଚର୍ଚ୍ଚିତ ଭସ୍ମ ଲେପିତ
କର ପିନାକୀ ଧାରଣ ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୬୩୭୦୦୯୫୨୪୧

## ପ୍ରତିପାଦ୍ୟ ସତ୍ୟ

### ଅନସୂୟା ପଣ୍ଡା



ଗୋଟେ ଜାଲ ତଳେ ଖୁବ୍
ଭୋକରେ ବିକଳ ଚଢେଇଟିକୁ
ଭାବିବାକୁ ନଥାଏ ବେଳ
ସେ ଆଣ୍ଠେଇ ପଡେ ଅହରହ
ଗୋଟେ ନିଷ୍ଠୁର ସତ୍ୟକୁ ଭେଟି
କେବେ ଫେରେ କେବେ ଫେରିପାରେନି
ଶେଷରେ ସମର୍ପିଦିଏ ଭାଗ୍ୟ ହାତରେ।
ଦେଖିବାରେ ଖୁବ ଉଜ୍ଜ୍ୱଳି ଉଠୁଥିବା
ହୀରାରେ ଥାଏ କେତେ ଜହର
ମାପିବା ଆଗରୁ ସରିଯାଏ ଖେଳ
ସତ୍ୟ ସବୁବେଳେ ଆବୃତ
ପଥରରେ ଶାମୁକାରେ ଅନ୍ଧାରରେ।
ଦେଖିବା ଆଉ ଦେଖେଇ ହେବା ଭିତରେ
ବିରାଜିତ ଅମାପ ଅବ୍ୟକ୍ତ ଅନ୍ତର
ଅନ୍ଧାରକୁ କ'ଣ ସତେ ପରାହତ କରେ
ହାଲୋଜେନର ଦଲକାଏ ଆଲୋକ ?
ଦେଖେଇ ହେବାର ନିରିମାଖୀ ଭାବତଳେ
ଅସତ୍ୟ ଅଭେଦ୍ୟ ଅନୁକ୍ତ ଅହଂକାର
ଛଦ୍ମବେଶର ନୀଳଦେହ ତଳେ
ରାବଣର ମାୟା ମିରିଗ ଖେଳ
ଛଳନାରେ ଶକୁନିର ପଶାକାଠି।
ଆସ ପ୍ରତିପାଦ୍ୟ ସତ୍ୟକୁ ପରଖିବା
ଅନ୍ତର୍ମନର ଚେତନାରେ ପ୍ରତିପନ୍ନ
ଛଳନାର ପ୍ରଚକ୍ଷୁ ଉତ୍ତାରି
ତର୍କ ଅହମିକାର ବକଳ ଚିରି।
ଶୁଣିବା ନିଷ୍ଠୁର ସତ୍ୟ କଥନର ସ୍ୱର
ହେଉ ପଛେ ଶ୍ରୁତିକଟୁ କଠୋର
ନିରାଧାର ମିଛର ମଧୁର ବାଣୀ ଭାବ
କ୍ଷଣ ଭଙ୍ଗୁର ଅଚିନ୍ତ୍ୟ ଖୁସିର ଜୀବନ
ଅଲକ୍ଷ୍ୟରେ ଭାଙ୍ଗିଯାଏ କାଚପରି
ଆହତ ହୁଏ ଦେହ ଓ ଦେହଳୀ।

+ବୁର୍ଲା, ସମ୍ବଲପୁର,
ମୋ: ୮୩୨୮୯୪୫୮୮୫

# ଏକଲବ୍ୟ ଆଦର୍ଶ ବିଦ୍ୟାଳୟ: ସୁନ୍ଦରଗଡ଼ରେ ୧୬ରୁ ୪ଟି କାର୍ଯ୍ୟକ୍ଷମ, ଜାଗା ବିବାଦରୁ ବିଳମ୍ବ



ରାଉରକେଲା, ୧୭/୧ (ନି.ପ୍ର): କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶାକୁ ୬୩ଟି ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପାଇଁ ଅର୍ଥ ମଞ୍ଜୁର ହୋଇଛି। ଏଥିମଧ୍ୟରୁ ଆଦିବାସୀ ଅଧୁଷିତ ସୁନ୍ଦରଗଡ଼ ଜିଲ୍ଲାରେ ରହିଛି ୧୬ଟି। ବର୍ତ୍ତମାନ ସୁଦ୍ଧା ୧୬ଟି ମାତ୍ର ୪ଟି କାର୍ଯ୍ୟକ୍ଷମ ହୋଇପାରିଛି। ଚାଲିଥିବା ଏକଲବ୍ୟ ଆଦର୍ଶ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ରହିଛି କୁଆରମୁଣ୍ଡା ବ୍ଲକ୍‌ର କୁଆରମୁଣ୍ଡା, ଲହୁଣିପଡ଼ାର ଶରଧାପୁର, ରାଜଗାଙ୍ଗପୁରର ଲାଇଙ୍ଗ ଓ ସୁନ୍ଦରଗଡ଼ର ଭବାନୀପୁର। ଜିଲ୍ଲାର ଟାଙ୍ଗରପାଲିର ତେଲିପାଲି, ବିଶ୍ରାର ବିଜାଡ଼ିହି, ବଡ଼ଗାଁର ଭୋଇପାଲି ଓ ସବ୍‌ଡେଗାର ସବ୍‌ଡେଗାରେ ନିର୍ମାଣ କାର୍ଯ୍ୟ ଚାଲିଛି। କେବେ ସରିବ କାହାରି ପାଖରେ ଉତ୍ତର ନାହିଁ। ନିର୍ମାଣ କାମ କଚ୍ଛପ ଗତିରେ ଚାଲିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ତଦାରଖ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ପକ୍ଷରୁ ନିର୍ମାଣକାରୀ ଠିକାସଂସ୍ଥାକୁ ତାଗିଦ୍ କରାଯାଉ ନଥିବାରୁ ଏଭଳି ସ୍ଥିତି ଉପୁଜୁଥିବା କୁହାଯାଉଛି। ଜାଗା ବିବାଦରୁ ଅନ୍ୟ ୮ଟି ବିଦ୍ୟାଳୟର ନିର୍ମାଣ କାମ ବିଳମ୍ବ ହେଉଛି। ଏଗୁଡ଼ିକ ମଧ୍ୟରେ ରହିଛି ବଣାଇ, ଲାଠିକଟା ବ୍ଲକ୍‌ର ଖଇରବନ୍ଧ, ଗୁରୁଣ୍ଡିଆର ରାଜାବସା, କୋଇଡ଼ାର ସର୍ଗିଗଡ଼, କୁତ୍ରାର ଡାହିଜିରା, ଲେଫ୍ରିପଡ଼ାର ଡୁମାବାହାଲ, ନୂଆଗାଁର ହାତୀବାରି, ତଳସରାର ବ୍ଲକ୍‌ର ତଳସରା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କ ହସ୍ତକ୍ଷେପ ପରେ ଜାଗା ବିବାଦର ସମାଧାନ ହୋଇଛି। କେନ୍ଦ୍ର ଆଦିବାସୀମନ୍ତ୍ରୀ ବିଶ୍ୱେଶର ଟୁଡୁ ଓ ସଂସଦ ପ୍ରତିରକ୍ଷା ଷ୍ଟାଣ୍ଡିଂ କମିଟି ଅଧକ୍ଷ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ଆସନ୍ତା ୧୯ ପ୍ରତିଷ୍ଠା ହୋଇନଥିବା ଏକଲବ୍ୟ ବିଦ୍ୟାଳୟର ଶିଳାନ୍ୟାସ କରିବାକୁ ଯାଉଛନ୍ତି। ପ୍ରତ୍ୟେକ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ନିର୍ମାଣ ବାବଦରେ ୨୫ କୋଟି ଟଙ୍କା ଖର୍ଚ୍ଚ ହେବ। ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କ ଉଦ୍ୟମ ଯୋଗୁ ଜିଲ୍ଲାକୁ ୧୬ଟି ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପାଇଁ ମୋଟ ୪୦୦ କୋଟି ମଞ୍ଜୁର ହୋଇଥିଲା। ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପାଇଁ ଚିହ୍ନଟ ଜାଗାର ଏନ୍‌ଓସି ମିଳୁ ନଥିବାରୁ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିଲା। ଅର୍ଥ ମଞ୍ଜୁର ସତ୍ୱେ କେଉଁ ବ୍ଲକ୍‌ରେ ୪ ବର୍ଷ ତ ଅନ୍ୟ କେଉଁ ବ୍ଲକ୍‌ରେ ୩ ବର୍ଷ ଧରି ଇଟା ଖଣ୍ଡିଏ ପଡ଼ିପାରୁ ନଥିଲା। ଗତ ୨୦୨୧-୨୨ରେ ବଣାଇ, ଲାଠିକଟା, ଗୁରୁଣ୍ଡିଆ, କୋଇଡ଼ା, ସବ୍‌ଡେଗା, ଟାଙ୍ଗରପାଲିକୁ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟରୁ ପାଣ୍ଠି ମଞ୍ଜୁର ହୋଇଥିଲା। ସେମିତି ୨୦୨୦-୨୧ରେ ବଡ଼ଗାଁ ଓ ବିଶ୍ରା, ୨୦୧୯-୨୦ରେ କୁତ୍ରା, ନୂଆଗାଁ, ତଳସରାକୁ ୨୫ କୋଟି ଟଙ୍କା ଲେଖାଏଁ ଅର୍ଥ ମିଳିଥିଲା। ୨୦୧୫-୧୬ରେ କୁଆରମୁଣ୍ଡା, ୨୦୦୨-୦୩ରେ ଲହୁଣିପଡ଼ା, ୧୯୯୭-୯୮ରେ ସୁନ୍ଦରଗଡ଼ ଭବାନୀପୁର ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା।

# କ୍ଷୁଦ୍ର ଜଳସେଚନ ବିଭାଜନ ପକ୍ଷରୁ ପାଣି ପଂଚାୟତ ପକ୍ଷ ପାଳିତ

ମାଲକାନଗିରି, ୧୭/୧ (ନି.ପ୍ର): ରାଜ୍ୟରେ ଜଳସଂପଦ ବିଭାଗ ଆନୁକୂଲ୍ୟରେ ଜାନୁଆରୀ ୧୬ରୁ ଜାନୁଆରୀ ୩୦ ତାରିଖ ପର୍ଯ୍ୟନ୍ତ ପାଣି ପଂଚାୟତ ପକ୍ଷ-୨୦୨୪ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷୀରେ ପାଣି ପଂଚାୟତ ପକ୍ଷର ପ୍ରଥମ ପର୍ଯ୍ୟାୟରେ ଆଜି ମାଲକାନଗିରି ଜିଲ୍ଲା ,କ୍ଷୁଦ୍ର ଜଳସେଚନ ବିଭାଜନ ପକ୍ଷରୁ କାଲିମେଳା ବ୍ଲକ ପୋଗୁରୁକୋଣ୍ଡା ସେଚାଂଚଳ ଅଧିନସ୍ଥ ଚିତ୍ରାଙ୍ଗପାଲ୍ଲୀ ପଂଚାୟତ ଏମଭି ୮୯ ଗ୍ରାମରେ ବିଭାଜନସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି କ୍ଷୁଦ୍ର ଜଳ ସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଇଂ ନିହାର ରଞ୍ଜନ ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କାଲିମେଳା ବ୍ଲକ ଅଧକ୍ଷା ଶୁଭାସିନୀ ସୋଢ଼ି, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଢ଼ି, ସମ୍ମାନିତ ଅତିଥି ଭାବେ ବଦଲି ପଂଚାୟତ ସରପଂଚ ଦୀନବନ୍ଧୁ ମାଢ଼ି, ଚିତ୍ରାଙ୍ଗପାଲ୍ଲୀ ସରପଂଚ କୌଶଲା କବାସୀ ଓକ୍ଷୁଦ୍ର ଜଳ ସେଚନ ବିଭାଗ ମାଥିଲି ଉପଖଣ୍ଡ ସହକାରୀ ଯନ୍ତ୍ରୀ ଇଂ. ବିଜୟ କେତନ ସିଂ ପ୍ରମୁଖ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ମଂଚାସିନ ଅତିଥି ମାନେ ପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିଥି ମାନେ ନିଜ ନିଜ ଅଭିଭାଷଣରେ ପାଣିପଂଚାୟତର ଭୂମିକା ଓ ଅଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ପୂର୍ବରୁ ବିଭିନ୍ନ ବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତା ଗୁଡିକର କୃତି ଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟ ଗୁଡିକର କୁନି ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ କ୍ଷୁଦ୍ର ଜଳ ସେଚନ ବିଭାଗ କାଲିମେଳା ଉପଖଣ୍ଡ କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ବେହେରା ପରିଚାଳନା କରିଥିଲେ। ଅନୁଷ୍ଠିତ ସଭାରେ କ୍ଷୁଦ୍ର ଜଳ ସେଚନ ବିଭାଜନ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ଇଂ. କୈଳାସ ଚନ୍ଦ୍ର ଭୋଇ, ବଳଭଦ୍ର କାଞ୍ଚୁ, କୈଳାସ ମଲ୍ଲିକ, ବିକ୍ରମ ସାହୁ, ମୁରଲୀ ମୋହନ ବେହେରା, ଦୁର୍ଗା ପ୍ରସାଦ ସିଂ, ରାଜେଶ୍ୱର ପାଣିଗ୍ରାହୀ, ଭାରତୀ ଦେବି, ପାଣି ପଂଚାୟତର ସଭାପତି, ସମ୍ପାଦକ, କୋଷାଧକ୍ଷ, ସମସ୍ତ ସଦସ୍ୟ, ବିଭିନ୍ନ ବିଦ୍ୟାଳୟ ର ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ଓ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଭତ୍ତା ଟଙ୍କା ବୃଦ୍ଧି ଦାବିରେ ସିପିଆଇର ବିକ୍ଷୋଭ

ଜୟପୁର, ୧୭/୧ (ନି.ପ୍ର): କୋରାପୁଟ ଜିଲା ସିପିଆଇ ତରଫରୁ ଆଜି ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ଭତା ଟଙ୍କା ବୃଦ୍ଧି କରିବାକୁ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସିପିଆଇର ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଅଭିଯୋଗ କରିଛନ୍ତି ଯେ, ଜିଲାରେ ଗରିବ, ଆଦିବାସୀ ଶ୍ରେଣୀର ଲୋକ ମାନଙ୍କୁ ନ୍ୟାୟ ମିଳୁ ନାହିଁ । ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶରେ ବାର୍ଦ୍ଧକ୍ୟ ଭତା, ବିଧବା ଭତା, ଭିନ୍ନକ୍ଷମ ଭତା ୨୫ ଶହ ଟଙ୍କା ମିଳୁଥିବା ବେଳେ ଅନ୍ୟ ରାଜ୍ୟ ମାନଙ୍କରେ ୩ ହଜାରରୁ ୫ ହଜାର ପର୍ଯ୍ୟନ୍ତ ଭତ୍ତା ଦିଆଯାଉଛି । କିନ୍ତୁ, ଓଡିଶାରେ ଭତା ଆକାରରେ ମାତ୍ର ୫ ଶହ ଟଙ୍କା ଦିଆଯାଉଛି । ଏହାକୁ ତୁରନ୍ତ ପରିବର୍ତନ କରି ୫ ହଜାର ଟଙ୍କା ଭତା ପ୍ରଦାନ କରିବା, ୫୫ ବର୍ଷ ବୟସରେ ଭତା ଲାଗୁ କରିବା, ପ୍ରତ୍ୟେକ ଭତା ଭୋଗୀଙ୍କ ଘରକୁ ଘର ଭତା ପହଂଚାଇବା ଦାବି କରାଯାଇଛି । ଏନେଇ ମୁଖ୍ୟ ଟ୍ରାଫିକ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡାକ ଯୋଗେ ଦାବି ପତ୍ର ପ୍ରଦାନ କରାଯାଇଛି । ଏହି ବିକ୍ଷୋଭ ପ୍ରଦର୍ଶନରେ ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସ, ସତ୍ୟବ୍ରତ ନନ୍ଦ, ନିତ୍ୟାନନ୍ଦ ପାତ୍ର, ନନ୍ଦ ହରିଜନ, ସନ୍ୟାସି ମାଳି, କମଳ ଲୋଚନ ସଗରିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ପ୍ରଶାସନର ମକ୍ ପୋଲିଂ ବୁଥ୍ ଉଦ୍‌ଘାଟନ

ବଲାଙ୍ଗିର, ୧୭/୧ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନରେ ଭୋଟର ନିର୍ଭୁଲ ମତଦାନ ସଚେତନତା ସକାଶେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ମୁଖ୍ୟାଳୟ ଏବଂ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଦର୍ଶନ କେନ୍ଦ୍ର ଉଦଘାଟନ ହୋଇଛି । ଏହି କେନ୍ଦ୍ରରେ ଇଭିଏମ ଏବଂ ଭିଭିପାଟ ପ୍ରଦର୍ଶନ ସହ ପୋଲିଂ ବୁଥ ରେ ଭୋଟ ଦେବାକୁ ନେଇ ଜନସାଧାରଣଙ୍କୁ ସଚେତନତା କରାଯିବ । ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ ଏବଂ ଉପଜିଲ୍ଲାପାଳ ପ୍ରଭାସ ଦଣ୍ଡସେନା ଏହି କେନ୍ଦ୍ର ଉଦଘାଟନ କରିବା ସହ ୪ ଟି ଇଭିଏମ ମୋବାଇଲ ଭ୍ୟାନ କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ମୋବାଇଲ ଭ୍ୟାନ ଗୁଡିକ ୧୪ ଟି ବ୍ଲକ ଏବଂ ସମସ୍ତ ପୌରାଚଂଳ ବୁଲିବ । ଏହି ଭ୍ୟାନ ଗୁଡିକ ଜିଲ୍ଲାର ସମସ୍ତ ଭୋଟ ଦାନ କେନ୍ଦ୍ର ଗୁଡିକ ବୁଲିବ ଏବଂ ସମ୍ପୃକ୍ତ ଅଧିକାରୀ ମାନେ ଭୋଟର ମାନଙ୍କୁ ସଚେତନ କରାଇବ । ମୋକ ପୋଲିଂ ପରେ ଭୋଟରମାନେ କାହାକୁ ଭୋଟ ଦେଲେ ଦେଖିପାରିବେ । ଏହା ଦ୍ୱାରା ଜଣେ ନିର୍ଭୁଲ ଭାବେ ଭୋଟ ଦେଇପାରିବ । ସଚେତନ ହେଲେ ଜଣେ ବିନା କୌଣସି ସମସ୍ୟାରେ ବୁଥକୁ ଯାଇ ଭୋଟ ଦେଇପାରିବ । ଫେବୃଆରୀ ଶେଷ ପର୍ଯ୍ୟନ୍ତ ଏହି ମକ କାର୍ଯ୍ୟକ୍ରମ ଚାଲିବ। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର (ନିର୍ବାଚନ) ରାଜେନ୍ଦ୍ର ନାୟକ , ଆସିଷ୍ଟାଣ୍ଟ କଲେକ୍ଟର ଫାଲ୍ଗୁନୀ ଶବର, ବଲାଙ୍ଗୀର ବିଡିଓ ଶରତ କୁମାର ସେଠୀ, ପୁଇଁନ୍ତଳା ବିଡିଓ ଅମରେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ମକାପୁଟରୁ ହଟିବ ମୁଖ୍ୟ ଡମ୍ପିଂୟାର୍ଡ: ସରିଲା ଡ୍ରୋନ ସର୍ଭେ



ଜୟପୁର: ସହରର ୨୮ଟି ୱାର୍ଡରୁ ସଂଗ୍ରହିତ ହେଉଥିବା ସୁଖିଲା ଓକଂଚା ମଇଳା, ଆବର୍ଜନା ଆଦିକୁ ମକାପୁଟ ମୁଖ୍ୟଡମ୍ପିଂୟାର୍ଡ, ଗୋଡିଆଧୋବା ସାହି, କୁମ୍ଭାରସାହି ନିକଟରେ ଥିବା ଡମ୍ପିଂୟାର୍ଡରେ ପକାଯାଉଛି। ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍ ତୁରନ୍ତ ଏହି ଡମ୍ପିଂୟାର୍ଡ ସବୁକୁ ହଟାଇ ଅତ୍ୟାଧୁନିକ ପ୍ରଣାଳୀରେ ବର୍ଜବସ୍ତୁକୁ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ପ୍ରାରମ୍ଭିକ ଭାବେ ମକାପୁଟ ମୁଖ୍ୟଡମ୍ପିଂୟାର୍ଡ ସଂପୂର୍ଣ୍ଣ ଉଚ୍ଛେଦ କରିବା ପ୍ରକ୍ରିୟା ପୌରପାଳିକା ପକ୍ଷରୁ ଆରମ୍ଭ ହୋଇଛି। ଏହି କ୍ରମରେ ଗତ କିଛି ଦିନ ହେବ ଡ୍ରୋନ ସର୍ଭେ ସରିଛି। ଏଠାରେ ଜମାଥିବା ମଇଳାକୁ ଜୈବିକ ପଦ୍ଧତି-(ବାଇଓ -ମାଇନିଂ)ରେ ନଷ୍ଟ କରାଯିବ ବୋଲି କହିଛନ୍ତି ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ। ସୂଚନା ଅନୁଯାୟୀ, ଜାତୀୟ ଗ୍ରୀନଟ୍ରିବ୍ୟୁନାଲ ଦେଇଥିବା ମାର୍ଗଦର୍ଶନ ଅନୁଯାୟୀ ଡ୍ରୋନ କ୍ୟାମେରାରେ ସର୍ଭେ କରାଯାଇଥିଲା। ୫ଏକର ମୁଖ୍ୟଡମ୍ପିଂୟାର୍ଡରେ ୩ଏକର ମଧ୍ୟରେ ମଇଳା ଜମା ହୋଇ ରହିଛି। ଏଥିରୁ ଅଳ୍ପ କିଛି ଜମିରେ ବାଇପାସ୍ ରାସ୍ତା ଏବେ ଯିବ। ବାଇପାସ୍ ରାସ୍ତା ପାର୍ଶ୍ୱରେ ପାଚେରୀ ପୌରପାଳିକା ପକ୍ଷରୁ କରାଯିବ। ବଳକା ୨ଏକର ମଧ୍ୟରେ ୨ଟି ମାଇକ୍ରୋ ରିକୋଭରୀ ଫାର୍ମ (ଏମଆରଏଫ୍) ଓ ୨ଟି ଏମସିସି (ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର) ରହିଛି। ୩ଏକର ମଧ୍ୟରେ ଜମା ରହିଥିବା ମଇଳାରୁ ଏମଆରଏଫରେ ମଇଳା ପକା ଗଲେ ଏଥିରେ କାଚ, ଚମଡ଼ା ଓ ପ୍ଲାଷ୍ଟିକ ବାହାରି ପଡ଼ିବ। ଏବଂ ପଲିଥିନ ଏବଂ ନନ୍ ରିସାଇକ୍ଲ ସାମଗ୍ରୀକୁ ବାଇଓ ମାଇନିଂ ପଦ୍ଧତିରେ ବଡ ବଡ ଫଙ୍କା ଲଗାଇ ସବୁ ସଂଗ୍ରହ କରାଯାଇ ସେସବୁକୁ ସିମେଣ୍ଟ ଫ୍ୟାକ୍ଟ୍ରୀର ଜାଳେଣୀ ପାଇଁ ବିକ୍ରୀ କରାଯିବ ବୋଲି କହିଛନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସାନିଟାରୀ ଏକ୍ସପାର୍ଟ ରାଜଶେଖର। ବଳକା ମଇଳାକୁ ଏମସିସିରେ ପକା ଯାଇ ଖତ ତିଆରି କରାଯିବ। ସହରରେ ମକାପୁଟ ମୁଖ୍ୟଡମ୍ପିଂ ୟାର୍ଡ ସହ ଗୋଡ଼ିଆ ଧୋବା ସହି ଓ କୁମ୍ଭାରସାହିରେ ଗୋଟିଏ ଲେଖାଏଁ ଏମଆରଏଫ୍‌ଓ ଏମସିସି ୟୁନିଟ୍ ରହିଛି। ଏହି ୪ଟି ୟୁନିଟ ଦ୍ୱାରା ଗତ ତିନି ବର୍ଷରେ ୪୦ଟନ୍ ''ମୋ ଖତ'' ବାହାରିଥିଲା। ଏହି ମୋ ଖତ ବାବଦରେ ୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ସରକାରୀ ବିଭାଗ ଯଥା କୃଷି, ଉଦ୍ୟାନ, ବନ, ବ୍ଲକ ସହ ବିଭିନ୍ନ ନର୍ସରୀରେ ବିକ୍ରୀ କରାଯାଇଥିବା ଉଭୟ କହିଛନ୍ତି। ଏନଜିଟିର ନିର୍ଦ୍ଦେଶ ଅନୁଯାୟୀ ମକାପୁଟ ମୁଖ୍ୟଡମ୍ପିଂୟାର୍ଡ ସହ ସବୁ ଡମ୍ପିଂୟାର୍ଡକୁ ବନ୍ଦ କରାଯିବ। ସହରରୁ ସଂଗ୍ରହ କରାଯାଉଥିବା ମଇଳାକୁ ତୁରନ୍ତ ଏମଆରଏଫ୍‌ଓ ଏମସିସି ୟୁନିଟ୍ରେ ପକାଇବା ସହ ବାଇଓ ମାଇନିଂ କରାଯିବ ବୋଲି କହିଛନ୍ତି । ଡ୍ରୋନ ରିପୋର୍ଟ ସଂପୂର୍ଣ୍ଣ ଆସିବା ପରେ ୩ଏକର ଜମିରେ କେତେ ପରିମାଣର ମଇଳା ଜମା ହୋଇ ରହିଛି ତାହାକୁ ତର୍ଜମା କରି ୫୦ହଜାର ମେଟ୍ରୀକ ଟନ୍ ରହିଥିଲେ ମିଶନଶକ୍ତି ଯୋଜନା ଦ୍ୱାରା ମହିଳା ଏସଏଚଜିଙ୍କୁ ଏହି କାମ ଦିଆଯିବ। ଯଦି ଏହାର ପରିମାଣ ଅଧିକା ରହିଥିଲେ ଟେଣ୍ଡର କରି କୌଣସି ଠିକା ସଂସ୍ଥାକୁ ଏହି କାମ ଦିଆଯିବ ବୋଲି କହିଛନ୍ତି ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ଓ ସାନିଟାରୀ ଏକ୍ସପାର୍ଟ।

# ମାଈ ଭାଲୁ ଆତଙ୍କ: ଗ୍ରାମବାସୀ ଆତଙ୍କିତ

ଜୟପୁର, ୧୭/୧ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡା, କୁମୁଲିପୁଟ, ବିଜେ-୨ରେ ମାଇ ଭାଲୁ ଆତଙ୍କ ଦେଖାଯାଇଛି । ଗତ କିଛି ଦିନ ହେଲା ୪ଟି ଭାଲୁ ଜଙ୍ଗଲ ଛାଡି ଗାଁ ଭିତରକୁ ଚାଲିଆସିଛନ୍ତି । ଏମାନେ ଗାଁ ଛାଡି ଯାଉ ନାହାନ୍ତି । ଫଳରେ ଗ୍ରାମବାସୀ ଆତଙ୍କିତ ହୋଇ ପଡିଛନ୍ତି । ୪ଟି ଭାଲୁ ମଧ୍ୟରୁ ଗୋଟିଏ ମାଈ ଭାଲୁ ଏବେ ଗାଁ ଛାଡୁ ନଥିବାରୁ ଗ୍ରାମବାସୀ ମାନେ ଭୟଭିତ ହୋଇ ପଡିଛନ୍ତି । ପୂର୍ବରୁ ଚାଷିଙ୍କ ଆଖୁ ବାଡ ନଷ୍ଟ କଲା। ଏବେ ଗାଁକୁ ଲାଗିଥିବା ବାଡକୁ ଆସି ଆହାର ଖୋଜୁଛି ଭାଲୁ । ଗ୍ରାମବାସୀ ଭାଲୁକୁ ଦେଖି ଘଉଡାଇବାରେ ଲାଗି ପଡିଛନ୍ତି । କେତେବେଳେ ଯେ କଣ ଅଘଟଣ ଘଟିବ ତାହା କହି ହେବ ନାହିଁ । ବନ ବିଭାଗ ସଜାଗ ହୋଇ ରହିବା ସହ ଭାଲୁ କିପରି ଜଙ୍ଗଲକୁ ଚାଲିଯିବ ତାହା ଉପରେ ନଜର ରଖିଥିବା ଜଣାଯାଇଛି ।

# ୧୫ ତମ ଯୁବ ଆଦିବାସୀ ଭାବ ବିନିମୟ କାର୍ଯ୍ୟକ୍ରମ ପାଇଁ କନ୍ଧମାଳ ଦଳର କେରଳ ଅଭିମୁଖେ ଯାତ୍ରା

କନ୍ଧମାଳ, ୧୭/୧ (ନି.ପ୍ର): ଫୁଲବାଣୀ ସ୍ଥାନୀୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସଭାଗୃହ ଠାରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ୧୫ ତମ ଯୁବ ଆଦିବାସୀ ଭାବ ବିନିମୟ କାର୍ଯ୍ୟକ୍ରମ ପାଇଁ କନ୍ଧମାଳ ଦଳ କେରଳ ଅଭିମୁଖେ ଯାତ୍ରା କରିଛନ୍ତି। ଅନୁଷ୍ଠିତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର୍ ବାଣୁଆ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଲେଖକ ସାମ୍ମୁଖ୍ୟର ସଭାପତି ରବିନ୍ଦ୍ର ନାଥ ମିଶ୍ର, ଶିଶୁ ସୁରକ୍ଷା ସମିତି ସଦସ୍ୟ, ପ୍ରଫେସର ପ୍ରସନ୍ନ ବିଶୋଇ ଏବଂ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ର ଜିଲ୍ଲା ଯୁବ ଅଧିକାରୀ ନ୍ୱନୀତ କୁମାର ସହକର୍ମୀ ସତ୍ୟବାନ୍ ଦଳବେହେରା ପ୍ରମୁଖ ଯୋଗଦେଇ ଅନୁଷ୍ଠିତ କାର୍ଯକ୍ରମ ବିଷୟରେ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। କେରଳ ଠାରେ ଅନୁଷ୍ଠିତ ହେଉଥିବା ଏହି କାର୍ଯକ୍ରମ ପାଇଁ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ୨୦ ଜଣ ଆଦିବାସୀ ଯୁବକ ଯୁବତୀ ଯାତ୍ରା କରୁଛନ୍ତି। ତା ସହିତ ଏସକର୍ଟ ଭାବରେ ୧୨୭ ସିଆରପିଏଫ୍ ବାଟାଲିୟନ ବାଲିଗୁଡ଼ାର ସୁନି ବି., କୁମୁଦିନୀ ସାହୁ ଯାତ୍ରା କରୁଛନ୍ତି।
ଏହି କାର୍ଯ୍ୟକ୍ରମ ଚଳିତ ମାସ ୨୦ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ କେରଳ ଠାରେ ଅନୁଷ୍ଠିତ ହେବ। ମୂଖ୍ୟ ଅତିଥି ଅନୁଷ୍ଠିତ କାର୍ଯକ୍ରମର ମୁଖ୍ୟ ଲକ୍ଷ୍ୟ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଥିବା ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ। ବୈଠକରେ ନେହେରୁ ଯୁବକେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ୍ ଦଳବେହେରା ମୂଖ୍ୟ ଅତିଥି, ସମ୍ମାନିତ ଅତିଥି ଏବଂ ଉପସ୍ଥିତ ଥିବା ପ୍ରତିଯୋଗୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ସ୍ୱେଚ୍ଛାସେବୀ ଚନ୍ଦ୍ରମୋଣି ଦେହୁରୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଶୁଣିଲାନି ପ୍ରଶାସନ: ପାହାଡ଼ କାଟି ରାସ୍ତା ନିର୍ମାଣକଲେ ଗ୍ରାମବାସୀ

ମାଲକାନଗିରି, ୧୭/୧ (ନି.ପ୍ର): ବାରମ୍ବାର ଗୁହାରି ପରେ ବି ଶୁଣିଲାନି ପ୍ରଶାସନ। ଶେଷରେ ଗ୍ରାମବାସୀ ମିଳିତ ଭାବେ ପାହାଡ଼ କାଟି ରାସ୍ତା ନିର୍ମାଣ କରିଛନ୍ତି। ପ୍ରଶାସନ ଉପରେ ଭରସା ନ କରି ଏଭଳି ପଦକ୍ଷେପ ନେଇଛନ୍ତି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳ ଅଧୀନସ୍ଥ ଯନ୍ତ୍ରୀ ପଂଚାୟତର ଅଲଂପଡ଼ା ଗ୍ରାମବାସୀ । ବ୍ଲକ କାର୍ଯ୍ୟାଳୟରୁ ୮୦କିଲୋମିଟର ଓ ପଂଚାୟତ କାର୍ଯ୍ୟାଳୟରୁ ୧୦ କିଲୋମିଟର ଦୂରରେ ଥିବା ଅଲଂପଡ଼ା ଗାଁରେ ମୋଟ ୧୮ଟି ପରିବାର ବସବାସ କରୁଛନ୍ତି ଗାଁକୁ ପକ୍କା ରାସ୍ତା ନ ଥିବାରୁ ବହୁ ବର୍ଷ ହେଲା ଏହି ଗ୍ରାମବାସୀ ଦୁର୍ବିଷହ ଜୀବନ ବିତାଉଥିଲେ । ଗାଁରେ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ଜନପ୍ରତିନିଧିଙ୍କ ପାଦ ପଡୁନଥିବାରୁ ଗାଁର ବିକାଶ ହୋଇପାରୁନି। ଗୁରୁପ୍ରିୟା ସେତୁ ନିର୍ମାଣ ହେବା ପରେ ଗାଁରେ ସମସ୍ତ ସରକାରୀ ଯୋଜନା ପହଂଚିବ ବୋଲି ଗ୍ରାମବାସୀ ଆଶା ବାନ୍ଧିଥିଲେ । କିନ୍ତୁ ତାହା ବି ପୂରଣ ହୋଇପାରିନି। ପାହାଡ଼ ଘେରାରେ ଥିବା ଏହି ଗାଁକୁ ପକ୍କା ରାସ୍ତା ନ ଥିବାରୁ ଯାତାୟାତ ସମୟରେ ଗ୍ରାମବାସୀ ହଇରାଣ ହେଉଥିଲେ! ଗାଁ କୁ ଗୋଟେ ଭଲ ରାସ୍ତା ନିର୍ମାଣ ପାଇଁ ଜନପ୍ରତିନିଧିଙ୍କୁ ଗୁହାରି କରିବା ପରେମଧ୍ୟ କେହି ଏଥିପ୍ରତି କର୍ଣ୍ଣ ପାତ କଲେନି। ତେଣୁ ବାଧ୍ୟ ହୋଇ ଗ୍ରାମବାସୀ ଏକତ୍ରିତ ହୋଇ ରାସ୍ତା ନିର୍ମାଣ କରିବା ପାଇଁ ମନସ୍ଥ କରି ସମସ୍ତ ପରିବାରର ଜଣେ ଲେଖାଏଁ ସଦସ୍ୟ ପ୍ରତିଦି ପାହାଡ଼ କାଟି ରାସ୍ତା ତିଆରି କରୁଛନ୍ତି। କୋଦାଳ ଓ ଶାବଳ ରେ ପାହାଡ଼ ଖୋଳି ଗାଁକୁ ରାସ୍ତା ସଂଯୋଗ କରିବାରେ ବ୍ୟସ୍ତ ରହିଛନ୍ତି ସମସ୍ତେ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗାଁକୁ ରାସ୍ତା ନଥିବାରୁ କୌଣସି ସରକାରୀ ସୁବିଧା ମିଳିପାରୁନି। ଏପରିକି ଗାଁର କେହି ବି ଆବାସ ଯୋଜନାରେ ଘର ନିର୍ମାଣ କରିପାରୁନାହାନ୍ତି । ବହୁ ବର୍ଷ ଗ୍ରାମବାସୀ ଦୁର୍ବିଷହ ଜୀବନ ବିତାଉଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ତେଣୁ ବାଧ୍ୟ ହୋଇ ପାହାଡ଼ କାଟି ରାସ୍ତା କରୁଥିବା ଗ୍ରାମବାସୀ କହିଛନ୍ତି।

# ସଙ୍କଟରେ ପକ୍ଷୀ ବଂଶ: ଦେଶର ୧୭୮ ଓ ଓଡ଼ିଶାର ୧୯ ପ୍ରଜାତି ପ୍ରତି ବିପଦ

ଭୁବନେଶ୍ୱର, ୧୭/୧ (ନି.ପ୍ର): ଜଳବାୟୁ ପରିବର୍ତ୍ତନ ହେଉ ଅଥବା ସହରୀକରଣର ପ୍ରଭାବ। ପକ୍ଷୀଙ୍କ ପାଇଁ ବିପଦ ବଢ଼ି ବଢ଼ି ଚାଲିଛି। ଦିନେ ସକାଳ ହେବା କ୍ଷଣି ପକ୍ଷୀଙ୍କ କଳରବରେ ଉଚ୍ଛୁଳି ପଡୁଥିବା ପରିବେଶ ଆଉ ନାହିଁ। ସହରରୁ ଗୋଟିଏ ପରେ ଗୋଟିଏ ପ୍ରଜାତିର ପକ୍ଷୀ ବିଲୁପ୍ତ ହେଲେଣି। ଶାଗୁଣା ବଂଶ ଲୋପ ପାଇବାକୁ ବସିଲାଣି। ବାଇ ଚଢ଼େଇ ଏବେ କାଁ ଭାଁ ଦେଖିବାକୁ ମିଳୁଛି। ଘଞ୍ଚ ଜଙ୍ଗଲ ସମେତ ଗାଁ ଗହଳିରେ ପକ୍ଷୀଙ୍କ ଉପସ୍ଥିତି କିଛିଟା ଆଶ୍ୱସ୍ତି ଆଣିଦେଇଛି ସତ, ମାତ୍ର ତିନି ଦଶନ୍ଧି ମଧ୍ୟରେ ପ୍ରାୟ ୬୦% ପ୍ରଜାତିର ପକ୍ଷୀଙ୍କ ସଂଖ୍ୟା ହ୍ରାସ, ପକ୍ଷୀପ୍ରେମୀଙ୍କୁ ଚିନ୍ତାରେ ପକାଇଛି। ଦେଶର ପାଖାପାଖି ୧୭୮ ପ୍ରଜାତି ପକ୍ଷୀଙ୍କ ସଂରକ୍ଷଣ କରିବା ଆବଶ୍ୟକ ହୋଇପଡ଼ିଛି। ଏ ମଧ୍ୟରେ ଓଡ଼ିଶାର ୧୯ଟି ବିଲୁପ୍ତପ୍ରାୟ ପ୍ରଜାତି ଅଛନ୍ତି। ଚଳିତବର୍ଷ ପକ୍ଷୀଗଣନା ସମୟରେ ଓଡ଼ିଶାର ବିଭିନ୍ନ ଜଳାଶୟରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ଯେତିକି ଖୁସି ଦେଇଛି, ପରିବେଶ ପ୍ରଦୂଷଣ, ଜଙ୍ଗଲ କ୍ଷୟ, ବୈ?ଦ୍ୟୁତିକ ଭିତ୍ତିଭୂମି ବିକାଶ, ସହରୀକରଣ ବହୁ ପ୍ରଜାତିଙ୍କ ପାଇଁ ବିପଦ ସୃଷ୍ଟି କରିଛି। ବର୍ଷର କ୍ୟାଲେଣ୍ଡର ବଦଳିବା ପରି ଓଡ଼ିଶାରୁ ଗୋଟିଏ ପରେ ଗୋଟିଏ ପ୍ରଜାତି ଉଭାନ ହେବା ଏବେ ଚିନ୍ତାର କାରଣ। ପିଙ୍କ୍ ହେଡେଡ୍ ଡକ୍ ଓ ଶାଗୁଣା ଓଡ଼ିଶାରୁ ଲୋପ ପାଇଯାଇଛନ୍ତି। ଘରଚଟିଆ, ବଣି ଚଢ଼େଇ, ଏରା ପରି ପକ୍ଷୀଙ୍କ ସଂଖ୍ୟା କମିବାରେ ଲାଗିଛି। ସହରାଞ୍ଚଳରେ କାଉଙ୍କ ସଂଖ୍ୟା ମଧ୍ୟ କମୁଛି। ଓଡ଼ିଶାରେ ବିଭିନ୍ନ ସମୟରେ ଦେଖାଯାଉଥିବା ସ୍କିମର ଓ ଭାରତରେ ଦେଖାଯାଉଥିବା ଗ୍ରେଟର ବୁଷ୍ଟାଡ୍, ବେଙ୍ଗଲ୍ ଫ୍ଲୋରିକାନ୍, ଗ୍ରେଟର ଆଡ୍‌ଜୁଟାଣ୍ଟ୍ ପରି ପକ୍ଷୀଙ୍କ ସଂଖ୍ୟା ମଧ୍ୟ କମୁଛି। ଶୀତ ଋତୁରେ ଚିଲିକା, ଭିତରକନିକା, ଅଂଶୁପା, ହୀରାକୁଦ ପରି ଜଳାଶୟକୁ ଆସୁଥିବା କିଛି ପ୍ରଜାତିର ପକ୍ଷୀଙ୍କୁ ଏବେ ଆଉ ଦେଖିବାକୁ ମିଳୁନି। ନୂଆ ନୂଆ ପ୍ରଜାତିର ଆସୁଥିବା ପକ୍ଷୀଗଣନା ରିପୋର୍ଟ ପରେ ଜଣାପଡ଼ିଛି। ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ଦେଶର ୧୭୮ ପ୍ରଜାତିର ପକ୍ଷୀଙ୍କ ସଂରକ୍ଷଣ ଜରୁରି ହୋଇପଡ଼ିଛି। ସେଗୁଡ଼ିକୁ ଚିହ୍ନଟ କରାଯିବା ସହ କିଭଳି ଭାବେ ସଂରକ୍ଷଣ କରାଯାଇପାରିବ ସେ ଦିଗରେ ପଦକ୍ଷେପ ହାତକୁ ନିଆଯାଉଛି। ଓଡ଼ିଶାର ବିଭିନ୍ନ ଜଳାଶୟକୁ ଆସୁଥିବା ବିଦେଶାଗତ ପକ୍ଷୀ ଓ ସେମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ, ପକ୍ଷୀ ସୁରକ୍ଷା ଟେଣ୍ଟ୍, ବୋଟ୍ ସ୍କ୍ୱାଡ୍, ଶିକାର ନିରୋଧ ସ୍କ୍ୱାଡ୍ ମୁତୟନ, ପକ୍ଷୀ ସୁରକ୍ଷା ସମିତିଗୁଡ଼ିକର ସହଯୋଗରେ ସଚେତନତା କାର୍ଯ୍ୟକ୍ରମ, ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଲାଇନ୍‌ରେ ଡିଫ୍ଲେକ୍ଟର ଲଗାଇବା ବ୍ୟବସ୍ଥା ହୋଇଛି। ବିଲୁପ୍ତ ପ୍ରାୟ ଶାଗୁଣା ପକ୍ଷୀଙ୍କ କୃତ୍ରିମ ପ୍ରଜନନ କରାଯାଉଛି। ଏହାବ୍ୟତୀତ ପଶ୍ଚିମ ଘାଟରେ ଦେଖାଯାଉଥିବା ପକ୍ଷୀ ପ୍ରଜାତିଙ୍କ ସଂଖ୍ୟା ଗତ କିଛି ଦଶନ୍ଧିରେ ହ୍ରାସ ପାଉଛି। ତେବେ ମୟୂର ଓ କପୋତ ଭଳି ପ୍ରଜାତିଙ୍କ ବୃଦ୍ଧି ଦେଖିବାକୁ ମିଳିଛି। ପକ୍ଷୀ ବିଶେଷଜ୍ଞ ଉମାଶଙ୍କର ବିଶ୍ୱାଳଙ୍କ କହିବା କଥା ହେଉଛି ଜଳବାୟୁ ପରିବର୍ତ୍ତନ ଏବେ ପକ୍ଷୀଙ୍କ ପାଇଁ ବଡ଼ ସଙ୍କଟ ସୃଷ୍ଟି ହୋଇଛି। ସେମାନଙ୍କ ପ୍ରାକୃତିକ ବାସସ୍ଥଳୀ ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛି। ଗତ କିଛି ଦଶନ୍ଧି ମଧ୍ୟରେ ସହରୀକରଣ ବୃଦ୍ଧି, ଜଙ୍ଗଲ କ୍ଷୟ, ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ଯୋଗୁଁ ସେମାନଙ୍କ ବାସସ୍ଥାନ ନଷ୍ଟ ହେଉଛି। ଖାଦ୍ୟ ଅଭାବ ପରିଲକ୍ଷିତ ହେଉଛି। ଉଦାହରଣ ଭାବେ ବଣି ଚଢ଼େଇ ଓ ଘରଚଟିଆଙ୍କୁ ନିଆଯାଇପାରେ। ବଣି ଚଢ଼େଇଙ୍କୁ ଆଉ ଗୋବର ପୋକ ଖାଇବାକୁ ମିଳୁନି। ଘରଚଟିଆଙ୍କୁ ଖାଦ୍ୟଶସ୍ୟର ଅଭାବ ହେଉଛି। ଯେଉଁଠି ଖାଦ୍ୟ ମିଳୁଛି ସେଠାରେ ସେମାନଙ୍କ ଉପସ୍ଥିତି ରହିଛି। ଯିଏ ଯେଉଁ ପରିବେଶରେ ରହିବା କଥା ତାହା ହୋଇପାରୁ ନ ଥିବାରୁ ଏବେ ପକ୍ଷୀଙ୍କ ପାଇଁ ସଙ୍କଟ ଦେଖାଦେଇଛି। ଏଦିଗରେ ମିଳିତ ଭାବେ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ଦେଶର ୧୩ଟି ସରକାରୀ ଓ ଅଣ-ସରକାରୀ ସଂସ୍ଥାଙ୍କ ଦ୍ୱାରା କିଛି ମାସ ତଳେ ୩୩୮ ପ୍ରଜାତି ପକ୍ଷୀଙ୍କୁ ନେଇ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି ଯେ ୨୦୪ ପ୍ରଜାତି ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଉଛି। ୯୮ ପ୍ରଜାତିର ପକ୍ଷୀ ସଂଖ୍ୟା ସ୍ଥିର ଓ ଅନ୍ୟ ୩୬ ପ୍ରଜାତିର ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଛି। ନର୍ଦନ ସୋଭ୍‌ଲର, ନର୍ଦନ ପିନ୍‌ଟେଲ୍, କମନ୍ ଟିଲ୍, ଟଫଟ୍ଟେଡ ଡକ୍, ଗ୍ରେଟର ଫ୍ଲାମିଂଗୋ, ସାରସ୍ କ୍ରେନ୍, ଇଣ୍ଡିଆନ୍ କର୍ସର ପରି ପ୍ରଜାତିଙ୍କ ପ୍ରତି ଅଧିକ ବିପଦ ସୃଷ୍ଟି ହୋଇଛି। ସେମାନଙ୍କ ସଂରକ୍ଷଣ ଅତ୍ୟନ୍ତ ଜରୁରି ହୋଇପଡ଼ିଛି। ଦେଶରେ ଗୁରୁତର ବିଲୁପ୍ତପ୍ରାୟ ପ୍ରଜାତିର ପକ୍ଷୀଙ୍କ ସଂରକ୍ଷଣ କରିବାକୁ ଜରୁରିକାଳୀନ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଥିବା ସମ୍ପୃକ୍ତ ସଂସ୍ଥା ପରାମର୍ଶ ଦେଇଛି। ତୃଣଭୂମି ତଥା ଅନ୍ୟାନ୍ୟ ଖୋଲା ବାସସ୍ଥାନ, ଆର୍ଦ୍ରଭୂମି ଓ ଜଙ୍ଗଲରେ ବସବାସ କରୁଥିବା ପକ୍ଷୀଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଛି।

# ବ୍ୟାସକବି ଫକୀରମୋହନ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର, ୧୭/୧ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ବ୍ୟାସକବି ଫକୀରମୋହନ ସେନାପତିଙ୍କର ୧୮୨ତମ ଜୟନ୍ତୀର ଚତୁର୍ଥ ଦିବସର ପୂର୍ବାହ୍ଣ ୧୦ଟାରେ ଆୟୋଜିତ ହୋଇଥିଲା ଉଦ୍‌ଯାପନୀ ଉତ୍ସବ। ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅତିଥି ଭାବରେ ବରିଷ୍ଠ ସାହିତ୍ୟ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ବିଶିଷ୍ଟ ଭେଷଜ ବିଶେଷଜ୍ଞ ଓ ସାରସ୍ୱତ ସାଧକ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ରାଜନୀତିଜ୍ଞ ଓ ସମାଜସେବୀ ନବଜ୍ୟୋତି ପଟ୍ଟନାୟକ, ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସ ପ୍ରମୁଖ ଯୋଗଦେଇ ଫକୀରମୋହନ ସାହିତ୍ୟ ପରିଷଦର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହ ଫକୀରମୋହନଙ୍କ ହିଁ ସମାଜର ସବୁ ସ୍ତରର ବ୍ୟକ୍ତିବିଶେଷଙ୍କ ପ୍ରେରଣାର ଉତ୍ସ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏ ଅବସରରେ କଲ୍ୟାଣୀ ନନ୍ଦଙ୍କ ରଚନା ଓ ସ୍ୱର ସଂଯୋଜନାରେ ସ୍ନିଗ୍ଧା ସମାନ୍ତରାୟ, ସୁସ୍ମିତା ପଣ୍ଡା, ସନ୍ତୋଷୀ ପଣ୍ଡା, ଜ୍ୟୋତ୍ସ୍ନା ରାୟ, ସୁବ୍ରତା ମହାନ୍ତି, ତୃପ୍ତିରାଣୀ ପାତ୍ର, ପୁଷ୍ପଲତା ଚକ୍ରବର୍ତ୍ତୀ ଓ ତାନଶ୍ରୀ ପାଣିଗ୍ରାହୀ ସମବେତ ସଙ୍ଗୀତ ଗାନ କରିଥିଲେ ଓ ଗୁରୁ ଲକ୍ଷ୍ମୀଧର ଜେନା ଯନ୍ତ୍ରାଂଶରେ ସହଯୋଗ କରିଥିଲେ। କାର୍ଯ୍ୟନିର୍ବାହୀ ସଦସ୍ୟ ରାଜେଶ ଗିରି ଅତିଥିମାନଙ୍କୁ ମଂଚ ଆବାହନ କରିଥିବାବେଳେ ସଂପାଦକ ଦୀପକ ବୋଷ ଶେଷକଥା ରଖିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ଫକୀରମୋହନଙ୍କ ସଂଗୀତ ଗାନ କରି ଉପସ୍ଥିତ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରାଯାଇଥିଲା। ପରିଷଦ ତରଫରୁ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ତଥା ପରିଷଦର ପାଠାଗାର କାର୍ଯ୍ୟରେ ଅକୁଣ୍ଠ ସହଯୋଗ କରିଥିବା ବରିଷ୍ଠ ସଦସ୍ୟା ଉର୍ମିଳା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ସମବେତ ଯନ୍ତ୍ରସଂଗୀତ ବାଦନ ପାଇଁ ଗୁରୁ ନନ୍ଦକିଶୋର ଦାସ, ହରପ୍ରସନ୍ନ ରାଉତ, ଜିତେନ୍ଦ୍ର ସାହୁ, ସଂଗ୍ରାମ କେଶରୀ ଗିରି ଓ ବରଦାକାନ୍ତ ବାରିକଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅପରାହ୍ଣରେ ଅତିଥିମାନଙ୍କ ଦ୍ୱାରା ପରିଷଦର ଧ୍ୱଜାବତରଣ କରାଯାଇଥିଲା। ସନ୍ଧ୍ୟାରେ କଣ୍ଠଶିଳ୍ପୀ ଦେବାଶିଷ ମହାନ୍ତି ଅକ୍ଷୟ ସଂଗୀତ ପରିବେଷଣ କରିଥିଲେ ଏବଂ ସାଧନା ଶିକ୍ଷା ପରିଷଦ ପ୍ରାୟୋଜିତ ତଥା ବିଦ୍ୟାଧର ସାହୁଙ୍କ ରଚନା ଓ ଗୋପବନ୍ଧୁ ପୁଷ୍ଟିଙ୍କ ନିର୍ଦ୍ଦେଶନାରେ ନାଟକ 'ପିତୃପୂଜା' ମଂଚସ୍ଥ ହୋଇଥିଲା। ପରିଷଦର କୋଷାଧ୍ୟକ୍ଷ ତପନ ରାୟ ଓ ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନୂଆ ଓ ବିଶ୍ୱ ଓଡ଼ିଆ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



ବାସୁଦେବପୁର, ୧୭/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡା ଉତ୍କଳ ମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ରେ ନୂଆ ଓ ବିଶ୍ୱ ଓଡ଼ିଆ ସମ୍ମିଳନୀ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀ ଆସନ୍ତା ଜାନୁଆରୀ ୧୮ ତାରିଖରେ ଉଦଘାଟନ ହେବ ଓ ୨୪ ତାରିଖରେ ଉଦଯାପିତ ହେବ । ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଓ ପାଠ ଚକ୍ର ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଅନୁଷ୍ଠିତ ହେବ । ଏହି ପ୍ରସ୍ତୁତି ବୈଠକ ରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତ ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ । ବରିଷ୍ଠ ଅଧ୍ୟାପକ ବେଣୁଧର ପରିଡ଼ା, ଅଧ୍ୟାପକ ବ୍ରଜ ମୋହନ ଦାଶ, ଅଧ୍ୟାପିକା ସ୍ୱର୍ଣ୍ଣ ପ୍ରଭା ମହାପାତ୍ର, ସସ୍ମିତା ଦାସ, ମଞ୍ଜୁଳା ପ୍ରଭା ପଣ୍ଡା, କାନ୍ତା ରାଣୀ ଦାସ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ଶିକ୍ଷା କର୍ମଚାରୀ ଜଗବନ୍ଧୁ ପଣ୍ଡା, ରମାକାନ୍ତ ଶଙ୍ଖୁଆ, ଭଗବାନ ଚନ୍ଦ୍ର ଲେଙ୍କା, ଜିତେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ସ୍ୱନକ୍ଷତ୍ର ଉତ୍ସବ

## ଶମ୍ଭୁନାଥ ଯାଦବ 'ଶିକ୍ଷା ସାରଥୀ:୨୦୨୪' ସମ୍ମାନରେ ସମ୍ମାନିତ




ଭୁବନେଶ୍ୱର/ବାଲେଶ୍ୱର, ୧୭/୧ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଗତକାଲି ଏକ ବର୍ଣ୍ଣାଢ୍ୟ ପରିବେଶରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ପକ୍ଷରୁ ୨୧ ତମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ର ଶମ୍ଭୁନାଥ ଯାଦବ ଙ୍କୁ 'ଶିକ୍ଷା ସାରଥୀ -୨୦୨୪' ରେ ସମ୍ମାନିତ କରାଯାଇଥିବା ବେଳେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡଃ ଦେବୀପ୍ରସନ୍ନ ପଟ୍ଟନାୟକ ଙ୍କୁ 'ବିଦ୍ୟା ଭୂଷଣ:୨୦୨୪' ରେ ସମ୍ମାନିତ କରାଯାଇଛି। ସଂସ୍ଥାନ ର ରାଜ୍ୟ ସଭାପତି ଡ଼ଃ ପ୍ରଶନ୍ନ କୁମାର ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ରାଜ୍ୟସଭା ସାଂସଦ ପ୍ରଶାନ୍ତ ନନ୍ଦ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଡଃ ଇଲିଆନା ସିତାରିଷ୍ଟୀ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ତଥା ଆନ୍ଧ୍ରା ବିଶ୍ୱବିଦ୍ୟାଳୟ ର କୁଳପତି ପଦ୍ମଶ୍ରୀ ଡଃ ଦେବୀପ୍ରସନ୍ନ ପଟ୍ଟନାୟକ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ରାଷ୍ଟ୍ରୀୟ ପ୍ରଚାରକ ସ୍ୱାମୀ ସତ୍ୟାନନ୍ଦ ଦାସ ମହାରାଜ ପ୍ରମୁଖ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲା ବେଳେ ସଂସ୍ଥାନ ର ରାଜ୍ୟ ସାଧାରଣ ସଂପାଦକ ଡଃ କରୁଣାକର ପ୍ରଧାନ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ।ଶିକ୍ଷା ସାରଥୀ-୨୦୨୪ ସମ୍ମାନ ପାଇଥିବା ଶ୍ରୀ ଯାଦବ ଙ୍କୁ ବାଲେଶ୍ୱର ଜିଲ୍ଲା ଏବଂ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ ଶିକ୍ଷାବିତ୍, ସମାଜସେବୀ,ସଂଗଠକ ଓ ଅନେକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

# ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ଉପଲକ୍ଷେ 'ଜଗବଂଧୁ ହେ ଜଗନ୍ନାଥ'



ବାଲେଶ୍ୱର, ୧୭/୧ (ନି.ପ୍ର): ପୁରୀଠାରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଶୁଭ ଲୋକାର୍ପଣ ଉପଲକ୍ଷେ ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଓ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ମିଳିତ ଆନୁକୁଲ୍ୟରେ ଓଡ଼ିଶାର ୩୦ଗୋଟି ଜିଲ୍ଲାରେ ଆଜି ସଂଧ୍ୟା ଘ ୬.୩୦ମି ସମୟରେ ଏକ ସଂଗେ ୩୦ଟି ଜଗନ୍ନାଥ ସଂସ୍କୃତି ଉପରେ ଆଧାରିକ ନାଟକ ମଞ୍ଚସ୍ଥ ହେଉଛି । ଏହିକ୍ରମରେ ବାଲେଶ୍ୱରର ଗାନ୍ଧିସ୍ମୃତି ଭବନଠାରେ ବାଲେଶ୍ୱରର ଅଗ୍ରଣୀ ନାଟ୍ୟ ସଂସ୍ଥା 'ସ୍ରଷ୍ଟା' ମଞ୍ଚସ୍ଥ କରୁଛି ତା'ର ବହୁ ଚର୍ଚିତ ନାଟକ "ଜଗବଂଧୁ ହେ ଜଗନ୍ନାଥ" । ଯାହାର ନାଟ୍ୟକାର ଓ ନିର୍ଦ୍ଦେଶକ ହେମେନ୍ଦ୍ର ମହାପାତ୍ର । ଏହି ଉତ୍ସବକୁ ପାରଂପାରିକ ରୀତିରେ ଉଦ୍‌ଘାଟନ କରୁଛନ୍ତି ବାଲେଶ୍ୱରର ଲୋକପ୍ରିୟ ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ । ସଭାପତିତ୍ୱ କରିବେ ସ୍ରଷ୍ଟାର ସଭାପତି ଶ୍ରୀ ଆଲୋକ କୁମାର ସାହୁ । ଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱରେ ଆଧ୍ୟାତ୍ମିକତା ଓ ଜନଜୀବନକୁ ସୁଶୃଙ୍ଖଳିତ ଓ ପରିମାର୍ଜିତ କରିବା ପାଇଁ ସର୍ବପରି ଉଦିଷ୍ଟ ଏହି ସଂସ୍କୃତିକୁ ଧ୍ୱସ୍ତ ବିଧ୍ୱସ୍ତ କରିବାପାଇଁ ବାରମ୍ବାର ଆକ୍ରମଣ ହୋଇଅଛି, ତଥାପି ଏ ସଂସ୍କୃତି ସହସ୍ର ବର୍ଷଧରି ସମଗ୍ର ବିଶ୍ୱକୁ ସାମ୍ୟବାଦ, ମାନବବାଦ ଓ ଆଧ୍ୟାତ୍ମବାଦରେ ପ୍ରଭାବିତ କରୁଛି ଏହି ବାର୍ତ୍ତାକୁ ନେଇ ନାଟକ 'ଜଗବଂଧୁ ହେ ଜଗନ୍ନାଥ'ର ପରିକଳ୍ପନା । ଏହିନାଟକରେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ନନ୍ଦ କିଶୋର ଦାସ, ସହାୟତା କରିଛନ୍ତି ଅଜିତାନନ୍ଦ ଦେବ ଗୋସ୍ୱାମୀ, କଣ୍ଠ ଦାନ କରିଛନ୍ତି ଶ୍ରୀ ଭାସ୍କର ଚନ୍ଦ୍ର ଖୁଲାର, ଆଲୋକ ସଂପାତ କରିଛନ୍ତି ଜେନା ଇଲେକ୍ଟ୍ରିକାଲ୍‌ର ଶ୍ରୀ ରବିନାରାୟଣ ଜେନା, ମଞ୍ଚ ସଜ୍ଜା ସନ୍ତୋଷ କମିଲା । ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି - ସଂଗ୍ରାମ କେଶରୀ ମହାନ୍ତି, ରତିକାନ୍ତ ମଲ୍ଲିକ୍, ସୁଲଳିତ୍ କର, ଅଜିତ୍ ପଣ୍ଡା, ରଶ୍ମିରଂଜନ ଦାସ, ପ୍ରଦୀପ ଶତପଥୀ, ଦିବାକର ମହାନ୍ତି, ଶାମରାଇ କର, ସୁମନୀ ପରିଡ଼ା, ମାମା ମିଶ୍ର । ମଞ୍ଚ ସହଯୋଗୀତା କରୁଛନ୍ତି : ମନୋରଂଜନ ଦାସ, ଗୌରୀଶଙ୍କର ସାହାଣୀ ଓ ଗିରିଜା ଶଙ୍କର କର ।

# ପଦ୍ମ ଜ୍ୟୋତିଷ ପଣ୍ଡିତ ଭବାନୀ ଶଙ୍କର ଆଚାର୍ଯ୍ୟଙ୍କୁ ଶ୍ରେଷ୍ଠ ଜ୍ୟୋତିଷ ଏବଂ ବାସ୍ତୁ ରତ୍ନ ସମ୍ମାନରେ ସମ୍ମାନିତ




ଜଳେଶ୍ୱର, ୧୭/୧ (ନି.ପ୍ର): ୧୭ ତମ ଏସିୟାନ୍ ଏଷ୍ଟ୍ରୋଲୋଜର କନଫାରେନ୍ସ - ୨୦୨୪ର ଭୁବନେଶ୍ୱର ଭୃଗୁ ଜ୍ୟୋତିଷ ସନ୍ଧାନ ଆନୁକୂଲ୍ୟରେ ୨ୟ ଦିବସୀୟ ବ୍ୟାପୀ ଜ୍ୟୋତିଷ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଏସିଆ ମହାଦେଶର କୋଣ ଅନୁକୋଣରୁ ଜ୍ୟୋତିଷ, ବାସ୍ତୁବିତ୍, ତନ୍ତ୍ରଶାସ୍ତ୍ର ବିତ, ଯୋଗବିତ୍ ରେଖାବିତ ବହୁ ମାତ୍ରାରେ ଯୋଗଦାନ କରିଥିଲେ । ସମ୍ମିଳନୀରେ ଜ୍ୟୋତିଷ ଶାସ୍ତ୍ର ବିଷୟରେ ଆଲୋଚନା ପ୍ରତ୍ୟାଲୋଚନା ହୋଇଥିଲା । ଉକ୍ତ ସମ୍ମିଳନୀରେ ଜଳେଶ୍ୱର ଅଞ୍ଚଳର କୁଣ୍ଡଳୀଚକ ଗ୍ରାମର ପଦ୍ମ ଜ୍ୟୋତିଷ ପଣ୍ଡିତ ଭବାନୀ ଶଙ୍କର ଆଚାର୍ଯ୍ୟଙ୍କୁ ସର୍ବ ଶ୍ରେଷ୍ଠ ଜ୍ୟୋତିଷ ଓ ବାସ୍ତୁ ରତ୍ନ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ପଣ୍ଡିତ ଆଚାର୍ଯ୍ୟ ଯାତକ ବିଚାର ଆଧୁନିକ ଯନ୍ତ୍ର ଦ୍ୱାରା ବାସ୍ତୁ ବିଚାର ବିବାହ ଦଶ ମେଳକ ଅଙ୍କ ଶାସ୍ତ୍ର ପ୍ରଭୃତି ନିପୁଣ ଭାବରେ କରିଥାନ୍ତି । ସେ ବହୁ ସ୍ଥାନରେ ସମ୍ମାନିତ ହୋଇଥିବା ବେଳେ ଜ୍ୟୋତିଷସାଗର ସମ୍ମାନରେ ସମ୍ମାନୀତ ହୋଇଥିଲେ । ଗ୍ରହ ନକ୍ଷତ୍ରଙ୍କ ସ୍ଥିତି ମାଧ୍ୟମରେ ଗଭୀର ଗଣନା କରି ଭବିଷ୍ୟ ବାଣୀ ଦ୍ୱାରା ଭାଗ୍ୟର ପରିବର୍ତ୍ତନ ଆଣିବାର ଏକ ମାଧ୍ୟମ ଅଟନ୍ତି ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଯାପିତ

ବାସୁଦେବପୁର, ୧୭/୧ (ନି.ପ୍ର): ବାସୁଦେବପୁର ପୌର ପାଳିକା ପକ୍ଷରୁ ବାଲି ନଗର ଯାଦବ ପଡିଆ ଠାରେ ଅର୍ପଣ ରଥ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦଯାପିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ । ପୌର ପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, ଉପାଧ୍ୟକ୍ଷ ଉତ୍ତମ ବାରିକ, ସମାଜସେବୀ ଶୁଭେନ୍ଦୁ ଭୂଷଣ ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ମହାପ୍ରଭୁ ଜଗନ୍ନାଥଙ୍କ ଭଜନ କଳାକାର ମାନେ ପରିବେଷଣ କରିଥିଲେ । ବହୁ ଭକ୍ତ ଜନସାଧରଣ ଯୋଗ ଦେଇଥିଲେ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଲୋକାର୍ପିତ ହେଲା...

ସ୍ଥଳକୁ ଯାଇଥିଲେ। ଗଜପତିଙ୍କ ଦ୍ୱାରା ମାଲ୍ୟାର୍ପଣ ଓ ପୂଜାର୍ଚ୍ଚନା ପରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପରିକ୍ରମା ପ୍ରକଳ୍ପ ମାର୍ଗକୁ ଲୋକାର୍ପିତ କରିଥିଲେ ମୁଖ୍ୟମନ୍ତ୍ରୀ। ଏହାପରେ ଗଜପତି ମହାରାଜା ଯଜ୍ଞରେ ପୂର୍ଣ୍ଣାହୂତି ଦେଇଥିଲେ। ତା'ପରେ ହୋଇଥିଲା ପ୍ରଦକ୍ଷଣ କାର୍ଯ୍ୟକ୍ରମ। ଗଜପତି ମହାରାଜାଙ୍କ ସହ ମୁଖ୍ୟମନ୍ତ୍ରୀ ନବ ନିର୍ମିତ ପରିକ୍ରମା ମାର୍ଗକୁ ଚାଲି ଚାଲି ପ୍ରଦକ୍ଷଣ କରିଥିଲେ। ୨୦୨୧ ନଭେମ୍ବର ୨୪ ତାରିଖ। ସେଦିନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ। ଯାହାର ଉଦ୍ଦେଶ୍ୟ- ଶ୍ରୀମନ୍ଦିରର ନିରାପତ୍ତା, ଭକ୍ତ ଓ ତୀର୍ଥଯାତ୍ରୀଙ୍କୁ ମୌଳିକ ସୁବିଧା ପ୍ରଦାନ। ଏଥିସହ ମେଘନାଦ ପ୍ରାଚୀର କଡ଼େ କଡ଼େ ବାହ୍ୟ ପରିକ୍ରମାର ଦିବ୍ୟ ଅନୁଭବ ପ୍ରଦାନ। ସେଥିପାଇଁ ସିଂହଦ୍ୱାରକୁ ଛାଡ଼ି ବାକି ତିନି ଦ୍ୱାରରେ ଭକ୍ତ ଓ ସେବାୟତଙ୍କ ପାଇଁ ଟୟଲେଟ୍, କ୍ଲୋକ୍ ରୁମ୍ ଓ ସେଲଟର ପାଭିଲିଅନ ନିର୍ମାଣ ସହ କ୍ଷତିଗ୍ରସ୍ତ ହେବାକୁ ଥିବା ମନ୍ଦିରସଲଗ୍ନ ଐତିହ୍ୟ ସଂପନ୍ନ ମଠମାନଙ୍କର ପୁନରୁଦ୍ଧାର ଲକ୍ଷ୍ୟ ଥିଲା। ଅନେକ ବାଦବିବାଦ ଓ ବିରୋଧ ଭିତରେ ଶ୍ରୀମନ୍ଦିର ଚୌହଦୀର ୭୫ ମିଟର ପରିଧିରୁ ବାସଚ୍ୟୁତ ହୋଇଥିଲେ ଶତାଧିକ ପରିବାର। ଧରାଶାୟୀ ହୋଇଥିଲା ଅନେକ ହୋଟେଲ ଓ ଲଜ। ଶେଷରେ ଆଜି ଲୋକାର୍ପିତ ହୋଇଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। କେବଳ ପ୍ରକଳ୍ପ ପାଇଁ ୩୩୧ କୋଟି ଖର୍ଚ୍ଚ ହୋଇଥିବା ବେଳେ ଜମି ଅଧିଗ୍ରହଣକୁ ମିଶାଇ ପ୍ରାୟ ୮ଶହ କୋଟି ଏବାବଦରେ ଖର୍ଚ୍ଚ ହୋଇଥିବା ସୂଚନା ରହିଛି।

## ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ...

ଜଳାଧିବାସ, ଶଯ୍ୟାବାସ ଔଷଧିବାସ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ । ୨୨ ତାରିଖ ଦିନ ୧୨ଟାରୁ ୧ଟା ମଧ୍ୟରେ ୪୦ମିନିଟ୍ ଧରି ଅନୁଷ୍ଠିତ ହେବ ରାମ ଲାଲାଙ୍କ ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମ । ପଣ୍ଡିତ ଲକ୍ଷ୍ମୀକାନ୍ତ ଦିକ୍ଷିତଙ୍କ ତତ୍ତ୍ୱାବଧାନରେ ଶୁଭକାର୍ଯ୍ୟ ସମ୍ପାଦିତ ହେବାକୁ ଥିବା ବେଳେ ଏହି ସମୟରେ ଗର୍ଭଗୃହରେ ଉପସ୍ଥିତ ରହିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଆରଏସଏସ ମୁଖ୍ୟ ମୋହନ ଭାଗବତ, ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗି ଆଦିତ୍ୟନାଥ, ନିତ୍ୟ ଗୋପାଳ ଜି ମହାରାଜ ଏବଂ ରାଜ୍ୟପାଳ ଆନନ୍ଦିବେନ ପଟେଲ । ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଭାରତୀୟ ଆଧ୍ୟାତ୍ମିକତା ଜଗତ, ବିବିଧ ଧାର୍ମିକ ପରମ୍ପରା , ଉପାସନା ବ୍ୟବସ୍ଥା ଏବଂ ୧୫୦ରୁ ଅଧିକ ପନ୍ଥିର ସନ୍ଥଙ୍କ ସମେତ ଦେଶର ୫୦ରୁ ଉର୍ଦ୍ଧ୍ୱର୍ ଆଦିବାସୀ, ଗିରିବାସୀ, ଦ୍ୱୀପବାସୀଙ୍କ ପ୍ରତିନିଧି ମଧ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟକ୍ଷ ଭାବେ ଦେଖିବାର ବ୍ୟବସ୍ଥା ମଧ୍ୟ କରାଯାଇଛି ।

## ବାପାଙ୍କ ସହିତ ...

ଗୋଡ଼ାଇ ଯାଇଥିଲା। ଆଉ ତାଙ୍କ ବେକ କାଟି ଯାଇଥିଲା। ରକ୍ତାକ୍ତ ଅବସ୍ଥାରେ ପୁଅକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି। ଶିଶୁପୁତ୍ରର ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗ ଜନକ ରହିଥିବା ଜଣାପଡ଼ିଛି। ସେହିପରି ମୋତିଗଞ୍ଜ ବଜାର ଅଞ୍ଚଳର ହରେନ୍ଦ୍ର ପ୍ରଧାନ ବାଇକ୍‌ରେ ଯାଉଥିବା ବେଳେ ଗୁଡ଼ି ସୂତା ଉଠି ଯାଇ ତାଙ୍କ ବେକରେ ଗୋଡ଼ାଇ ଯାଇଥିଲା। ଫଳରେ ତାଙ୍କ ବେକ ଓ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ସୂଚନାରୁ ପ୍ରକାଶ, ଚୀନ୍‌ର ମାଞ୍ଜା ସୂତା ବହୁତ ଘାତକ। ତେଣୁ ସେହି ସୂତା ବ୍ୟବହାର ନକରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏହା ସତ୍ତ୍ୱେ ଏହି ସୂତା ବଜାରରେ ଖୋଲମ୍‌ଖୋଲା ବିକ୍ରି ହେଉଛି। ଆଉ ସେହି ସୂତାକୁ କିଣି ଲୋକମାନେ ଗୁଡ଼ି ଉଡାଉଥିବା ଦେଖିବାକୁ ମିଳିଛି।

## ମାହାଙ୍ଗା ଡବଲ ...

ପାରିବ ନାହିଁ ବୋଲି ହାଇକୋର୍ଟ ନଭେମ୍ବର ୨ରେ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ୨୦୨୧ ଜାନୁଆରି ୨ ତାରିଖରେ ବିଜେପି ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା ଘଟଣାର ତଦନ୍ତର ଫଳାଫଳ ବିରୋଧରେ ରମାକାନ୍ତ ବରାଳ ସାଲେପୁର ଜେଏମ୍‌ଏଫ୍‌ସି ଅଦାଲତରେ ପ୍ରୋଟେଷ୍ଟ୍ ପିଟିସନ ଦାଖଲ କରିଥିଲେ। ଅଦାଲତ ଏହି ପିଟିସନର ଶୁଣାଣି କରି ଅଧିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫୋନ୍ ବାର୍ତ୍ତାଳାପର ରେକର୍ଡ (ସିଡିଆର) ଯାଞ୍ଚ କରିବାକୁ ଅଦାଲତ କହିଥିଲେ। ଏହାପରେ ପୁଲିସ ପୁଣି ତଦନ୍ତ କରିଥିଲା। କିନ୍ତୁ ଶ୍ରୀ ଜେନାଙ୍କ ବିରୋଧରେ କୌଣସି ପ୍ରମାଣ ମିଳି ନଥିଲା ଓ ପୁଲିସ ଫାଇନାଲ ଫର୍ମ ଦାଖଲ କରିଥିଲା। ଏହାପରେ ପୁଣି ଅଦାଲତରେ ପ୍ରୋଟେଷ୍ଟ୍ ପିଟିସନ ଦାଖଲ କରାଯାଇଥିଲା। ଏହି ପ୍ରୋଟେଷ୍ଟ୍ ପିଟିସନର ଅଦାଲତ ଶୁଣାଣି କରି ଶ୍ରୀ ଜେନାଙ୍କ ବିରୋଧରେ କଗନିଜାନ୍ସ ଗ୍ରହଣ କରିଥିଲେ। ଏହି କଗନିଜାନ୍ସ ନିର୍ଦ୍ଦେଶ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ଜେନାଙ୍କ ଆବେଦନରେ ଦର୍ଶାଯାଇଛି। ଶ୍ରୀ ବରାଳଙ୍କ ତରଫରୁ ଆଇନଜୀବୀ ପି.କେ.ଭୂୟାଁ, ପ୍ରବୀଣ କାନୁନଗୋ ମାମଲା ପରିଚାଳନା କରୁଛନ୍ତି।

## ପାକିସ୍ତାନ ସୀମାରେ...

ଇରାକ ଉପରେ ଆକ୍ରମଣ କରୁଛି । ଇସଲାମିକ ଷ୍ଟେଟକୁ ଟାର୍ଗେଟ କରିଛନ୍ତି । ସିରିଆ ଓ ଇରାକରେ ଇରାନର ଆକ୍ରମଣକୁ ଆମେରିକା ଏବଂ ଇସ୍ରାଏଲ ପାଇଁ ଏକ ଚେତାବନୀ ଭାବେ ଦେଖାଯାଉଛି । ଇରାନ ସମର୍ଥିତ ସଂଗଠନ ହୁତୀ ଓ ଅନ୍ୟାନ୍ୟ ସଂଗଠନ ଉପରେ କାରଣ ଉଭୟ ଆମେରିକା ଓ ଇସ୍ରାଏଲ କରୁଛନ୍ତି ।

## କଂଗ୍ରେସକୁ ଫେରିଲେ ....

ସମିତି(ବିଆରଏସ)ରେ ସାମିଲ ହୋଇଥିଲେ। ଆଗାମୀ ନିର୍ବାଚନରେ ଓଡ଼ିଶାରୁ ବିଆରଏସ୍‌ରୁ ଲଢ଼ିବେ ବୋଲି ସପନ ଦେଇଥିଲେ। ହେଲେ ସେମିତି କିଛି ଦେଖିବାକୁ ମିଳିଲା ନାହିଁ। ଏବେ ଗମାଙ୍ଗ ପରିବାର ପୁଣି ଥରେ କଂଗ୍ରେସକୁ ଫେରିଛନ୍ତି। ସେହିପରି ବରଗଡ଼ର ପୂର୍ବତନ ସାଂସଦ ସଞ୍ଜୟ ଭୋଇ କଂଗ୍ରେସ ଟିକେଟରେ ୨୦୦୯ରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ତେବେ ୨୦୧୯ ମସିହାରେ କଂଗ୍ରେସ ତାଙ୍କୁ ଟିକେଟ୍ ଦେଇନଥିଲା। ଯେଉଁଥିପାଇଁ ସେ କଂଗ୍ରେସ ଛାଡ଼ି ବିଜେପିରେ ଯୋଗ ଦେଇଥିଲେ।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ



ନୀଳଗିରି , ୧୭/୧ (ନି.ପ୍ର): ଜାନୁଆରୀ ୧୬ତାରିଖ ଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନ ବ୍ୟାପି ଓଡ଼ିଶା ଜଳ ସମ୍ପଦ ବିଭାଗ, ଅନୁକୂଲ୍ୟ ରେ ସମଗ୍ର ରାଜ୍ୟରେ ପାଣି ପଂଚାୟତ ପକ୍ଷ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର କ୍ଷୁଦ୍ର ଜଳସେଚନ ବିଭାଜନ ଆନୁକୂଲ୍ୟରେ ଦିବା ୧୧. ୩୦ ମିନିଟ ସମୟରେ ନୀଳଗିରି ବ୍ଲକ ଅନ୍ତର୍ଗତ ରିଷଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରିଷିଆ ଠାରେ ବିଭାଜନ ସ୍ତରୀୟ ପାଣି ପଂଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଯୋଗଦାନ କରି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ଏଥିରେ "ଆଦର୍ଶ ଗତ ପାଣିର ସୁବିନିଯୋଗର" ଉପରେ ଚିତ୍ରାଙ୍କନ, ରଚନା, ବକ୍ତୃତା ପ୍ରତିଯୋଗିତା ମାଧ୍ୟମରେ ଉପଭୋକ୍ତା କିଭଳି ଜଳର ସୁବିନିଯୋଗ, ଜଳ ସଂରକ୍ଷଣ, ଅଳ୍ପ ପାଣିରେ ଉତ୍ତମ ଚାଷ କରି ହେବ ସେ ସମ୍ପର୍କରେ ସଚେତନ କରାଯାଇ ଥିଲା । ଭାଗ ନେଇଥିବା କୃତି ପ୍ରତିଯୋଗୀ ମାନଙ୍କୁ ବିଧାୟକଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅଂଚଳର ଶତାଧିକ ଚାଷୀଙ୍କ ସମାଗମ ହୋଇଥିଲା ।ଚାଷୀଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଏଥିରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ପାଣି ପଂଚାୟତର ବହୁବିଧ ଅସୁବିଧା କିଭଳି ସମାଧାନ କରିହେବ ଉପସ୍ଥିତ ଚାଷୀ ବିଧାୟକ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରିଷିଆ ର ଚାରିଗୋଟି ପାଣି ପଂଚାୟତ ଏବଂ ଅନ୍ୟ ପାଣିପଞ୍ଚାୟତର ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କ ସମେତ ବାଲେଶ୍ୱର କ୍ଷୁଦ୍ର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସୁଶୀଲ କୁମାର ବିଶ୍ୱାଳ, ନୀଳଗିରି କ୍ଷୁଦ୍ର ଜଳସେଚନ ବିଭାଗର ଏସଡ଼ିଓ ନିମାଇଁ ନାଏକ, ଯନ୍ତ୍ରୀ ରମେଶ ଚନ୍ଦ୍ର ଦାସ, ବିଜେପି ନେତା ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ଦାସ, ଅନିଲ ରାୟ, ଜୟନ୍ତ ଦାସ, ଉପସ୍ଥିତ ଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଗୁରୁବାର, ଜାନୁଆରୀ ୧୮, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଉତ୍ସବ ମୁଖର ଖଇରା ବ୍ଲକ

ଖଇରା, ୧୭/୧ (ନି.ପ୍ର): ଜଗନ୍ନାଥ ପରିକ୍ରମା ପଥ ଲୋକାର୍ପଣ ଅବସରରେ ବାଲେଶ୍ୱର ଜିଲା ଖଇରା ବ୍ଲକ ର ୩୭ପଞ୍ଚାୟତ ବୁଧବାର ଉତ୍ସବମୁଖର ହୋଇ ପଡିଛି ।ସାରଡାଙ୍ଗ ପଞ୍ଚାୟତ ରେ ନିର୍ବାହୀ ଅଧିକାରୀ ଦେବେନ୍ଦ୍ର କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁରେଇସାହି ଚଣ୍ଡୀମନ୍ଦିର ପ୍ରାଙ୍ଗଣରେ ଶହଶହ ଭକ୍ତଙ୍କ ଉପସ୍ଥିତିରେ ଲୋକାର୍ପଣ ସମାରୋହର ଲାଇଭ ସୋ ପ୍ରଦର୍ଶିତ ହୋଇଥିଲା । ଛୋଟଛୋଟ ପିଲାମାନଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ କରାଯାଇଥିଲା । ଖଇରା ଦୁର୍ଗାମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ସରପଞ୍ଚ ମାଳତୀ ସେଠୀ, ସମିତିସଭ୍ୟା ନର୍ମଦା ଦେଓ ଓ ପୂର୍ବତନ ସରପଞ୍ଚ ସୁଦର୍ଶନ ସେଠୀ,ପ୍ରିତମ ନାୟକ,ମିଳନ ପତ୍ରୀ,ଏମବିକେ ନିରୁପମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ନନ୍ଦୁର ସରପଞ୍ଚ ଜୟନ୍ତି ପତି ଓ ସମିତିସଭ୍ୟା ଦମୟନ୍ତୀ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହଜାରେରୁ ଉର୍ଦ୍ଧ ଭକ୍ତଙ୍କ ପାଇଁ ଉତ୍ସବର ସିଧାପ୍ରସାରଣର ବ୍ୟବସ୍ଥା କରାଯାଇଥିଲା । ସେହିଭଳି ମାଖନପୁର ପଞ୍ଚାୟତର ରାଧାରସିକମୋହନ ମନ୍ଦିର ପରିସରରେ ଆଧ୍ୟାତ୍ମିକ ପରିବେଶରେ ଲୋକାର୍ପଣ ସମାରୋହକୁ ଜନସାଧରଣ ବହୁ ସଂଖ୍ୟାରେ ଉପଭୋଗ କରିଥିଲେ । ଗଗନଧୂଳି ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ଆରତୀ ବେହେରା, ସରପଞ୍ଚ ମଦନମୋହନ ସାନ୍ତରା,ସମିତି ସଭ୍ୟା ଗୀତାଞ୍ଜଳୀ ବେହେରା,ପ୍ରାକ୍ତନ ସରପଞ୍ଚ କରୁଣାକର ଜେନା ପ୍ରମୁଖଙ୍କ ଉପସ୍ଥିତିରେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ସାମାରୋହ ପାଳିତ ହୋଇଯାଇଛି । ହରିପୁର ପଞ୍ଚାୟତ ର ହରିପୁର ମହାଦେବ ମନ୍ଦିର ପସମ୍ମୁଖରେ ସରପଞ୍ଚ ପ୍ରଦୀପ ପର୍ଶୁରାମ ବେହେରା ଓ ଜିଆରସ ବିଜୟ ତିଆଡି ଓ ସୁନ୍ଧିରା ପଞ୍ଚାୟତରେ ସରପଞ୍ଚ ମମତାରାଣୀ ପରିଡାଙ୍କ ଉପସ୍ଥିତିରେ ଭାବଭକ୍ତିଭରା ପରିବେଶରେ ଉତ୍ସବର ଆୟୋଜନ କରାଯାଇଥିଲା । ଏହାଛଡା କୁରୁଣ୍ଡା,ଗରସଙ୍ଗ,ମାଣିତ୍ରୀ,ଗୋଳିହା ଇତ୍ୟାଦି ପଞ୍ଚାୟତରେ ଭକ୍ତମାନେ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

# ବ୍ଲକସ୍ତରୀୟ ୨୮ତମ ବାର୍ଷିକ ଟୁସୁମେଳା ପାଳିତ



ବେତନଟୀ, ୧୭/୧ (ନି.ପ୍ର): ବେତନଟୀ ବ୍ଲକ ଅଧୀନ ବାଘବସା ଠାରେ ବ୍ଲକସ୍ତରୀୟ ୨୮ତମ ବାର୍ଷିକ ଟୁସୁମେଳା ଉଦଘାଟିତ ହୋଇଯାଇଛି । ଏହି ଟୁସୁମେଳା ରେ ମୁଖ୍ୟଅତିଥି ଭାବରେ ବିଜେଡିର ଯୁବ ସଂଗଠକ କରମଚାନ୍ଦ କାଳନ୍ଦୀ , ସମ୍ମାନୀତ ଅତିଥି ଭାବରେ ସରପଞ୍ଚ ଖଇରୀ କିନ୍ତୁ, ସମିତିସଭ୍ୟା ନମିତା ମହାନ୍ତ, ପ୍ରାକ୍ତନ ସରପଞ୍ଚ ରବୀନ୍ଦ୍ର କିନ୍ତୁ ପ୍ରମୁଖ ମଞ୍ଚାସୀନ ଥିଲେ । କୁଡୁମୀ ସମ୍ପ୍ରଦାୟ ପକ୍ଷରୁ ମକରସଂକ୍ରାନ୍ତି ଅବସରରେ ଆୟୋଜିତ ଟୁସୁଦେବୀଙ୍କ ପୂଜାର୍ଚ୍ଚନାକୁ ନେଇ ଟୁସୁମେଳାର ଆୟୋଜନ କରାଯାଇଥିଲା । ଏହି ଅବସରରେ ବେତନଟୀ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆଣି ସୁସଜ୍ଜିତ ଟୁସୁଦେବୀଙ୍କ ମୂର୍ତ୍ତିକୁ ଆଣି ବାଘବସା ଠାରେ ପ୍ରସ୍ତୁତ କରାଯାଇଥିବା ପ୍ୟାଣ୍ଡେଲରେ ରଖାଯାଇଥିଲା। ଏହାପରେ ବିଚାରକମଣ୍ଡଳୀ ଦ୍ୱାରା ଟୁସୁଦେବୀଙ୍କୁ ସୁସଜ୍ଜିତ କରାଯାଇଥିବା ମାନଙ୍କୁ ନେଇ ମୂଲ୍ୟାଙ୍କନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ସଭାପତି ଭାନୁପ୍ରିୟା ମହାନ୍ତ, ସମ୍ପାଦିକା ଦମୟନ୍ତୀ ମହାନ୍ତ, ବିଶୁ ହେମ୍ବ୍ରମ, ପ୍ରତାପ ମହାନ୍ତ, ମଧୁ ମହାନ୍ତ, ମହେନ୍ଦ୍ର ମହାନ୍ତ, ରତ୍ନକର, ପାଇଟୁ ହେମ୍ବ୍ରମ, ଶୁଭେନ୍ଦୁ, ଲକ୍ଷ୍ମୀଧର, ରାମଦାସ ହେମ୍ବ୍ରମ, କାନ୍ଦୁରୁ, ଲମ୍ବୋଦର ମହାନ୍ତଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଏହି ଅବସରରେ ମେଳାରେ ହଜାର ହଜାର ଲୋକଙ୍କର ସମାଗମ ଦେଖିବାକୁ ମିଳିଥିଲା ।

# ‘ନୂଆ -ଓ’ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ




ମଙ୍ଗଳପୁର, ୧୭/୧ (ନି.ପ୍ର): ଶ୍ରୀନିବାସ ଉଚ୍ଚ ମାଧମିକ ବିଦ୍ୟାଳୟ ରେ ଓଡିଶା ସରକାର ଙ୍କ ପ୍ରାୟୋଜିତ ବିଶ୍ୱ ଓଡ଼ିଆ ସାହିତ୍ୟ ସମ୍ମିଳନୀ ଏବଂ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଉପଲକ୍ଷେ 'ନୂଆ -ଓ ' ସାହିତ୍ୟ ପ୍ରତିଯୋଗିତା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପର୍ଯ୍ୟବେକ୍ଷିତ ପ୍ରତିଯୋଗିତା ଗୋଡ଼ିକର ଶୁଭାରମ୍ଭ ହୁଇଯାଇଛି । ଏହି ଉଦଘାଟନ ଉତ୍ସବ ରେ ଭାରପ୍ରାପ୍ତ ଅଧକ୍ଷ ଶ୍ରୀଯୁକ୍ତ ପୂର୍ଣଚନ୍ଦ୍ର ବେହେରା ଅଧକ୍ଷତା ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଇଥିଲା । ବିଶିଷ୍ଟ ପ୍ରବଚକ ତଥା ପାଲାଗାୟକ ଶ୍ରୀଯୁକ୍ତ ବଂଶୀଧର ପଣ୍ଡା ଜଗନ୍ନାଥ ଚେତନା ଉପରେ ଆଧାରିତ ତାଙ୍କର ଦିଖାନ୍ତ ଭାଷଣ ରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ, ଅଧାପକ ଅଧାପିକା ଓ ବିଦ୍ୟାଳୟ ର ସମସ୍ତ କର୍ମଚାରୀବୃନ୍ଦ ଙ୍କୁ ମନମୁଗ୍ଧ କରିଥିଲେ ।ଏହି କାର୍ଯ୍ୟକ୍ରମ ର ଅଧିକାରିଣୀ ଶ୍ରୀମତୀ ପୁଷ୍ପଲତା ପାଢ଼ୀ ଏବଂ ସଂସ୍କୃତି ଅଧିକାରୀ ଡ଼ଃ ପୁଣ୍ୟବ୍ରତ ମହାନ୍ତି ଓଡିଶାର ଛାତ୍ରଛାତ୍ରୀ, ଯୁବକ ଯୁବତୀ ମାନଙ୍କର ସାମଗ୍ରିକ ବିକାଶ ପାଇଁ ଓଡିଶା ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ କୁ ଭୁୟସୀ ପ୍ରଶଂସା କରିଥିଲେ ।ପ୍ରତିଯୋଗୀ ମାନେ ଏସବୁ ପ୍ରତିଯୋଗିତା ମାଧମରେ ନିଜର ଅନ୍ତର୍ନିହିତ ସୁଗୁଣର ବିକାଶ କରାଇବା ପାଇଁ ସେମାନଙ୍କୁ ପରାମର୍ଶ ଦେଇଥିଲେ ।ସେହି ବିଦ୍ୟାଳୟ ଟ୍ୟାଲେଣ୍ଟେଡ଼ ର ଛାତ୍ରୀ ସୁଶ୍ରୀ ସ୍ମୃତିରେଖା ମଲିକ ଓଡସି ନୃତ୍ୟ ଏବଂ ସୁଶ୍ରୀ ମୌସୁମୀ ମହାରଣା ଜଗନ୍ନାଥ ଙ୍କ ଭକ୍ତି ସଂଗୀତ ପରିବେଷଣ କରି ସମସ୍ତ ଙ୍କୁ ମନମୁଗ୍ଧ କରାଇଥିଲେ ।ଏହି କାର୍ଯ୍ୟକ୍ରମ ର ସଫଳତା ପାଇଁ ଅଧାପକ ଅଜୟ କୁମାର ବାରିକ, ଡ଼ଃ ସସ୍ମିତ କୁମାର ପଳିତା, ଅଧାପିକା ନିବେଦିତା ମଲିକ, ସନ୍ଧ୍ୟାରାଣୀ ଜେନା, ଅନ୍ନପୂର୍ଣ୍ଣା ଜେନା,, ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉଳ, ଶ୍ରୀଯୁକ୍ତ ଭରତ ଚନ୍ଦ୍ର ମହାନା, ଶ୍ରୀଯୁକ୍ତ ଅତୁଲବିହାରୀ ପାଢ଼ୀ ଏବଂ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ ସାହୁ ସକ୍ରିୟ ସହଯୋଗ କରିଥିଲେ । ପରିଶେଷରେ ଡ଼ଃ ପୁଣ୍ୟବ୍ରତ ମହାନ୍ତି ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୀଳଗିରି ଅଯୋଧାରେ ପୁଣି ଦୃଷ୍ଟି ଗୋଚର ହେଲା ମାଟି ତଳେ ପୋତିହୋଇଥିବା ମନ୍ଦିରର ଶିଖର



ନୀଳଗିରି , ୧୭/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଐତିହାସିକ ସଂସ୍କୃତି ସମ୍ପନ୍ନ ଗାଁ ଅଯୋଧା ଠାରେ ବିଭିନ୍ନ ସମୟରେ ବହୁ ପୁରାତନ ମନ୍ଦିରର ଭଗ୍ନାବଶେଷ, ବୌଦ୍ଧ, ଜୈନ ଆଦି କୀର୍ତ୍ତିରାଜିର ଐତିହ ସମ୍ପନ୍ନ ମୂର୍ତ୍ତୀ ଗ୍ରାମର ବିଭିନ୍ନ ସ୍ଥାନରୁ ମିଳିଥିବା ଦେଖିବାକୁ ମିଳିଛି । ଉକ୍ତ ମୂର୍ତ୍ତୀ ଗୁଡିକ ରାଜ୍ୟ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଉଦ୍ଧାର ହୋଇ ଅଯୋଧା ଠାରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇ ସୁରକ୍ଷିତ ରଖାଯାଇଛି । ମାତ୍ର ପ୍ରଶାସନିକ ଅବହେଳା ପାଇଁ ବିଭିନ୍ନ ସମୟରେ ମୂର୍ତ୍ତୀ ଗୁଡିକ ଚୋରି ହୋଇ ରାଜ୍ୟ ତଥା ରାଜ୍ୟ ବାହାରେ ଏପରିକି ବିଦେଶରେ ଉଚ୍ଚ ଦାମରେ ବିକ୍ରୀ ହେଉଥିବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ସରକାର ଏଥିପ୍ରତି ଯତ୍ନବାନ ନୁହଁନ୍ତି । ଏଥିସହିତ ସରକାର ପ୍ରଚାର ପ୍ରସାର ପାଇଁ ତତ୍ପରତା ଦେଖାଉନଥିବାରୁ ପର୍ଯ୍ୟଟକଙ୍କ ଅନ୍ତୁଆଳରେ ଏପରି କୀର୍ତ୍ତିରାଜି ଗ୍ରାମଟି ଲୋକଲୋଚନକୁ ଆସିପାରୁ ନାହିଁ । ଏପରିକି ଗବେଷକ ମାନେ ମଧ ମୁହଁ ମୋଡୁଥିବା ଶୁଣିବାକୁ ମିଳେ । ଏହି ଐତିହ୍ୟ ସମ୍ପନ୍ନ ଗାଁରେ ମଙ୍ଗଲା ସିଂ ନାମକ ଜଣେ ଗ୍ରାମବାସୀଙ୍କ ପରିତ୍ୟକ୍ତ ବାଡ଼ିରେ ମାଟିତଳେ ପୋତିହୋଇଥିବା ଏକ ମନ୍ଦିରର ଅଗ୍ରଭାଗ ବୁଧବାର ଦୃଶ୍ୟମାନ ହେବା ପରେ ଅଞ୍ଚଳରେ ଉକ୍ତ ମନ୍ଦିରର ଶିଖର ଦେଖିବାକୁ ଲୋକାରଣ୍ୟ ହୋଇପଡିଛି । ପୂର୍ବରୁ ବହୁବାର ମାଟିତଳୁ ପୁରାତନ ମନ୍ଦିରର ଭଗ୍ନାବଶେଷ ମିଳିବା ଏବଂ ଏବେ ଏଭଳି ମନ୍ଦିରର ଶିଖର ଦୃଶ୍ୟମାନ ହେବା ପରେ ପୁରାତନ ଯୁଗରେ ଅଯୋଧା ଅଞ୍ଚଳଟି ଏକ ମନ୍ଦିର ମାଳିନୀ ଅଞ୍ଚଳ ଥିବାର ପ୍ରମାଣ ମିଳେ । ତେବେ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକ ତତ୍ପର ଦେଖାଇ ଉକ୍ତ ଗ୍ରାମରେ ପ୍ରତ୍ନତତ୍ତ୍ୱବିଭାଗ ଦ୍ୱାରା ସର୍ବେକ୍ଷଣ କରି ପୁରାତନ ମନ୍ଦିର ଓ ମୂର୍ତ୍ତୀ ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଯତ୍ନଶୀଳ ହେବାକୁ ଦାବୀ ହୋଇଛି ।

# ସାହିତ୍ୟ, ସଂସ୍କୃତି ଓ ପରମ୍ପରା ମଧ୍ୟରେ ଲୁଚି ରହିଛି ଅଭୁତ ଶକ୍ତି : ପ୍ରମିଳା ପଣ୍ଡା



କପ୍ତିପଦା , ୧୭/୧ (ନି.ପ୍ର): ଉତର ଓଡ଼ିଶାର ଗଣପର୍ବ ମକର ଉପଲକ୍ଷେ କପ୍ତିପଦା ଉପଖଣ୍ଡର ସମୀବୃକ୍ଷ ପର୍ଯ୍ୟଟନ ବଳୟର ମା' ଟାଙ୍ଗରାଶୁଣି ଶକ୍ତିପୀଠ ଠାରେ ୩୦ ତମ ରାଜ୍ୟ ସ୍ତରୀୟ ମକର ମିଳନ ଓ ସାରସ୍ୱତ ସମାରୋହ ବହୁ ଭାଷା, ସାହିତ୍ୟ, କଳା, ସଂସ୍କୃତି ପ୍ରେମି ମାନଙ୍କୁ ନେଇ ଅନୁଷ୍ଠିତ ହୋଇ ଯାଇଛି । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ସମାରୋହକୁ ଉଦ୍‌ଘାଟନ କରି ସାହିତ୍ୟ, ସଂସ୍କୃତି ପରମ୍ପରା ମଧ୍ୟରେ ଲୁଚି ରହିଛି ଅଭୁତ ଶକ୍ତି, ଯାହାକି ଅଖଣ୍ଡ ଭାରତର ସ୍ୱପ୍ନକୁ ସାକାର ରୂପ ଦେବା ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛି ବୋଲି ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ଚେତନା ସାହିତ୍ୟ ସଂସଦର ସଂପାଦକ ଶରତ ଚନ୍ଦ୍ର ମହାପାତ୍ର, ସ୍ଥାନିୟ ବିଧାୟକ ଭାସ୍କର ମଢ଼େଇ, ଫକୀର ମୋହନ ସାହିତ୍ୟ ପରିଷଦର ପୁର୍ବତନ ସଂପାଦକ ଡ଼. କୁମାର ଗୋପାଳ, ବାଣିପୀଠର ଅଧକ୍ଷ ଡ଼. କୁମାର ବାବୁଲି, ଓଡ଼ିଶା ସାହିତ୍ୟ ଏକାଡ଼େମିର ସଦସ୍ୟ ଅଜିତ ପାତ୍ର, କବୟିତ୍ରୀ ଡ଼. ଅସିମା ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ନମିତା ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ପ୍ରଫୁଲ କୁମାର ଖିଲାର, ଇନ୍ଦ୍ରମଣି ବିନ୍ଧାଣୀ, ସ୍ମୃତିମୟି ଦାସ, ଜାହ୍ନବି ପୁଟି, ଶ୍ରୀକାନ୍ତ ପ୍ରସାଦ ବେହେରା, ମନୋରଂଜନ ମଲିକ, ଡ଼. ଶ୍ରୀହରି ପଣ୍ଡା, ହେମଲତା ଶଙ୍କୁଆ, କରୁଣାକର ଦାସ ଇତ୍ୟାଦି ସ୍ୱରଚିତ କବିତା ପାଠୋ କରିଥିଲେ । କାର୍ଯ୍ୟକ୍ରମ ର ଆୟୋଜକ ସୁଶାନ୍ତ କୁମାର ବେହେରା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଶିଷ ମଲିକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛାତ୍ରୀଛାତ୍ରଙ୍କ ମାନସପଟ୍ଟରେ ଅମର ହୋଇ ରହିବେ ନନ୍ଦି ସାର୍

ଖଇରା, ୧୭/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଡା ସରକାରୀ ସ୍କୁଲର ପୂର୍ବତନ ଗଣିତ ଶିକ୍ଷକ ସ୍ୱର୍ଗତ ନିରଞ୍ଜନ ନନ୍ଦୀ(୭୬)ଙ୍କ ଏକାଦଶାହ ପାଳନ ଅବସରରେ ଏକ ସ୍ମୃତିସଭା ଖଇରା ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ କୁରୁଣ୍ଡା ହାଇସ୍କୁଲର ପ୍ରଧାନଶିକ୍ଷକ ରମାକାନ୍ତ ପଣ୍ଡା, ପ୍ରାକ୍ତନ ଶିକ୍ଷକ ଅଜୟ ପଣ୍ଡା, ରତ୍ନାକର ପଣ୍ଡା ଓ କରୁଣାକର ପୃଷ୍ଟି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଶିକ୍ଷକଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକ ପାତ କରିଥିଲେ । ଛାତ୍ରବତ୍ସଳତା, ଛାତ୍ରୀଛାତ୍ରଙ୍କ ମଧ୍ୟରେ କଳାତ୍ମକ ଭାବନା ସୃଷ୍ଟି ପାଇଁ ନିଜେ ପିଲାଙ୍କ ସହ ମିଶି ଯାତ୍ରା ମଞ୍ଚସ୍ଥ କରିବା, ସମୟାନୁବର୍ତ୍ତିତା ଇତ୍ୟାଦି ଗୁଣପାଇଁ ହଜାର ହଜାର ଛାତ୍ରୀଙ୍କ ମାନସପଟରେ ଅମର ହୋଇ ରହିବେ ବୋଲି ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ରମାନେ ପ୍ରକାଶ କରିଥିଲେ । ପ୍ରଥମେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା ।

# ବାବୁ ଭାଇଜାନ ଆନ୍ତଃ ଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ: ମୁଣ୍ଡାବଣି ଦଳ ଚମ୍ପିୟାନ



ବସ୍ତା, ୧୭/୧ (ନି.ପ୍ର): ବସ୍ତା ବ୍ଲକ ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଦରଖୁଳି ବୀର ହନୁମାନ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ବାବୁ ଭାଇଜାନ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ବାଲେଶ୍ୱରର ବାବୁ ଭାଇଜାନ ଦଳ ଓ ମୟୁରଭଞ୍ଜର ମୁଣ୍ଡାବଣି ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସଂଘର୍ଷପୂର୍ଣ୍ଣ ମ୍ୟାଚର ପେନାଲଟି ଗୋଲରେ ବାବୁ ଭାଇଜାନ ଦଳକୁ ୧୦-୯ ସେଟରେ ପରାସ୍ତ କରି ମୁଣ୍ଡାବଣି ଦଳ ଚମ୍ପିୟାନ ହୋଇଥିଲା । ରେଫେରୀ ବୁଦ୍ଧଦେବ ମୁର୍ମୁ ଓ ଚନ୍ଦନ କୁମାର ସିଂ ମ୍ୟାଚ ପରିଚାଳନା କରିଥିଲେ । ଶିଳ୍ପପତି ଅବଦୁଲ ଅମିନ ଖାନ ଓ ସଲିମ ଖାନଙ୍କ ପ୍ରଯୋଜିତ ଏହି ଆନ୍ତଃ ଜିଲା ଟୁର୍ନାମେଣ୍ଟରେ ୧୬ ଟି ପ୍ରମୁଖ ଦଳ ଅଂଶଗ୍ରହଣ କରିଥିଲେ । କ୍ଲବ ସଭାପତି ରବିରାମ ସିଂଙ୍କ ପୌରାହିତ୍ୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ସାମ୍ବାଦିକ ବାଞ୍ଛାନିଧି ଦେ, ସମ୍ମାନିତ ଅତିଥି ବାବୁ ଭାଇଜାନଙ୍କ ପ୍ରତିନିଧି ମୁଦାସୀର ଖାନ ଓ ମାନସ ମିଶ୍ର ଯୋଗ ଦେଇ ଚମ୍ପିୟାନ ଦଳକୁ ନଗଦ ୧୦ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ତାରାକାନ୍ତ ସିଂ ଧାରା ବିବରଣୀ ପ୍ରଦାନ କରିଥିଲେ । କ୍ଲବ ସଦସ୍ୟ ବ୍ରଜ ସିଂ, ଦିପୁ ସିଂ, ରାଜା ସିଂ, ବୀରେନ୍ଦ୍ର ସିଂ, ଝଡିଆ ସିଂ ଓ ବକ୍ଷଡୁ ସିଂ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ ।

# ସମଲେଶ୍ୱରୀ ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ଆଖଣ୍ଡଳମଣି ଓ ଭଦ୍ରକାଳୀ ମନ୍ଦିରକୁ ନିମନ୍ତ୍ରଣ



ଭଦ୍ରକ, ୧୭/୧ (ନି.ପ୍ର): ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀ ମନ୍ଦିର ପ୍ରକଳ୍ପର ଶୁଭ ଲୋକାର୍ପଣ ଉତ୍ସବ ଆସନ୍ତା ୨୭ ଜାନୁୟାରୀ ରେ ପାଳିତ ହେବାର କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି । ଏହି ଉତ୍ସବକୁ ଭଦ୍ରକ ଜିଲ୍ଲାର ବାବା ଆଖଣ୍ଡଳମଣି ମନ୍ଦିର, ଆରଡ଼ି ଓ ମା ଭଦ୍ରକାଳୀ ମନ୍ଦିର, ଭଦ୍ରକ କୁ ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟି ତରଫରୁ ନିମନ୍ତ୍ରଣ କରାଯାଇଛି । ଏହି ନିମନ୍ତ୍ରଣ ପ୍ରଦାନ ଓ ଗ୍ରହଣ ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁଙ୍କ ଅଧକ୍ଷତାରେ ଜିଲ୍ଲା ସଂସ୍କୃତି ଭବନରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନିମନ୍ତ୍ରଣ ପ୍ରଦାନକାରୀ ଦଳରେ ଥିବା ପ୍ରଶାସନିକ ଅଧିକାରୀ, ପୂଜକ ଏବଂ ଟ୍ରଷ୍ଟି ସଦସ୍ୟ ମାନଙ୍କୁ ଜିଲ୍ଲା କାର୍ଯ୍ୟାଳୟ ପ୍ରବେଶପଥ ନିକଟରେ ଥିବା ଆଇଲଭ୍ ଭଦ୍ରକ ସ୍ଥାନରୁ ସଂକୀର୍ତ୍ତନ ପରିବେଷଣ ଜରିଆରେ ସ୍ୱାଗତ ଜଣାଇ ସଂସ୍କୃତି ଭବନକୁ ପାଛୋଟି ଅଣାଯାଇଥିଲା । ସେଠାରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରଭୁ ଜଗନ୍ନାଥ ଓ ମା ସମଲେଶ୍ୱରୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରାଯାଇଥିଲା । ଆଗନ୍ତୁକ ଅତିଥି ସମଲେଶ୍ୱରୀ ପ୍ରକଳ୍ପ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହିତ ମା ସମଲେଶ୍ୱରୀଙ୍କ ମହିମା ସମ୍ବନ୍ଧରେ ବକ୍ତବ୍ୟ ରଖି ଏହି କାର୍ଯ୍ୟରେ ଯୋଗ ଦେବାପାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ଦୁଇ ମନ୍ଦିରର ସେବାୟତ ଓ ପୂଜକ ମାନଙ୍କୁ ନିମନ୍ତ୍ରଣ ଜଣାଇଥିଲେ । ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ନିମନ୍ତ୍ରଣକାରୀ ସଦସ୍ୟ ମାନଙ୍କୁ ସ୍ୱାଗତ କରାଯାଇ ନିମନ୍ତ୍ରଣକୁ ଉଭୟ ମନ୍ଦିରର ସେବାୟତ ଓ କର୍ମକର୍ତ୍ତା ମାନେ ସାଦରେ ଗ୍ରହଣ କରିଥିଲେ । ଏହି ନିମନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବଲପୁର ଜିଲ୍ଲା ପ୍ରଶାସନ ପ୍ରତି କୃତଜ୍ଞତା ପ୍ରକାଶ କରାଯାଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚ୍ଛଳନା କରିଥିଲେ । ଜିଲ୍ଲା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚ୍ଛଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ ତିହିଡ଼ିର ସଂକୀର୍ତ୍ତନ ଦଳ ନାମ ସଂକିର୍ତ୍ତନ ପରିବେଷଣ କରିଥିଲେ । ନିମନ୍ତ୍ରଣ ପ୍ରଦାନକାରୀ ଦଳରେ ସମଲେଶ୍ୱରୀ ମନ୍ଦିର ନିର୍ବାହୀ ଅଧିକାରୀ ପ୍ରେମରାଜ ପାଣିଗ୍ରାହୀ, ଏବଂ ପୂଜକ ପ୍ରକାଶ ରାୟ, ସହକାରୀ ଜିଲ୍ଲାପାଳ ସୂର୍ଯ୍ୟ କୁମାର ବରାଳ ସାମିଲ୍ ଥିଲେ ।

# ମୁମ୍ବାଇ ଏୟାରପୋର୍ଟରୁ ୪କିଲୋ ସୁନା ଜବତ: ୪ଗିରଫ

ମୁମ୍ବାଇ, ୧୭/୧ (ନି.ପ୍ର): ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଟିମ୍ ମୁମ୍ବାଇ ଏୟାରପୋର୍ଟରୁ ୨ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୪ କିଲୋଗ୍ରାମ ସୁନା ଜବତ କରିଛନ୍ତି । ଏହି ମାମଲାରେ ଟିମ୍ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଡିଆରଆଇ ସୂତ୍ର ଅନୁସାରେ ମଙ୍ଗଳବାର ମୁମ୍ବାଇ ଏୟାରପୋର୍ଟରେ ଡିଆରଆଇ ଟିମ ନଜର ରଖିଥିଲା । ଏହି ସମୟରେ ଦୁଇଜଣ ସନ୍ଦିଗ୍ଧ ଯାତ୍ରୀଙ୍କ ଲଗେଜ ଯାଂଚ କରାଯାଇଥିଲା । ଯାଂଚ ସମୟରେ ଦୁଇ ଯାତ୍ରୀଙ୍କ ଇନରୱେୟାରରୁ ମହମ ଆକାରରେ ଦୁଇ କିଲୋଗ୍ରାମ ସୁନା ଧୂଳି ମିଳିଥିଲା । ଦୁଇଜଣଙ୍କ ଇନର ସ୍ୱତନ୍ତ୍ର ଭାବେ ସିଲେଇ ହୋଇଥିଲା, ଯାହାକୁ ଡିଆରଆଇ ଟିମ୍ ଜବତ କରିଛନ୍ତି । ଏହାପରେ ଦୁଇଜଣଙ୍କ ସାମଗ୍ରୀ ତଲାସୀ ସମୟରେ ୩ଟି ମିକ୍ସଚର ଗ୍ରାଇଣ୍ଡରରେ ଲୁଚାଇଥିବା ୨ କିଲୋଗ୍ରାମ ସୁନା ଟୁକୁଡା ମିଳିଥିଲା । ଯାହାକୁ ଜବତ କରାଯାଇଛି । ଏହିପରି ଭାବେ ପ୍ରାୟ ୨.୫୯ କୋଟି ଟଙ୍କାର ୪ କିଲୋଗ୍ରାମ ସୁନା ଜବତ କରାଯାଇଛି । ଦୁଇଜଣଙ୍କ ପଚରାଉଚରା ସମୟରେ ଜଣାପଡିଥିଲା ଯେ, ଏୟାରପୋର୍ଟ ବାହାରେ ୨ଜଣ ବ୍ୟକ୍ତି ସୁନା ନେବାକୁ ଅପେକ୍ଷା କରିଛନ୍ତି । ଡିଆରଆଇ ଟିମ୍ ଜାଲ ବିଛାଇ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

# ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ




ଲଙ୍ଗଳେଶ୍ୱର , ୧୭/୧ (ନି.ପ୍ର): ବାଲିଆପାଳ ବ୍ଲକ ପଞ୍ଚୁପାଲି ସ୍ଥିତ କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା ଉଦଘାଟିତ ହୋଇ ଯାଇଛି । କଲେଜ ଅଧକ୍ଷ ରାଜ କିଶୋର ବାରିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅଧାପକ ସୁଧୀର କୁମାର ନନ୍ଦ ଅତିଥି ପରିଚୟ, ନୋଡାଲ ଅଫିସର ଅଧାପକ କୃଷ୍ଣ ନନ୍ଦ ପାତ୍ର ପ୍ରାକ ସୂଚନା ପ୍ରଦାନ କରିଥିଲେ । ବରିଷ୍ଠ ସାମ୍ବାଦିକ ରବି ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦବୋଧନ ପ୍ରଦାନ କରିଥିଲେ ।ଅଧାପକ ଡ଼ଃ ଲକ୍ଷ୍ମୀ କାନ୍ତ ରଥ ,ଚନ୍ଦନ କୁମାର ନନ୍ଦ, ଅଧାପିକା ସରୋଜିନୀ ପରିଡା, ସବିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧାପକ ବନମାଳୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ରୀ ମାନେ ମାତୃଭାଷା ଓ ଭଜନ ପରିବେଷଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo